ବର୍ଷ-୯
ସଂଖ୍ୟା-୧୬୧
ତା.୩୦ ଜୁଲାଇ ୨୦୨୨
ଶନିବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

Vol-9
Issue-161
Date:30, July 2022
Saturday, Page-8, Rs-2/-
POSTAL Regd.No.10120(K)/17/2018-21

PRAJABARTA
ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper
Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil
ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...


ପୁଣି ୪ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ



କିମ୍ସରେ ୩୦୦ ଶଯ୍ୟା ବିଶିଷ୍ଟ କ୍ୟାନସର ସେଣ୍ଟର, ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

# ରାଜଧାନୀରେ ଗଡ଼ିଲା ଇ-ରିକ୍ସା ଓ ଇ-ବସ୍









## ଇ-ବସ୍ ଓ ଇ-ରିକ୍ସା ଚଳାଚଳର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯ ଜୁଲାଇ - ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱର ଏୟାରପୋର୍ଟ ଛକ ଠାରେ ଇ-ବସ ଓ ଇ-ରିକ୍ସା ଚଳାଚଳର ଶୁଭାରମ୍ଭ କରିଛନ୍ତି। ଗାଡି ଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ସହରରେ ବାୟୁ ପ୍ରଦୂଷଣ କମ୍ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଇ-ବସ ଓ ୫୦ ଟି ଇ-ରିକ୍ସା ଚଳାଚଳ ବ୍ୟବସ୍ଥା ଆରମ୍ଭ ହୋଇଛି। ଆଗାମୀ ଦିନରେ ୫୦ ଟି ଇ ବସ ଚଳାଚଳ କରାଯିବାର ଲକ୍ଷ୍ୟ ରଖା ଯାଇଛି। ଲିଙ୍ଗ ସମାନତା ଉପରେ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକ କ୍ରୁଟ୍ ପକ୍ଷରୁ ଗାଇଡ୍ ଭାବରେ ୫୦ ପ୍ରତିଶତ ମହିଳାଙ୍କୁ ନିଯୁକ୍ତ କରାଯାଇଛି। ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମଧ ମହିଳାଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରତ୍ୟେକ ବସରେ ୩୦ ଟି ଆସନ ରହିଥିବା ବେଳେ ମହିଳା ମାନଙ୍କ ପାଇଁ ସଂରକ୍ଷିତ ଆସନ ଗୁଡ଼ିକୁ ଗୋଲାପି ରଙ୍ଗରେ ଚିହ୍ନିତ କରାଯାଇଛି। ସୂଚନା ଯୋଗ୍ୟ ଯେ କ୍ରୁଟ୍ ପକ୍ଷରୁ ବର୍ତ୍ତମାନ ୨୫୫ ଟି ଡିଜେଲ୍ ବସ ଚଳାଚଳ କରୁଛି।

## ରତ୍ନ ଭଣ୍ଡାରର ସୁରକ୍ଷାକୁ ନେଇ ଗୃହରେ ଉଦବେଗ

### ବିଧାନସଭାରେ ମୋହନ ମାଝୀ ଓ ନିରଂଜନ ପୁଜାରୀ ଙ୍କ ମଧ୍ୟରେ କଥା କଟାକଟି

ଭୁବନେଶ୍ୱର, ୨୯ ଜୁଲାଇ - ପୁରୀ ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ନେଇ ଶୁକ୍ରବାର ଦିନ ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି। କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଶୁକ୍ରବାର ଦିନ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇଛନ୍ତି ।ଶୂନ୍ୟକାଳରେ ଶ୍ରୀ ସାଲୁଜା ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରତ୍ନଭଣ୍ଡାରର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତିତ ଅଛନ୍ତି। ରତ୍ନଭଣ୍ଡାର ସୁରକ୍ଷିତ ଅଛି ନା ନାହିଁ ଏ ସମ୍ପର୍କରେ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ରଘୁବୀର ଦାସଙ୍କ ରିପୋର୍ଟ ଗୃହରେ ଉପସ୍ଥାପନ କରା ଯାଉ । ଏ ଦିଗରେ ବାଚସ୍ପତି ରୁଲିଂ ପ୍ରଦାନ କରିବାକୁ ବିଧାୟକ ସନ୍ତୋଷ ସିଂହ ସାଲୁଜା ଦାବି କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ୨୪ଟି କମିଶନ ଗଠନ କରିଛନ୍ତି । ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରା ଯାଇଛି । ଏଥି ମଧ୍ୟରୁ ୮ଟି କମିଶନଙ୍କ ରିପୋର୍ଟ ବିଧାନସଭାରେ ଉପସ୍ଥାପନା କରା ଯାଇ ନାହିଁ ରାଜ୍ୟରେ ହାବିଲଦାର, କନେଷ୍ଟବଳ ଓ ସିପାହୀ ମହାସଂଘର ନିର୍ବାଚନ ନ କରା ଯିବା ପ୍ରସଙ୍ଗ ଶୁକ୍ରବାର ଦିନ ବିଧାନସଭାରେ ଉଠିଛି। ଖୁବ ଶୀଘ୍ର ଏହି ସଂଗଠନର ନିର୍ବାଚନ କରାଇବାକୁ ମୋହନ ମାଝୀ ଓ ତାରା ପ୍ରସାଦ ବାହିନୀପତି ଦାବି କରିଥିଲେ । ଶୂନ୍ୟକାଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଏହି ପ୍ରସଙ୍ଗ ଉଠାଇଥିଲେ ଓ କହିଥିଲେ ଯେ ଜିଲା ସ୍ତରରେ ନିର୍ବାଚନ ହେଉଥିବା ବେଳେ ରାଜ୍ୟ ସ୍ତରରେ ନିର୍ବାଚନ ହେଉ ନ ଥିବାରୁ ପୋଲିସ ଜବାନ ମାନଙ୍କର ସମସ୍ୟାର ସମାଧାନ ହୋଇ ପାରୁ ନାହିଁ । ତେଣୁ ସେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଅନ୍ୟ ପକ୍ଷରେ ବେଳେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ ପୋଲିସ ଡିଜି ଏ ସମ୍ପର୍କରେ ଅନୁମତି ଦେଉ ନାହାନ୍ତି। ଖୁବ ଶୀଘ୍ର ଏହାର ନିର୍ବାଚନ ହେବା ଆବଶ୍ୟକ । ସେ ଗୃହରେ ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ବିବୃତି ପାଇଁ ରୁଲିଂ ଦେବାକୁ ଦାବି କରିଥିଲେ । ଆଜି ବ୍ୟାଘ୍ର ଦିବସ ଅବସରରେ ରାଜ୍ୟରେ ବାଘ ସଂଖ୍ୟା ଲଗାତାର ଭାବେ ହ୍ରାସ ପାଉଥିବା ନେଇ ଗୃହରେ ଉଦବେଗ ପ୍ରକାଶ ପାଇଛି । ଶୂନ୍ୟକାଳରେ କଂଗ୍ରେସ ବିଧାୟକ



ସୁରେଶ କୁମାର ରାଉତରାୟ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟରେ ୨୦୦୬ ମସିହାରେ ୧୧୧ ବାଘ ଥିଲେ। ଆଉ ୨୦୦୮ରେ ଏହି ସଂଖ୍ୟା ୨୮ରେ ପହଞ୍ଚିଛି । ସେହିପରି ନନ୍ଦନକାନନରେ ପଶୁପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ତେଣୁ ସରକାର ଏହା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି । ବିଧାନସଭାରେ ଶୁକ୍ରବାର ଦିନ ଶୁନ୍ୟକାଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଓ ରାଜ୍ୟର ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି । ଡକ୍ୟୁମେଂଟ ଦେଖି ପଢିବା ଅଭିଯୋଗରେ ଉଭୟଙ୍କ ମଧ୍ୟରେ ପ୍ରବଳ କଥା କଟି କଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପଡିବାରୁ ମୋହନ ମାଝୀଙ୍କୁ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଶାନ୍ତ ହୋଇ ନିଜର କଥା କୁହନ୍ତୁ ବୋଲି କହିଥିଲେ । ଶୂନ୍ୟକାଳରେ ପୋଲିସ ବିଭାଗ ସହ ସମ୍ପର୍କିତ ଏକ ପ୍ରସଙ୍ଗ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଉଠାଉଥିବା ବେଳେ ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ଏହାକୁ ନେଇ ଆପତି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ ବାଚସ୍ପତିଙ୍କ ବିନା ଅନୁମତିରେ କେହି ଗୃହରେ କୌଣସି ଡକ୍ୟୁମେଂଟକୁ ପଢି ପାରିବେ ନାହିଁ ସେ କିଛି ଦିନ ହେଲା ଦେଖୁଛନ୍ତି ଯ ବିରୋଧୀ ଦଳର ମୁଖ୍ୟ ସଚେତକ ସିଧା ସିଧା ଗୃହରେ ଡକ୍ୟୁମେଂଟ ପଢୁଛନ୍ତି । ଏହା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ସେ ବିଧାୟକଙ୍କୁ ଡକ୍ୟୁମେଂଟ ପଢିବାକୁ ଅନୁମତି ଦେଇ ନାହାନ୍ତି । ତେବେ ଅର୍ଥ ମନ୍ତ୍ରୀଙ୍କ ଏ ସମ୍ପର୍କିତ ଆପତି ଉପରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଉତକ୍ଷିପ୍ତ ହୋଇ ପଡିଥିଲେ । ଅର୍ଥ ମନ୍ତ୍ରୀ କେବେ ବିଧାନସଭାରେ ନ ପଡିକି କହିଛନ୍ତି କି ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ। ମୋହନ କହିଥିଲେ ଯେ ସେ ଡକ୍ୟୁମେଂଟରୁ ଦେଖି ପଢୁ ନାହାନ୍ତି । ପଏଂଟକୁ ଦେଖୁଛନ୍ତି। ବିନା ପଏଂଟ ଦେଖାରେ କିଭଳି ପ୍ରଶ୍ନ କରି ହେବ ବୋଲି ସେ କହିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୋହନ ମାଝୀଙ୍କୁ କହିଥିଲେ ଯେ ସେ ଶାନ୍ତ ହୋଇ ନିଜର ବକ୍ତବ୍ୟ ରଖନ୍ତୁ । ରାଜ୍ୟ ସରକାର ଶିଳ୍ପାୟନକୁ ଖୁବ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ କିଭଳି ଶିଳ୍ପ ପ୍ରତିଷ୍ଠା ହୋଇ ରାଜ୍ୟର ଅର୍ଥନୀତି ବୃଦ୍ଧି ହେବା ସହ ସ୍ଥାନୀୟ ଅଂଚଳରେ ରୋଜଗାର ସୃଜନ ହେବ ସେ ନେଇ ରାଜ୍ୟ ସରକାର ତତ୍ପର ଅଛନ୍ତି । ତେଣୁ ବିଧାୟକ ମାନେ ସେମାନଙ୍କ ଅଂଚଳରେ କେହି ଯଦି ଶିଳ୍ପ କିମ୍ବା ଇକୋ ଟୁରିଜିମ ସମ୍ପର୍କିତ କୌଣସି ପ୍ରକଳ୍ପ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନେ ତାଙ୍କୁ ନେଇ ଆସନ୍ତୁ । ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରା ଯିବ ବୋଲି ରାଜ୍ୟର ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି । ବିଧାୟକ ଧ୍ରୁବ ସାହୁଙ୍କ ମୂଳ ପ୍ରଶ୍ନ ଓ ଅନ୍ୟ ବିଧାୟକ ମାନଙ୍କର ଅତିରିକ୍ତ ପ୍ରଶ୍ନର ଉତର ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି ଯେ କୌଣସି ସ୍ଥାନରେ ଯଦି କେହି ଇକୋ ଟୁରିଜିମ ପାଇଁ କୌଣସି ଇକୋ ରିସୋର୍ଟ ଆଦି ପ୍ରତିଷ୍ଠା କରିବାକୁ ପ୍ରସ୍ତୁତ ଅଛନ୍ତି ତେବେ ସେମାନଙ୍କୁ ପ୍ରଥମେ ସେମାନଙ୍କର ଯୋଜନା ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ପଡିବ । ଏଥିରେ ବ୍ୟୟ ଅଟକଳ, କେତେ ଲୋକଙ୍କୁ ରୋଜଗାର ମିଳିବ ଆଦିର ଉଲ୍ଲେଖ ରହିଥିବା ଦରକାର। ବିଭାଗ ଏହାକୁ ପରୀକ୍ଷା ନୀରିକ୍ଷା କରିବ । ଏହା ପରେ ଯଦି ପ୍ରକଳ୍ପର ମୂଲ୍ୟ ୫୦ କୋଟିରୁ ଉର୍ଦ୍ଧ ହୋଇଥିବ ତେବେ ତାକୁ ସିଙ୍ଗଲ ବିଣ୍ଡୋରେ ଓ ୫୦ କୋଟିରୁ କମ ହେଲେ ଜିଲାପାଳଙ୍କ ନିକଟରେ ଏହାକୁ ଅନୁମୋଦନ ଦିଆ ଯାଇ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆ ଯିବ । ଶ୍ରୀ ଦେବ ବିଧାୟକ ମାନଙ୍କୁ ଏ ସମ୍ପର୍କରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ସସ୍ମିତ ପାତ୍ର ରାଜ୍ୟସଭା ସଂସଦୀୟ ଦଳ ନେତା , ସୁଲତା ମୁଖ୍ୟ ସଚେତକ ନିଯୁକ୍ତ





ଭୁବନେଶ୍ୱର, ୨୯ ଜୁଲାଇ - ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କୁ ରାଜ୍ୟସଭା ସଂସଦୀୟ ଦଳ ନେତା ଭାବେ ନିଯୁକ୍ତ କରାଯାଇଛି । ସେହିପରି ରାଜ୍ୟସଭାରେ ବିଜେଡି ମୁଖ୍ୟ ସଚେତକ ଭାବେ ସୁଲତା ଦେଓଙ୍କୁ ନିଯୁକ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶୁକ୍ରବାର ଏକ ପ୍ରେସ ବିବୃତି ମାଧ୍ୟମରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏନେଇ ସୂଚନା ଦେଇଛନ୍ତି । ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାସଂଦ ସସ୍ମିତ ପାତ୍ର ଏବଂ ସୁଲତା ଦେଓଙ୍କୁ ନୂତନ ଦାୟିତ୍ୱ ଦେଇଥିବା ଜଣାଇଛନ୍ତି ।

## ମୌସୁମୀ ଦୁର୍ବଳ , ବଢୁଛି ଦିନ ତାପମାତ୍ରା

ଭୁବନେଶ୍ୱର, ୨୯ଜୁଲାଇ - ମୌସୁମୀ ନିମ୍ନ ଚାପରେଖାର ଉତରାୟଣ ଗତି ସହ ରାଜ୍ୟରେ ମୌସୁମୀ ଦୁର୍ବଳ ସ୍ଥିତିରେ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ କମିଥିବା ବେଳେ ଦିନ ତାପମାତ୍ରା ବୃଦ୍ଧି ପାଇଛି। ଅଧିକାଂଶ ସ୍ଥାନରେ ଗତ ୨୪ ଘଂଟାରେ ସ୍ୱାଭାବିକ ଠାରୁ ୨ ରୁ ୩ ଡ଼ିଗ୍ରୀ ଯାଏଁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ନୟାଗଡ଼, ବୌଦ୍ଧ, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ପ୍ରଭୃତି ୧୨ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ୧୨ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୩୦ରୁ ୩୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, ବରଗଡ, ସମ୍ବଲପୁର, ଦେବଗଡ, ଝାରସୁଗୁଡା, ସୁନ୍ଦରଗଡ , କେନ୍ଦୁଝର ଓ ମୟୁରଂଭଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଶିଳ୍ପ ନାମରେ ଜମି ନେଇ ଶିଳ୍ପ କରୁ ନ ଥିବା ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର, ୨୯ ଜୁଲାଇ – ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ଶିଳ୍ପ କରିବାକୁ ଇଡକୋ ଠାରୁ ବହୁ ମୂଲ୍ୟର ଜମି ନେଇଛନ୍ତି। ହେଲେ ସେଠାରେ କୌଣସି ପ୍ରକାର ଶିଳ୍ପ କରି ନାହାନ୍ତି। କେଉଁ ମାନେ ସେଠାରେ କୌଣସି ଇନଷ୍ଟିଚ୍ୟୁଟ ଚଳାଉଛନ୍ତି ତ କେଉଁ ମାନେ ଅନ୍ୟ କୌଣସି ଜିନିଷ ଚଳାଉଛନ୍ତି। ଭୁବନେଶ୍ୱର ଉପକଣ୍ଠରେ ଏପରି କାମ ଖୁବ ହୋଇଛି। ଏହାକୁ ନେଇ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ ଉଦବେଗ ପ୍ରକାଶ କରିବା ସହ ଏଭଳି ଲୋକ ମାନଙ୍କୁ ଦିଆ ଯାଇଥିବା ଜମିକୁ ରଦ୍ଦ କରିବାକୁ ଦାବି କରିଛନ୍ତି। ବିଧାୟକ ଧ୍ରୁବ ସାହୁଙ୍କ ଦ୍ୱାରା ପଚରା ଯାଇଥିବା ପ୍ରଶ୍ନ ସମ୍ପର୍କରେ ଆଲୋଚନା ବେଳେ ଶ୍ରୀ ରାଉତରାୟ ଏହା କହିଛନ୍ତି। ଏହାର ଉତରରେ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ କହିଥିଲେ ଯେ ବିଧାୟକଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ଆସିଲେ ତାର ଜାଂଚ କରା ଯିବ।

## ରାଜ୍ୟରେ ରହିଛି ୧୩୫୮ଟି ରାଇସ ମିଲ

ଭୁବନେଶ୍ୱର, ୨୯ ଜୁଲାଇ – ରାଜ୍ୟରେ ମୋଟ ୧୩୫୮ ଟି ରାଇସ ମିଲ ରହିଛି । ଏଥି ମଧ୍ୟରୁ ଭଦ୍ରକରେ ୨୫ଟି ରାଇସ ମିଲ ରହିଛି । ବିଧାୟକ ବିଷ୍ଣୁ ସେଠୀଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତରରେ ସୁକ୍ଷ୍ମ , କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ସାଧାରଣ ଭାବେ ରାଇସ ମିଲ ସ୍ଥାପନା କରିବାକୁ ହେଲେ ଡିଆଇସିରେ ପଂଜୀକରଣ କରିବାର ଆବଶ୍ୟକତା ନଥାଏ। ଯଦି କେହି ଏ ବାବଦରେ ସବସିଡି ଓ ଅନ୍ୟ ସରକାରୀ ସୁବିଧା ସୁଯୋଗ ପ୍ରାପ୍ତ କରିବାକୁ ଚାହେଁ ତେବେ ତାଙ୍କୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ୱେବସାଇଟରେ ଯାଇ ପଂଜୀକରଣ କରିବାକୁ ହୁଏ । ଏହା ପରେ ହିଁ ସେମାନେ ସବସିଡି ଆଦି ଲାଭ ପାଇ ପାରିବେ ବୋଲି ସେ କହିଛନ୍ତି । ରାଇସ ମିଲ ଦ୍ୱାରା ପ୍ରଦୂଷଣ ସମ୍ପର୍କିତ ବିଷ୍ଣୁ ସେଠୀଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ଆସିଲେ ତାକୁ ଜାଂଚ କରା ଯିବ ଓ ସଂପୃକ୍ତ ସଂସ୍ଥାକୁ ନୋଟିସ ଜାରୀ କରି ପ୍ରଦୂଷଣ ସମ୍ପର୍କିତ ଗାଇଡଲାଇନ ମାନିବାକୁ କୁହା ଯିବ ।

## ଜୀବିକା ଉପାର୍ଜନ ପାଇଁ ଆକ୍ସନଏଡ୍ ଓ ସିସିଡବ୍ଲୁଡିର ସହାୟତା

ଭୁବନେଶ୍ୱର, ୨୯ ଜୁଲାଇ - କୋଭିଡ୍ ସମୟରେ ମୋର ସ୍ୱାମୀ ଅଟୋ ଚଲାଇ ପାରିଲେ ନାହିଁ। କୋଭିଡ୍ ଭୟରେ ମଧ ପଦାକୁ ଆସିବାକୁ ଭୟ ଲାଗୁଥିଲା। ସେ ସମୟରେ ଆମର ଆର୍ଥିକ ସ୍ଥିତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲା। ମନରେ ସାହାସ ବାନ୍ଧି ଧାର ଉଧାର କରି ମାଛ ଦୋକାନଟିଏ ବସ୍ତି ପାଖରେ କଲି । ପଇସା ଅଭାବରୁ ବିଭିନ୍ନ ରକମର ମାଛ ମଧ କିଣିପାରୁନଥିଲି । ଆକ୍ସନଏଡ୍ ତରଫରୁ ଓ ସିସିଡବ୍ଲୁଡିର ସହଯୋଗରେ ମୋତେ ଦଶ ହଜାର ଟଙ୍କା ଆର୍ଥିକ ସହାୟତା ମିଳିଲା। ଯାହା ଫଳରେ ମୋର ବ୍ୟବସାୟ ଭଲ ଚାଲିବ ବୋଲି ଆଶା କରୁଛି ବୋଲି ପଣ୍ଡାପାର୍କ ବସ୍ତିର ଶୁଭଶ୍ରୀ ରେଡ୍ଡି ରୋଟାରୀ କ୍ଲବ ଠାରେ ଆୟୋଜିତ ଚେକ୍ ବିତରଣ ଉତ୍ସବରେ ମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ ଯୋଗ ଦାନ କରି କହିଲେ ଯେ- ଆକ୍ସନଏଡ୍ ଓ ସିସିଡବ୍ଲୁଡିର ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଜୀବିକା ଉପାର୍ଜନ ଓ ଆତ୍ମ ନିର୍ଭରଶୀଳ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ବାବଦରେ ସମସ୍ତେ ଜାଣିବା ଜରୁରୀ । ଅନ୍ୟତମ ଅତିଥି ଭାବରେ ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ, ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଆକ୍ସନଏଡର ଜାତୀୟ ପ୍ରବନ୍ଧକ ଘାସିରାମ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ୨୫ଜଣଙ୍କୁ ଚେକ୍ ମାଧ୍ୟମରେ ଅର୍ଥରାଶି ପ୍ରଦାନ କରାଯାଇ ଥିଲା ଓ ପରିଶେଷରେ ପଠନକେନ୍ଦ୍ରର ସ୍ୱେଚ୍ଛାସେବୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗଠାବ : ୬ ଗିରଫ

ଭୁବନେଶ୍ୱର,(ନି.ପ୍ର): କମିଶନରେଟ୍ ପୋଲିସ ଏକ ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି । ଗ୍ୟାଙ୍ଗର ୩ ସଦସ୍ୟଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଏହି ଗ୍ୟାଙ୍ଗ ବିରୋଧରେ ଭୁବନେଶ୍ୱରର ୫ ଥାନାରେ ୧୩ ମାମଲା ପଞ୍ଜୀକୃତ ହୋଇଥିବା ଡିସିପି ପ୍ରତୀକ୍ ଗୀତା ସିଂ ଗଣମାଧ୍ୟମକୁ କହିଛନ୍ତି । ୩ ଲୁଟେରା ମଞ୍ଚେଶ୍ୱର ଥାନା ଅଞ୍ଚଳର ସୁଧା ଓରଫ୍ ସୁଦର୍ଶନ ନାୟକ(୪୭), ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦିପଡିଆର ଚୁନିଆ ଓରଫ୍ ସନ୍ତୋଷ ବେହେରା(୩୬) ଓ ବାଲିଅନ୍ତା ଥାନା ଅନ୍ତର୍ଗତ ବାସୁଦେବପୁରର ବାପି ଓରଫ୍ ସନ୍ତୋଷ ବେହେରା(୩୯) । ସେହିପରି ୩ ରିସିଭର ଗଞ୍ଜାମ ଜିଲ୍ଲା କୋଦଳାର ବାପ ଏ.ରାମମୂର୍ତ୍ତି ଆଚାରୀ(୬୮), ପୁଅ ଏ.ଆଦିତ୍ୟ ଆଚାରୀ(୨୭) ଓ କଓ କଟକ, ଲାଲବାଗ୍ ଥାନା ଅଞ୍ଚଳର ସୁବ୍ରତ କରକ(୩୮)କୁ ଗୁରୁବାର ଚନ୍ଦକା ଥାନା ପୋଲିସ କୋର୍ଟ ଚାଲାଣ କରିଛି । ସେମାନଙ୍କ ଜାମିନ୍ ନାମଞ୍ଜୁର ହୋଇଯିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଗ୍ୟାଙ୍ଗରେ ଆହୁରି ଅନେକ ସଦସ୍ୟଙ୍କ ସମ୍ପର୍କରେ ଜାଣିବାପାଇଁ ପୋଲିସ ଏମାନଙ୍କୁ ରିମାଣ୍ଡରେ ଆଣିବ ବୋଲି ଡିସିପି ଶ୍ରୀ ସିଂହ କହିଛନ୍ତି । ସୂଚନାନୁସାରେ, ଗତ କିଛି ଦିନ ହେବ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ସୁନା ଅଳଙ୍କାର ଓ ଟଙ୍କା ଲୁଟପାଟ୍ ହେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ବିଶେଷ କରି ରାତ୍ରି ସମୟରେ କିଛି ଦୁର୍ବୃତ୍ତ ଘରର ଗ୍ରୀଲ୍ ତାଡି ଏଭଳି ଲୁଟ୍ କରିଥିବା ଦେଖିବାକୁ ମିଳିଥିଲା । ଏ ନେଇ ଥାନାରେ ଅଭିଯୋଗ



ହେବାପରେ ସ୍ପେଶାଲ୍ ସ୍କ୍ୱାଡ ଓ ଚନ୍ଦକା ଥାନା ପୋଲିସ ମିଳିତ ଭାବରେ ମାମଲା ଗୁଡିକର ତଦନ୍ତ କରିଥିଲେ । ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ସମୟରେ ଲୁଟ୍ ସମ୍ପର୍କରେ କିଛି ସାଧାରଣ ସୁରାକ୍ ପାଇବା ସହ ୭ ଜଣ ପେଶାଦାର ଲୁଟେରାଙ୍କୁ ଚିହ୍ନଟ କରିଥିଲେ । ଯେଉଁମାନେ କି ପୂର୍ବରୁ ସମାନ ଢଙ୍ଗରେ ଲୁଟ୍ କରି ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ । ପରେ ପୋଲିସ ଘଟଣାର ଛାନିଭନ୍ କରିବା ସହ ୩ ପେସାଦାର ଲୁଟେରା ଓ ୩ ରିସିଭରଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ସେମାନଙ୍କ ଠାରୁ ପୋଲିସ ନଗଦ ୫ ଲକ୍ଷ ୮୫ ହଜାର ଟଙ୍କା, ୧୪୦ ଗ୍ରାମର ସୁନା, ଯାହାର ମୂଲ୍ୟ ୭ ଲକ୍ଷ ଟଙ୍କା, ୧୦୦ ଗ୍ରାମର ରୂପା ଓ ଲୁଟ୍‌ରେ ବ୍ୟବହୃତ ଅଟୋକୁ ଜବତ କରିଛି । ଏହାସହ ଲୁଟେରାଙ୍କ ଆକାଉଣ୍ଟରେ ଥିବା ୧ ଲକ୍ଷ ୫୦ ହଜାର ଟଙ୍କାକୁ ପୋଲିସ ଫ୍ରିଜ୍ କରିଥିବା ନେଇ ଶ୍ରୀ ସିଂହ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସମ୍ପତି ଜନିତ ଲୁଟ୍ ବିରୋଧରେ ଭୁବନେଶ୍ୱର ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି । ଏହି ଡ୍ରାଇଭର ଅଂଶ ବିଶେଷ ଭାବେର ସ୍ପେଶାଲ ସ୍କ୍ୱାଡ ଓ ଚନ୍ଦକା ଥାନା ପୋଲିସ ଏହି ୧୦ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଚିହ୍ନଟ କରିଥିଲା । ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାପରେ ଟିମ୍ ଏହି ୩ ଲୁଟେରା ଓ ବାପ-ପୁଅଙ୍କ ସମେତ ୩ ରିସିଭରଙ୍କୁ ଧରିବାରେ ସଫଳ ହୋଇଛି । ଏହି ଲୁଟେରାମାନେ ଲୁଟ୍ ପାଇଁ ଏକ ଅଟୋକୁ ବ୍ୟବହାର କରନ୍ତି । ପ୍ରଥମେ ସେମାନେ ଅଟୋରେ ୩/୪ ଜଣ ବିଭିନ୍ନ ଅଞ୍ଚଳକୁ ଯାଇ ନଜର ରଖିଥାନ୍ତି । ଯେଉଁଠି ଲୁଟ୍ କରିବା ସହଜ ହୋଇଥାଏ ସେ ଘରକୁ ଟାର୍ଗେଟ କରି ରାତ୍ରି ସମୟରେ ଗ୍ରୀଲ୍ ତାଡି ସୁନା, ରୁପା ଗହଣା ଓ ଟଙ୍କା ଲୁଟ୍ କରିଥାନ୍ତି । ପରେ ସେହି ଲୁଟ୍ ସୁନା, ରୁପା ଗୁଡିକୁ ଗଞ୍ଜାମରେ ଥିବା ରିସିଭରଙ୍କୁ ବହୁ କମ୍ ଟଙ୍କାରେ ବିକ୍ରି କରିଥାନ୍ତି । ୧୦ ଗ୍ରାମ ସୁନାକୁ ୨୦ ହଜାର ଟଙ୍କାର ବିକ୍ରି କରିଥାନ୍ତି । ପରେ ଗଞ୍ଜାମର ରିସିଭର ଏହି ଲୁଟ୍ ସାମଗ୍ରୀକୁ କଟକ ରିସିଭରକୁ ବିକ୍ରି କରିଥାନ୍ତି । ଏହି ଗ୍ୟାଙ୍ଗ ଭୁବନେଶ୍ୱର ସମେତ ଯାଜପୁର, ଅନୁଗୁଳ ଆଦି ବିଭିନ୍ନ ଜିଲ୍ଲାରେ ମଧ ସମାନ ଢଙ୍ଗରେ ଲୁଟ୍‌ପାଟ୍ କରିଥାନ୍ତି । ଭୁବନେଶ୍ୱରର ବାଲିପାଟଣା, ଶ୍ରୀଲିଙ୍ଗରାଜ ଓ ମଞ୍ଚେଶ୍ୱର ଥାନାରେ ଅଭିଯୁକ୍ତଙ୍କ ନାମରେ ୨ ଟି ଲେଖାଏଁ ମାମଲା ଥିବାବେଳେ, ବାଲିଅନ୍ତା, ଇନ୍‌ଫୋସିଟି, ଶହୀଦନଗର ଓ ଚନ୍ଦକା ଥାନାରେ ୩ଟଇ ଲେଖାଏଁ ମାମଲା ରହିଛି । ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଗିରଫ କରିବାପାଇଁ ପୋଲିସ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଡିସିପି ଶ୍ରୀ ସିଂ ସୂଚନା ଦେଇଛନ୍ତି ।

## ପ୍ରେମିକାକୁ ଧୋକା ଦେଇ ଆଉ ଜଣେ ଯୁବତୀଙ୍କୁ ଲୁଚି ବିବାହ କଲା ପ୍ରେମିକ

ଭୁବନେଶ୍ୱର,(ନି.ପ୍ର): ରାଜଧାନୀରେ ପୁଣି ଲଭ ସେକ୍ସ ଧୋକା । ପ୍ରେମିକାକୁ ଧୋକା ଦେଇ ଆଉ ଜଣେ ଯୁବତୀଙ୍କୁ ଲୁଚି ଲୁଚି ବିବାହ କଲା ପ୍ରେମିକ । ଦୁହିଁଙ୍କୁ ଏକାଠି ଦେଖି ଘର ଭିତରେ ବନ୍ଦ କଲା ପ୍ରଥମ ପ୍ରେମିକା । ଘଟଣା ଘଟିଛି ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ରଙ୍ଗମାଟିଆର ଘଟଣା । ଅଭିଯୁକ୍ତ ଯୁବକ ଜ୍ୟୋତିରଞ୍ଜନ ନାୟକକୁ ଅଟକ ରଖିଛି ପୋଲିସ । ସୂଚନା ଅନୁସାରେ ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କ ସହ ବୋଲଗଡ଼ ଓସ୍ତପୁର ଅଞ୍ଚଳର ଜ୍ୟୋତିରଞ୍ଜନ ନାୟକଙ୍କ ପ୍ରେମ ସମ୍ପର୍କ ଗଢିଉଠିଥିଲା । ୬ ବର୍ଷର ପ୍ରେମ ସମ୍ପର୍କ ମଧ୍ୟରେ ଦୁଇ ବର୍ଷ ହେବ ରଙ୍ଗମାଟିଆରେ ଘରଭଡା ନେଇ ଲିଭ ଇନରେ ରହୁଥିଲେ । ଜ୍ୟୋତି ମଞ୍ଚେଶ୍ୱର ରେଳବାଇ କାରଖାନାରେ କାର୍ଯ୍ୟ କରୁଥିଲେ । ଯୁବତୀ ଜଣକ କମ୍ପିଟେଟିଭ୍ ପାଇଁ ପ୍ରସ୍ତୁତ ହେଉଥିଲେ । କିନ୍ତୁ ଗତ ୩ ମାସ ହେବ ଜ୍ୟୋତିଙ୍କ ବ୍ୟବହାରରେ ପରିବର୍ତ୍ତନ ହୋଇଥିଲା । ଚାକିରିରେ ଅଧିକ ଚାପ ରହୁଛି କହି ସମ୍ପର୍କରେ ଦୂରତା ଆରମ୍ଭ କରିଥିଲେ । ତେବେ ଯୁବତୀ ଜଣଙ୍କ ବିବାହ ପାଇଁ ଜିଦ୍ ଧରିବାରୁ ଡକୁମେଣ୍ଟ ଆଣ ବିବାହ କରିବା ବୋଲି କହିଥିଲେ ଜ୍ୟୋତିରଞ୍ଜନ । ଯୁବତୀ ଜଣଙ୍କ ଡକୁମେଣ୍ଟ ଆଣିବାକୁ ଯାଇଥିବା ବେଳେ ଜ୍ୟୋତିରଞ୍ଜନ ଆଉ ଜଣଙ୍କୁ ବିବାହ କରି ଘରକୁ ଆଣିଥିଲେ । ଯୁବତୀ ଘରେ ପହଞ୍ଚି ଉଭୟଙ୍କୁ ଦେଖିବା ପରେ ଘର ବାହାରୁ ତାଲା ପକାଇବା ସହ ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ୩ ଜଣଙ୍କୁ ଥାନାକୁ ନେଇଥିଲା । ପରେ ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ଯୁବକଙ୍କୁ ଅଟକ ରଖିଛି ।

## ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାମରା ବନ୍ଦ

କୁଚିଣ୍ଡା,(ନିପ୍ର): ଆଜିଠାରୁ ୪ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାମରା ବନ୍ଦ ରହିଛି । ସକାଳ ୮ଟାରୁ ଏହି ବନ୍ଦ ଜାରି ରହିଥିବା ବେଳେ ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଛି । ଅନ୍ୟ ପଟେ ଯାନବାହନ ଚଳାଚଳ ବନ୍ଦ ସାଙ୍ଗକୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଛି । ବାମରା ସ୍ଥିତ ମୁକ୍ତିଧାମ ଭଙ୍ଗାରୁଜା କରିଥିବା ବ୍ୟକ୍ତି ଓ ଜମି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜମିମାଫିଆଙ୍କ ନାମରେ ଜାରି କରାଯାଇଥିବା ପଟ୍ଟାକୁ ରଦ୍ଦ କରାଯିବା, ମୁକ୍ତିଧାମ ସଂଲଗ୍ନ ସରକାରୀ ଜମିକୁ ମୁକ୍ତିଧାମ ନାମରେ ପଟ୍ଟା ପ୍ରଦାନ କରାଯିବା ସହ ଶବଦାହ ଗୃହ ନିର୍ମାଣ କରାଯିବା, ପୂର୍ବ ରେଳ ଫାଟକ ସମେତ ଅନ୍ୟ ଦୁଇଟି ସ୍ଥାନରେ ଅଣ୍ଡର ପାସ ନିର୍ମାଣ, ଝାରସୁଗୁଡା ଆରପିଏଫ ଇନ୍ସପେକ୍ଟରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ବାମରାରେ ରେଳ ବିଭାଗ ପକ୍ଷରୁ କ୍ୟାମ୍ପ କରି ସମନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଦାବି ନେଇ ମୁକ୍ତିଧାମ ନିର୍ମାଣ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି । ବାମରା ବନ୍ଦ କୁ ବାମରା ନାଗରିକ କମିଟି, ମର୍ଚ୍ଚେଣ୍ଟ ଆସୋସିଏସନ, ରେଳ କ୍ରିୟାନୁଷ୍ଠାନ କମିଟି, ସାମ୍ବାଦିକ ସଂଘ, ଚାଷୀ ସଂଗଠନ ସମେତ ଜନସାଧାରଣ ସହଯୋଗ କରିଛନ୍ତି ।

■

### ସାଇବର ଠକେଇର ଶିକାର ହେଲେ ମହିଳା

## ଆକାଉଣ୍ଟରୁ କଟିଲା ଲକ୍ଷାଧିକ ଟଙ୍କା

ପୁରୀ,(ନିପ୍ର): ପୁରୀ ସାଇବର ଠକେଇର ଶିକାର ହେଇଛନ୍ତି ଜଣେ ମହିଳା । ବ୍ୟାଙ୍କ ଆକାଉଣ୍ଟରେ ପ୍ୟାନ ଲିଙ୍କ୍ ହୋଇ ନଥିବା କହି ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ୍ । ଏଭଳି ଏକ ଘଟଣା ଘଟିଛି ପୁରୀ ପେଣ୍ଠକଟା ଅଧୀନ ସଦର ବ୍ଲକ ଅଞ୍ଚଳ ଜଣେ ପୋଲିସ ବାବୁଙ୍କ ପତ୍ନୀଙ୍କ ସହ । ପ୍ରିୟଙ୍କା କାନୁନଗୋ ନାମକ ଜଣେ ମହିଳାଙ୍କୁ ଏକ ଫୋନ୍ କଲ୍ ଆସିଥିଲା । ସେ ବ୍ୟାଙ୍କର କର୍ମଚାରୀ କହି ଓଡ଼ିଆରେ ପ୍ରିୟଙ୍କା ସହ କଥା ହୋଇଥିଲେ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ସହ ପ୍ୟାନ କାର୍ଡ ଲିଙ୍କ୍ ହୋଇନି ବୋଲି କହିଥିଲା । ଏହାପରେ ପ୍ରିୟଙ୍କାଙ୍କୁ ଏକ ଚାରି ଡିଜିଟିର ଓଟିପି ଦେଇଥିଲା । ଏହି କୋଡ ପ୍ରିୟଙ୍କା ଉକ୍ତ ଯୁବକଙ୍କୁ ଦେଇ ସାରିବା ପରେ ତାଙ୍କ ଆକାଉଣ୍ଟରୁ ଏକଲକ୍ଷ ୧୪ ଶହ ୭୪ ଟଙ୍କା କଟି ଯାଇଥିଲା । ପ୍ରିୟଙ୍କାଙ୍କ ନିକଟକୁ ସଙ୍ଗେ ସଙ୍ଗେ ୯ ଟି ମେସେଜ୍ ଆସିଥିଲା । ଏହି ମେସେଜ ପ୍ରିୟଙ୍କା ପାଇବା ପରେ ସଙ୍ଗେ ସଙ୍ଗେ ନିକଟସ୍ଥ ବ୍ୟାଙ୍କ୍‌କୁ ଯାଇ ମିନି ଷ୍ଟେଟମେଣ୍ଟ ଆଣିବା ସହ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ଅତିରିକ୍ତ ଏସପି ମିହିର ପଣ୍ଡା କହିଛନ୍ତି ।

## ମାନସ ମଙ୍ଗରାଜଙ୍କୁ ଏସୟୁଜେର ଅଭିନନ୍ଦନ

ଭୁବନେଶ୍ୱର, (ନିପ୍ର): ସାମୁଦ୍ରିକ ଉତ୍ପାଦ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ (ଏମପିଇଡିଏ )ର ନୂତନ ସଦସ୍ୟ ଭାବେ ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କୁ କେନ୍ଦ୍ର ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି । ରାଜ୍ୟସଭାର ଡେପୁଟି ସେକ୍ରେଟେରୀ ସତୀଶ ମେସରା ଏ ନେଇ ସୂଚନା ଦେବା ପରେ ଓଡ଼ିଶାବାସୀ ବିଶେଷ କରି ରାଜ୍ୟର ଗଣମାଧ୍ୟମ ଜଗତରେ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ଏସୟୁଜେ, ଓଡ଼ିଶାର ରାଜ୍ୟ ସଭାପତି ଅଜୟ କୁମାର ସାହୁ ଓ ଅନ୍ୟାମାନେ ଶ୍ରୀ ମଙ୍ଗରାଜଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## କର୍ମଚାରୀଙ୍କ ଆନ୍ଦୋଳନ ଜାରି ରହିଛି

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗିର ମହିଳା ମହାବିଦ୍ୟାଳୟ ହଷ୍ଟେଲରେ ଅଚଳାବସ୍ଥା ଜାରି ଯୁକ୍ତିଯୁକ୍ତ ମଜୁରି ଏବଂ ବହିଷ୍କାର ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଏବଂ ବନ୍ଦ ଥିବା ହଷ୍ଟେଲକୁ ତୁରନ୍ତ ଖୋଲିବା ଦାବିରେ ୟୁନିଟାଇଟେଡ ଟ୍ରେଡ ୟୁନିୟନ ଅଫ୍ ବଲାଙ୍ଗିର ନେତୃତ୍ୱରେ ହଷ୍ଟେଲ କର୍ମଚାରୀମାନେ ଜାରି ରଖିଥିବା ଧାରଣା ଆଜି ତୃତୀୟ ଦିବସରେ ପହଞ୍ଚିଛି । କର୍ମଚାରୀମାନଙ୍କ ଧାରଣା ବିଭିନ୍ନ ଶ୍ରମିକ ସଂଗଠନ ଯଥା ଏଆଇଟିୟୁସି, ଓଡିଶା ଫରେଷ୍ଟ ଏଣ୍ଡ ଏଗ୍ରିକଲଚର ଏବଂ ବିଲଡିଂ ୟୁନିୟନ ୱାର୍କର୍ସ ୟୁନିୟନ, ଋଷୀ ସଂଗଠନ, କୃଷକ ସଂଘର୍ଷ ସମିତି, ପାଚିକା, ନିଖିଳ ଓଡିଶା ଆଶାକର୍ମୀ ସଂଘ, ନାଗରିକ କମିଟିରର ସଂପାଦକ ମନୋରଂଜନ ସାହୁ, ଜିଲ୍ଲା ଓବିସି ମଂଚରୁ ପୂର୍ଣ୍ଣ ବିଶ୍ୱାଳ, ସତ୍ୟ ବନଛୋର, ଭିଲେଜର୍ସ ଇଣ୍ଡିଆ ପାର୍ଟିର ରାଜ୍ୟ ଅଧ୍ୟକ୍ଷ ବିପିନ କୋସଲିଆ, ଏଆଇଟିୟୁସିର ଜିଲ୍ଲା ଉପସଭାପତି ତୀର୍ଥ ପଧାନ, କୃଷକ ସଂଘର୍ଷ ସମିତିର ମଧୁସୂଦନ କ୍ଷେତି, ପଶ୍ଚିମ ମିଳିତ ଶ୍ରମିକ କର୍ମଚାରୀ ସଂଘ ଉପସଭାପତି ରବି ମିଶ୍ର, ବିଶିଷ୍ଟ ସମାଜସେବୀ ବିନୋଦ କାଳସାଏ,ପ୍ରିତମ ଠାକୁର ଏବଂ ତିଲୋତମା ତାଣ୍ଡି, ସବିତା ପୁରୋହିତ, ନଳିନୀ ନାଏକ ଓ ସମସ୍ତ କର୍ମଚାରୀ ଯୋଗ ଦେଇ ଜିଲ୍ଲା ପ୍ରଶାସନ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ମନମୁଖି ଶାସନ ଅଭିଯୋଗ ଆଣି ତାହାର ତୀବ୍ର ନିନ୍ଦା କରିଥିଲେ । ଦାବି ହାସଲ ନ ହେବା ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ଲଢେଇ ଜାରି ରହିବ ବୋଲି କୁହାଯାଇଛି ।

## ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ପିପିଲି ବ୍ଲକରେ ଅନୁଧ୍ୟାନ

ପୁରୀ,(ନି.ପ୍ର): ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ କୁମାର ବେରୀ ଓ ଅନ୍ୟାନ୍ୟ ସଦସ୍ୟ ପିପିଲି ବ୍ଲକର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଅନୁଧ୍ୟାନ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ଉପାଧ୍ୟକ୍ଷ ଓ ସଦସ୍ୟମାନେ ପିପିଲି ବ୍ଲକରେ ପହଞ୍ଚିବା ପରେ ସେମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପରେ ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଅଧୀନରେ ପରିଚାଳିତ ମାତୃ ଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାଫେକୁ ସଦସ୍ୟମାନେ ପରିଦର୍ଶନ କରିଥିଲେ । ପରେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପାଣିଦାଳ ପଚାଂୟତର ମଠସାହି ଅଙ୍ଗନବାଡି କେନ୍ଦ୍ର ଓ ସୁବିଧା କେନ୍ଦ୍ର, ୫ ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତକରଣରେ ସାମିଲ ହୋଇଥିବା ଜବାହର ବିଦ୍ୟପୀଠ ଓ ଜଗନ୍ନାଥପୁର ପଞ୍ଚାୟତ ଅଧୀନରେ ଥିବା ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ରକୁ ଉପାଧ୍ୟକ୍ଷ ଓ ସଦସ୍ୟମାନେ ପରିଦର୍ଶନ, ଅନୁଧ୍ୟାନ କରିବା ସହ ହିତାଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଆୟୋଗର ସଦସ୍ୟ ଡଃ ବିନୋଦ କୁମାର ପାଓଲ, ନୀତି ଆୟୋଗର ନିର୍ଦ୍ଦେଶକ ସୁବ୍ରତା ପ୍ରକାଶ, ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ଅମିତ ବର୍ମା, ବରିଷ୍ଠ ବିଶେଷଜ୍ଞ ରୂପେଶ ସିଂ ଓ ଶ୍ରୀ ପି ଶଙ୍କର ଉପସ୍ଥିତ ଥିଲେ ।

## ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ହୃଦୟରେ ବାଘ ମାମୁଁ

ଭୁବନେଶ୍ୱର,(ନି.ପ୍ର): ପ୍ରତିବର୍ଷ ଜୁଲାଇ ମାସ ୨୯ ତାରିଖଟିକୁ ବ୍ୟାଘ୍ର ଦିବସ ରୂପେ ପାଳନ କରାଯାଇଥାଏ । ସଂପ୍ରତି ଦିନକୁ ଦିନ ବାଘ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଏ ନେଇ ସାରା ବିଶ୍ୱ ଚିନ୍ତିତ । ଏହାର ସୁରକ୍ଷା ପରିବେଶ ସଂରକ୍ଷଣ ଲାଗି ନିତାନ୍ତ ଜରୁରୀ । ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ପରିବେଶବିତ୍ ସୁଶାନ୍ତ ସାହୁ ଆମ ରାଜ୍ୟରେ ବ୍ୟାଘ୍ର ସଂଖ୍ୟା ହ୍ରାସକୁ ନେଇ ଚିନ୍ତାପ୍ରକଟ କରିବା ସହ ଜନ ସଚେତନତା ଉଦ୍ଦେଶ୍ୟରେ ମୁରୁଜରେ ଏକ ହୃଦୟ ତିଆରି କରି ବାଘର ଛବିକୁ ସ୍ଥାନିତ କରି ଏକ ନିଆରା ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଛନ୍ତି । ସୁଶାନ୍ତ ଏହି ଅବସରରେ କୁହିଛନ୍ତି ଯେ, ବାଘ ଆମର ଜାତୀୟ ପଶୁ ।

## ୩୧ରେ ରାଜ୍ୟସ୍ତରୀୟ ମହିଳା ପାଇକ ଆଖଡା ସମାବେଶ

ଭୁବନେଶ୍ୱର,(ନି.ପ୍ର): ରାଜ୍ୟ ସରକାର ବରୁଣେଇ ପାଦ ଦେଶରେ ପ୍ରାୟ ୩୨ କୋଟି ଟଙ୍କାର ୧୦ ଏକର ଜାଗାକୁ ବିନା ମୂଲ୍ୟରେ ଯୋଗାଇ ଦେଇଛନ୍ତି । ଅନୁରୂପ ଭାବରେ କେନ୍ଦ୍ର ସରକାର ୧୯୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଯାଇଛି । ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ସମଗ୍ର ଓଡ଼ିଶାର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ପାଇକ ବାହିନୀ, ପାଇକ ଆଖଡ଼ା ଦଳ ତଥା ଦଳପତିମାନଙ୍କୁ ନେଇ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ମହିଳା ପାଇକ ସମାବେଶ, ଶୋଭାଯାତ୍ରା, ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନ ପର୍ବ ଜୁଲାଇ ୩୧ ତାରିଖରେ ଜୟଦେବ ଭବନରେ ଆୟୋଜିତ ହେବ ବୋଲି ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ସୂତ୍ରରୁ ପ୍ରକାଶ ।

## ନିଶା ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର,(ନି.ପ୍ର): ନିଶା ମାଫିଆ ଅରୁଣ ପ୍ରଧାନ ଓ ବନମାଳୀ ପ୍ରଧାନଙ୍କ ୩ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିବା ନେଇ ଗୁରୁବାର କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଟାକ୍ସ ଫୋର୍ସ(ଏସଟିଏଫ) ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । ଏନ୍‌ଡିପିଏସ୍ ବଳରେ କୋଲକାତାର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଏହି ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି । ଜବତ ସମ୍ପତ୍ତି ମଧ୍ୟରେ ୫ଟି କମର୍ସିଆଲ ବିଲ୍ଡିଂ, ୮ଟି ପ୍ଲଟ୍, ୫୯୫ ଗ୍ରାମ ସୁନା, ୧୯ଟି ବ୍ୟାଙ୍କ ଆକାଉଣ୍ଟ ଓ ଦୁଇଟି ଗାଡି ରହିଛି । ଏହି ସବୁ ସମ୍ପତ୍ତି କିଛି ଅରୁଣ ଓ ବନମାଳୀ ନିଜ ନାଁରେ ରଖିଥିବା ବେଳେ ଆଉ କିଛି ନିକଟ ସମ୍ପର୍କୀୟଙ୍କ ନାଁରେ ରହିଛି । ଅରୁଣ ଓ ବନମାଳୀଙ୍କ ଘର ଗଞ୍ଜାମ ଜିଲ୍ଲା ବୁଗୁଡା ଅଞ୍ଚଳରେ ।

## ୧୨ ଗ୍ରାମ ବ୍ରାଉନସୁଗାର ଜବତ: ମହିଳା ଗିରଫ



ଭୁବନେଶ୍ୱର,(ନି.ପ୍ର): ଭାରତପୁର ଥାନା ପୋଲିସ ଗୁରୁବାର ଆମ୍ରି ହସ୍ପିଟାଲ ନିକଟରେ ଚଢାଉ କରି ୧୨.୪୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଘଟଣାରେ ସମ୍ପୃକ୍ତ ଥିବା ଜନୈକା ମହିଳା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମହିଳା ହେଲେ ଆମ୍ରି ହସ୍ପିଟାଲ ପଛପଟେ ଜନନୀ ବିହାର କଲୋନୀରେ ରହୁଥିବା ନୟାଗଡର ଗୀତାଞ୍ଜଳି ମୁଦୁଲି(୨୭) । ଗିରଫ ମହିଳା ଜଣକ ନିଜ ଘରେ ବେଆଇନ ଭାବେ ବ୍ରାଉନ ସୁଗାର ବିକ୍ରି କରୁଥିବା ନେଇ ଭରତପୁର ଥାନାଧିକାରୀ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ । ଏହି ସୂଚନାକୁ ଆଧାର କରି ଟିମ୍ ସଦଳବଳେ ଘଟଣା ସ୍ଥଳ ଉପରେ ଚଢଉ କରି ମହିଳା ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୨.୪୦ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ୪୦୦୦ଟଙ୍କା ବିକ୍ରୟ ଜନିତ ରାଶି ଜବତ କରିଥିଲା । ପଚରାଉଚରା ସମୟରେ ମହିଳା ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିବା ସହ ଏହି ବ୍ରାଉନସୁଗାର ସେ ବାଲେଶ୍ୱର ଜିଲ୍ଲାରୁ ଆଣି ଏଠାରେ ବେଆଇନ ଭାବେ ବିକ୍ରି କରୁଥିବା କଥା ମଧ୍ୟ ସ୍ୱୀକାର କରିଥିଲା ।

## ହେପାଟାଇଟିସ୍ ଦିବସ ଅବସରରେ ମାରାଥନ୍

ଭୁବନେଶ୍ୱର,(ନି.ପ୍ର): ଭାଇରାଲ୍ ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଇଥାଏ । ହେପାଟାଇଟିସ୍ ଜୀବାଣୁଙ୍କର ପାଞ୍ଚଟି ପ୍ରାଥମିକ ଷ୍ଟ୍ରେନ୍ ଅଛି, ଯାହା ଏ, ବି, ସି, ଡି ଏବଂ ଇ ଭାବରେ ଜଣାଶୁଣା । ସେମାନେ ସମସ୍ତେ ଯକୃତ ରୋଗ ସୃଷ୍ଟି କରନ୍ତି, କିନ୍ତୁ ଉତ୍ପତ୍ତି, ପ୍ରସାରଣ ଏବଂ ତୀବ୍ରତା ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ପ୍ରମୁଖ ପାର୍ଥକ୍ୟ ସବୁ ଅଛି । ବିଶ୍ୱ ହେପାଟାଇଟିସ୍ ଦିବସ ଅବସରରେ ଭୁବନେଶ୍ୱର କମିଶନରେଟ୍ ପୋଲିସ୍ ତରଫରୁ ଏକ ମିନି ମାରାଥନ୍ ଦୌଡର ଆୟୋଜନ କରାଯାଇଥିଲା । ଏହି ଦୌଡ ସପ୍ତମ ବାଟାଲିଅନ୍ ଠାରୁ ଆରମ୍ଭ ହୋଇ ପୋଲିସ କମିଶନର୍ ଅଫିସ୍ ଠାରେ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକର ପୋଲିସ୍ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଆଇପିଏସ୍, ଭୁବନେଶ୍ୱର କମିଶନରେଟର ଉପ ଆରକ୍ଷୀ ଆୟୁକ୍ତ ପ୍ରତୀକ ସିଂ, ଆଇପିଏସ୍, ପ୍ରଫେସର ଡ. ମନୋଜ କୁମାର ସାହୁ, ଓଲିଉଡ ଜଗତର ଜଣାଶୁଣା ଅଭିନେତ୍ରି ଭୂମିକା ତଥା ପୋଲିସ୍ ବିଭାଗର ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ଏହି ଉତ୍ସବରେ ଯୋଗ ଦେଇ ହେପାଟାଇଟିସ-ବି ରୋଗ ଦୂରୀକରଣର ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ମାରାଥନ୍ ଦୌଡ଼ରେ ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ଟାୱାରରୁ ଚୋରି: ଧରାଇଲା ଫୋନ୍

ଭୁବନେଶ୍ୱର,(ନି.ପ୍ର): ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଟାୱାରରୁ ଚୋରି କାରିଥିବା ଅଭିଯୁକ୍ତକୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ତେବେ ଘଟଣାସ୍ଥଳରେ ଚୋର ଛାଡିଯାଇଥିବା ଫୋନ୍ ଅଭିଯୁକ୍ତକୁ ଧରାଇଥିଲା । ଗିରଫ ଅଭିଯୁକ୍ତ ହେଲା ଜଟଣୀ ଥାନା ଅନ୍ତର୍ଗତ ଜାଆଁଳାରେ ରହୁଥିବା ନୟାଗଡର



ବିରଞ୍ଚି ବେହେରା(୩୫) । ତା' ନିକଟରୁ ପୋଲିସ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି । ଏ ନେଇ ୮ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା । ସୂଚନାନୁସାରେ, ଅଭିଯୋଗକାରୀ ରିଲାଏନ୍ସ ଜିଓ ଅଧୀନରେ ଥିବା ଲାଇନଏଜ ପାୱାର ପ୍ରାଇଭେଟ ଲିମିଟେଡ କମ୍ପାନୀରେ ଜଣେ ଟେକନିସିଆନ ଭାବେ କାର୍ଯ୍ୟ କରନ୍ତି । ଗତ ତା୦୭.୦୭.୨୦୨୨ ରିଖ ମଧ୍ୟ ରାତ୍ରରେ ଖଣ୍ଡଗିରି ଥାନା ଅନ୍ତର୍ଗତ କସମାପଲ୍ଲୀ ଠାରେ ଥିବା ଟେଲିଫୋନ ଟାୱାରରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଥିବା ନେଇ ରିଲାଏନ୍ସ ଜିଓର ମୁଖ୍ୟ କାର୍ଯ୍ୟାଳୟରୁ ସୂଚନା ଆସିଥିଲା । ଏହି ସୂଚନାନୁସାରେ ଅଭିଯୋଗକାରୀ ତାଙ୍କର ଜଣେ ସହଯୋଗୀଙ୍କୁ ନେଇ ଘଟଣା ସ୍ଥଳକୁ ଯାଇଥିଲେ । ଅଭିଯୋଗକାରୀଙ୍କୁ ଦେଖି ସେଠାରେ ଚୋରିରେ ଲିପ୍ତ ଥିବା ଗିରଫ ଅଭିଯୁକ୍ତ ଏବଂ ତାଙ୍କର କିଛି ସହଯୋଗୀ ଅନେକ ମୂଲ୍ୟବାନ ଯନ୍ତ୍ରାଂଶ ନେଇ ଘଟଣା ସ୍ଥଳରୁ ଖସି ପଳାଇଯାଇଥିଲେ । ଏହି ଘଟଣାର ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ କରିବା ସହିତ ଅଭିଯୁକ୍ତ ମାନେ ଛାଡି ଯାଇଥିବା ଏକ ମୋବାଇଲ ଫୋନ ସହାୟତାରେ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ ।

## ବାଇକ୍ ଚୋର ଗିରଫ



ଭୁବନେଶ୍ୱର,(ନି.ପ୍ର): ବାଇକ୍ ଚୋରି କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ବାଇକ୍ ଚୋରକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲା ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରି ବିହାର, ଲେବରଷ୍ଟାଣ୍ଡରେ ରହୁଥିବା ଗଞ୍ଜାମ ଜାଲ୍ଲା ବ୍ରହ୍ମପୁରର ରାହୁଲ୍ ଓରଫ୍ ଆଦିତ୍ୟ ପ୍ରଧାନ(୨୭) । ଅଭିଯୁକ୍ତ ନିକଟରୁ ପୋଲିସ ୨ ଟି ବାଇକ୍ ଓ ୭ଟି ମାଷ୍ଟର ଚାବି ଜବତ କରିଛି । ଏ ନେଇ ଗତ ୧୯ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା । ସୂଚନାନୁସାରେ, ଘଟଣା ଦିନ ଅଭିଯୋଗକାରୀ ନିଜର ଓଡି-୩୩-ଏଇ-୮୪୫୪ ନମ୍ବର ବିଶିଷ୍ଟ ଏଲଏମଏଲ ଭେସ୍ପା ସ୍କୁଟିକୁ କୀଟ ପରିସରରେ ଥିବା କାଠଯୋଡି କ୍ୟାମ୍ପସ ସମ୍ମୁଖରେ ରଖିଥିଲେ । ଅଫିସ କାମ ସାରି ରାତି ୧୧.୩୦ ସମୟରେ ଫେରି ନିଜ ସ୍କୁଟି ଆଣିବା ପାଇଁ ଯିବା ସମୟରେ ତାହା ଆଉ ସେଠାରେ ନଥିଲା । ବହୁ ଖୋଜ ଖୋଜି କରି ନପାଇବାରୁ ସେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ କରିବା ସମୟରେ ଅଭିଯୋଗକାରୀଙ୍କ ଜଣେ ବନ୍ଧୁ ଦେଇଥିବା ସୂଚନାକୁ ଆଧାର କରି ଟିମ୍ ଶୈଳଶ୍ରୀ ବିହାର ଅଞ୍ଚଳରେ ଚଢଉ କରିବା ସହିତ ଅଭିଯୁକ୍ତ ରାହୁଲକୁ ଗିରଫ କରିଥିଲା । ପଚରା ଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିବା ସହ ଅନ୍ୟ ଏକ ଚୋରା ମୋଟରସାଇକେଲ ନିଜ ଘରେ ଲୁଚାଇ ରଖିଥିବା ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲା । ଟିମ୍ ପୁନର୍ବାର ନୀଳାଦ୍ରିବିହାର ଅଞ୍ଚଳରେ ଥିବା ଅଭିଯୁକ୍ତଙ୍କ ଘର ଉପରେ ଚଢଉ କରି ଅନ୍ୟ ଏକ ମୋଟରସାଇକେଲକୁ ଜବତ କରିଥିଲେ । ଅଭିଯୁକ୍ତ ଆଦିତ୍ୟ ପ୍ରଧାନ ନାମରେ ପୂର୍ବରୁ ଚନ୍ଦକା ଥାନାରେ ୨ଟି ମାମଲା ରହିଥିବା ବେଳେ ମଞ୍ଚେଶ୍ୱର ଥାନାରେ ଗୋଟିଏ ଏବଂ ଚନ୍ଦ୍ରଶେଖରପୁର ଥାନାରେ ମଧ୍ୟ ଗୋଟିଏ ମାମଲା ରହିଛି । ଅଭିଯୁକ୍ତ ଜଣକ ପର୍ଯ୍ୟାୟ କ୍ରମେ ବିଭିନ୍ନ ମାମଲାରେ ଜଡିତ ଥିବାରୁ ତାଙ୍କ ବିରୋଧରେ ସିଆରପିସି ଧାରା-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଛି । ତଦନ୍ତ ପରେ ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଜାମିନ୍ ନାମଞ୍ଜୁର ହୋଇଯିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ବାଲକୋନିରୁ ବାବୁସାନ୍ କହିଲେ 'ଠିକ୍ ସମୟରେ ଠିକ୍ କଥା କହିବି'

# ପତି-ପତ୍ନୀ ବିବାଦ ଆପୋସ ସମାଧାନ ଉଦ୍ୟମ: ଆଇନଜୀବୀ

ଭୁବନେଶ୍ୱର,(ନି.ପ୍ର): ଚେନ୍ନାଇରୁ ଫେରିବାପରେ ବାବୁସାନ୍ ଦୁଇ ଦିନ ବାପ-ମାଙ୍କ ପାଖରେ ବିଶ୍ରାମ ନେଇଥିଲେ । ଗୁରୁବାର ମା ଅପରାଜିତା ମହାନ୍ତିଙ୍କ ସହ ବାଲକୋନିକୁ ଆସି ଗଣମାଧ୍ୟମଙ୍କୁ ସଂମ୍ବୋଧନ କରି ଠିକ୍ ସମୟରେ ଠିକ୍ କଥା କହିବି ବୋଲି ସେ କହିଲେ । ଅପରାଜିତାଙ୍କ କହିବାନୁଯାୟୀ, ଦୁଇ ଦିନପରେ ଯାହା କହିବାକଥା ଗଣମାଧ୍ୟମଙ୍କୁ କୁହାଯିବ । ସମସ୍ତଙ୍କୁ ମୋର ଧନ୍ୟବାଦ ବୋଲି ବାବୁସାନ୍ ହାତଯୋଡି କହିଛନ୍ତି । ମୁଁ ମୋ ପରିବାର ପାଖରେ ଥିବାରୁ ବହୁତ ଖୁସିଅଛି । ଅନ୍ୟପକ୍ଷରେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ କହିଛନ୍ତି, ପତି-ପତ୍ନି ବିବାଦର ଆପୋଷ ସମାଧାନର ଉଦ୍ୟମ



ହେଉଛି । ବାବୁସାନ୍ ଅନୁତାପ କରିଛନ୍ତି, ଏଭଳି ଘଟଣାର ଆଉ ପୁନଃରାବୃତ୍ତି ହେବ ନାହିଁ ବୋଲି କହିଥିବା ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏପରି ଆଉ ହେବନି ବୋଲି ପରିବାରକୁ ଆଶ୍ୱାସନା ଦେଇ ବାବୁସାନ୍ ବୁଝାଇଥିବା ଶ୍ରୀ ନାୟକ ତାଙ୍କ ସୂଚନାରେ କହିଥିବାବେଳେ ଆଗୁଆ ଜାମିନ୍ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିଥିଲେ । ତାଙ୍କ ପତ୍ନୀ ତୃପ୍ତି ଶତପଥି ଯେଉଁ ଅଭିଯୋଗ କରିଥିଲେ । ସେହି ଅଭିଯୋଗକୁ ଆଧାର କରି ପୋଲିସ ବାବୁସାନ୍‌ଙ୍କ ବିରୋଧରେ ୪୯୮(କ), ୫୦୬ ଦଫାରେ ମାମଲା ରୁଜୁ କରିଥିବାରୁ ସୁରକ୍ଷା ଦୃଷ୍ଟିରୁ ବାବୁସାନ୍ ଉଚ୍ଚନ୍ୟାୟାଳୟରେ ଆଗୁଆ ଜାମିନ୍ ଆବେଦନ କରିଛନ୍ତି । ଗତ ଶନିବାର ବାବୁସାନ୍/ପ୍ରକୃତି କୋଟିଏ ଗାଡିରେ ଏୟାରପୋର୍ଟ ଅଭିମୁଖେ ଯାଉଥିବାବେଳେ ଖାରବେଳ ନଗର ଥାନା ଅଞ୍ଚଳରେ ତୃପ୍ତି ଶତପଥି ଓ ତାଙ୍କ ବାପା ଲଳିତ ଶତପଥି ଓ ଅନ୍ୟ ୭/୮ ଜଣ ତାଙ୍କୁ ଡକାଇ ପାଟି ତୁଣ୍ଡ କରିବା ସହ ଠେଲାପେଲା କରିଥିଲେ । ବାବୁସାନ୍ ଓ ପ୍ରକୃତିଙ୍କୁ ଟଣା ଓଟରା କରିବା ଭିଡିଓ ଭାଇରାଲ୍ ହେବାପରେ ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ମା କୃଷ୍ଣାପ୍ରିୟା ମିଶ୍ର ଖାରବେଳ ନଗର ଥାନାରେ ଅଭିଯୋଗ କରିଥିଲେ । ଏହାର କିଛି ସମୟପରେ ଶନିବାର ଅପରାହ୍ନରେ ବାବୁସାନଙ୍କ ପତ୍ନି ତୃପ୍ତି ଓ ଶାଶୁ ଅପରାଜିତା ମହାନ୍ତି ଥାନାରେ ପହଞ୍ଚି ବାବୁସାନ୍ ଓ ପ୍ରକୃତିଙ୍କ ବିରୋଧରେ ଏତଲା ଦାୟର କଲେ । ୨ଟି ଏତଲା ପୋଲିସ ପଞ୍ଜିକରଣ କରି ତଦନ୍ତ କରୁଥିବାବେଳେ ନୋଟିସ୍ କରିଥିଲା । ପ୍ରକୃତି ଓ ବାବୁସାନ୍ ଆଗପଛ ହୋଇ ଚେନ୍ନାଇରୁ ଫେରିଥିଲେ ।

## ଜିଲ୍ଲା କାର୍ଯ୍ୟାଳୟରେ କର୍ମଚାରୀ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟରେ କର୍ମଚାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ କୋରନା ସଂକ୍ରମଣ ବୃଦ୍ଧି ପରିପ୍ରେକ୍ଷୀରେ ସମସ୍ତ କର୍ମଚାରୀ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ରକ୍ଷା କରିବା ଏବଂ ହାତକୁ ପରିଷ୍କାର ରଖିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ଗୁରୁତ୍ୱାରୋପ କରିଥିଲେ । କୋରନା ସଂକ୍ରମଣ ଯୋଗୁ ବିଗତ ୨ବର୍ଷ ଧରି କର୍ମଚାରୀ ବୈଠକ ଅନୁଷ୍ଠିତ ହୋଇପାରିନଥିଲା । ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ମାସ୍କ ପରିଧାନ ପାଇଁ ପ୍ରବର୍ତ୍ତାଇବା ଏବଂ ତାଙ୍କ ଅଭିଯୋଗକୁ ସହୃଦୟତାର ସହ ଶୁଣି ତାର ଆଶୁ ସମାଧାନ ପାଇଁ କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ । ସରକାରୀ କର୍ମଚାରୀ ଆଚାର ସଂହିତା ନିୟମକୁ ପାଳନ କରିବାକୁ ସମସ୍ତ କର୍ମଚାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।

### ସହାୟତାର ହାତ ବଢ଼ାଇଲେ ସମାଜସେବୀ ଅଭୟ ଦାସ

## ଉର୍ମିଳା ନର୍ସିଂହୋମରେ ବିଏସ୍‌କେୱାଇ ଯୋଜନାରେ ବିରଳ ଅସ୍ତ୍ରୋପଚାର



କଟକ,୨ (ନି.ପ୍ର.) : ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅନ୍ତର୍ଗତ ଶଙ୍କରପୁର ଗ୍ରାମର ଅହମଦ୍ ଖାନ (୪୨)ଙ୍କ ର ଦୀର୍ଘଦିନ ଧରି ଛାତି ତଳ ବା ବୃକକ(କିଡନି)ରେ ଯନ୍ତ୍ରଣା ଅନୁଭୂତ ହେଉଥିଲା । ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗାଯୋଗ କରି ଜାଣିବାକୁ ପାଇଥିଲେ ଯେ, ତାଙ୍କ କିଡନିରେ ବହୁତ ଗୁଡିଏ ପଥର ଜମାଟ ବାନ୍ଧି ହୋଇ ରହିଛି । ସେଗୁଡିକୁ ତୁରନ୍ତ ଅସ୍ତ୍ରୋପ୍ରଚାର ମାଧ୍ୟମରେ ବାହାର କରିବା ଦରକାର ଅଟେ । ଆଉ ଏଥିପାଇଁ କଟକ ଯିବାକୁ ପଡିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ । ଅହମଦ ବିଏସକେୱାଇ (ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ)କୁ ସାଙ୍ଗରେ ଧରି କଟକ ଆସି ବିଭିନ୍ନ ଘରୋଇ ହସପିଟାଲରେ ଯୋଗାଯୋଗ କରିଥିଲେ ମଧ୍ୟ କେହି ତାଙ୍କୁ ସହାୟତା କରିନଥିଲେ । ଶେଷରେ ମଧୁପାଟଣାସ୍ଥିତ ସମ୍ରାଟ ସିନେମା ହଲ ସମ୍ମୁଖରେ ଥିବା ଉର୍ମିଳା ନର୍ସିଂହୋମରେ ପହଚିଂଥିଲେ । ହସପିଟାଲ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇ ୪ଜଣ ଅଭିଜ୍ଞ ଡାକ୍ତର ଓ ସହାୟତାଙ୍କ ଦ୍ୱାରା ଲାପ୍ରୋସ୍କୋପି ସହାୟତାରେ ସାଢ଼େ ଚାରି ଘଟାଂରୁ ଉର୍ଦ୍ଧ ପରିଶ୍ରମ ଦ୍ୱାରା ରୋଗୀର କିଡ୍‌ନିରୁ ଏକ କିଲୋରୁ ଉର୍ଦ୍ଧ୍ୱ ଛୋଟ ବଡ ହୋଇରହିଥିବା ଖଣ୍ଡ ଖଣ୍ଡ ପଥର ବାହାରିଥିଲା । ବର୍ତମାନ ରୋଗୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବାର ଡାକ୍ତର ସୂଚନା ଦେଇଥିବା ବେଳେ ରୋଗୀଙ୍କ ସପରିବାର ଉର୍ମିଳା ନର୍ସିଂହୋମର ଅଧକ୍ଷ ତଥା ସମାଜସେବୀ ଅଭୟ କୁମାର ଦାସ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବରିଷ୍ଠ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ



ନିଶ୍ଚିନ୍ତକୋଇଲି, (ନି.ପ୍ର.) : ନିଶ୍ଚିନ୍ତକୋଇଲି ବ୍ଲକର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଖବର କାଗଜ ସୂର୍ଯ୍ୟପ୍ରଭାର ସାମ୍ବାଦିକ ରତ୍ନାକର ବାରିକଙ୍କୁ ଶୁକ୍ରବାର ରାତିରେ କେତେକ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ । ଶ୍ରୀଯୁକ୍ତ ବାରିକ ପ୍ରତିଦିନ ପରି ସମ୍ବାଦ ପରିବେଷଣ କରି ଘରକୁ ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ବାଟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ଶ୍ରୀ ବାରିକଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିଲା । ଘଟଣା ସଂପର୍କରେ ଶ୍ରୀ ବାରିକଙ୍କ ପତ୍ନୀ ତେଜସ୍ୱିନୀ ବାରିକ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଦୁର୍ବୃତମାନେ ତାଙ୍କଠାରୁ ନଗଦ ଟଙ୍କା, କ୍ୟାମେର ଛଡାଇନେଛନ୍ତି । କଣ୍ଠାପାରୀ ଗ୍ରାମର ବିଭୁପ୍ରସାଦ ଦ୍ୱିବେଦୀ ଓ ମାଳିଗାଁର ଫକୀର ଦଳାଇ ତାଙ୍କୁ ଅଟକାଇ ମୁଣ୍ଡରେ ରିଭଲ୍‌ବଲ୍ ଲଗାଇ ବୋତଲରେ ମୁଣ୍ଡକୁ ମାଡ ଦେଇଥିଲେ । ଶ୍ରୀ ବାରିକ ବହୁତ କଷ୍ଟରେ ଘରକୁ ଯାଇ ଅଚେତ ହୋଇ ପଡିଯାଇଥିଲେ । ଗ୍ରାମବାସୀ ଓ ତାଙ୍କ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଏହିଭଳି ଘୃଣ୍ୟ କାର୍ଯ୍ୟକୁ ନିଶ୍ଚିନ୍ତକୋଇଲି ଉତ୍କଳ ମେଲ୍ ସମ୍ବାଦପତ୍ରର ସାମ୍ବାଦିକ କ୍ଷୀରୋଦ ଲେଙ୍କା ନିନ୍ଦା କରିବା ସହ ଆସାମୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି ।

## ରାଷ୍ଟ୍ରପତିଙ୍କ ବିଜୟ ଉତ୍ସବ ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି (ନି.ପ୍ର.) : ବିଜୟୀ ରାଷ୍ଟ୍ରପତି ମହାମହିମ ମାନନୀୟା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ମାହାଙ୍ଗା ବିଜେପି ପକ୍ଷରୁ ଏକ ବିଜୟୀ ଉତ୍ସବ ପାଳନ କରାଯାଇଛି । ୨୬ ନଂ ଜୋନ୍ ସଭାପତି କୈଳାସ ବେହେରା, ୨୭ ନଂ ଜୋନ୍ ସଭାପତି ଅଶୋକ ସାହୁ ଏବଂ ଜିଲ୍ଲା ପ୍ରତିନିଧି ହେମନ୍ତ କୁମାର ରାଉତଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ବଜାର ମଧ୍ୟରେ ଏକ ବିରାଟ ଶୋଭାଯାତ୍ରା କରାଯାଇ ରାଷ୍ଟ୍ରପତିଙ୍କର ଜୟଗାନ କରାଯାଇଛି । ଏହାଛଡା ବିଭିନ୍ନ ରଙ୍ଗ ବେରଙ୍ଗର ବାଣ ଫୁଟାଯିବା ସହିତ ବିଜେପି କର୍ମୀମାନେ ବାଦ୍ୟର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରି ବିଜୟୀ ଉତ୍ସବକୁ ପାଳନ କରିଛନ୍ତି । ଏହି ଉତ୍ସବରେ ନାରୀନେତ୍ରୀ କଲ୍ୟାଣୀ ସେଠୀ, ନମିତା ଚାନ୍ଦ,ସବିତା ସାମଲ, ଦେବଦତ୍ତ କର, ଚିନ୍ମୟୀ ରାଉତ, ଭରତ ଦାସ, ରବିନାରାୟଣ ମହାପାତ୍ର, ଶାରଦା ମିଶ୍ର, ସୁଧାଂଶୁ ଭୂୟାଁ, ସନ୍ତୋଷ କାପ, ହରମୋହନ ପଣ୍ଡା, ପ୍ରକାଶ ସାମଲ, ଭବାନୀ ବେହେରା, ମନମୋହନ ସେଠୀ, କ୍ଷୀରୋଦ ପରିଡା, ସୁଶାନ୍ତ ପଣ୍ଡା, ରାକେଶ ସେଠୀ, ରାମଚନ୍ଦ୍ର ସେଠୀଙ୍କ ସମେତ ବହୁ କର୍ମୀ ଏଥିରେ ଯୋଗଦେଇଥିଲେ ।

### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ

## ଜଜବା ପକ୍ଷରୁ ସ୍ୱାଗତ ଉତ୍ସବ



କଟକ, (ନି.ପ୍ର.) : ଓଡ଼ିଶା ମାଟିର ଝିଅ ଦ୍ରୌପଦୀଙ୍କୁ ନେଇ ସମଗ୍ର ଭାରତ ବର୍ଷ ଆଜି ଚଳ ଚଞ୍ଚଳ । ଭାରତ ବର୍ଷର ପ୍ରଥମ ନାଗରିକ ତଥା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଜଜବା ପକ୍ଷରୁ ଏକ ସ୍ୱାଗତ ଉତ୍ସବର ଆୟୋଜନ କରାଯାଇଛି । ଗତ ୨୧ ତାରିଖରେ ନବ ନିର୍ବାଚିତ ହୋଇଥିବା ଭାରତର ମହାମହିମ ରାଷ୍ଟ୍ରପତି ତଥା ଓଡ଼ିଶାର ଗର୍ବ ଗୌରବ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଜଜବା ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ କେକ୍ କାଟି ସ୍ୱାଗତ ଉତ୍ସବ ପାଳନ କରାଯାଇଛି । ସାମ୍ବାଦିକ ସୁକାନ୍ତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଜବା ଅନୁଷ୍ଠାନର ଅଧ୍ୟକ୍ଷ ସଫଦର ହାସିମ, ସମାଜସେବୀ ଡ. ଏସ କେ କଲିମ୍ ଉଲହା, ଲିନା ନନ୍ଦିତା ପରିଡା, ଅର୍ଦ୍ଧେନ୍ଦୁ ଲେଙ୍କା, ପୂର୍ବତନ ସେନା ଅଧିକାରୀ ସଦାନନ୍ଦ ଦାସ, ବାବୁ ରାଜା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଟ୍ୱିଟ ଯୋଗେ ଅଭିନନ୍ଦନ ଜଣାଯାଇଛି ।

### ବାରବାଟୀ ସେଣ୍ଟ୍ ଜାଭିୟର୍ସରେ ଚନ୍ଦନ ହେଲେ ଟପର୍

## ଶିକ୍ଷାଦାନ ସହିତ ସଂସ୍କାର ମଧ ଜରୁରୀ : ଅଧକ୍ଷ ଶାନ୍ତନୁ ଆଦ୍ୟା

କଟକ, (ନି.ପ୍ର.) : ଚଳିତ ସିବିଏସସି ଦଶମ ପରୀକ୍ଷାରେ ବାରବାଟୀ ଷ୍ଟାଡିୟମସ୍ଥିତ ସେଂଟ ଜାଭିୟର୍ସ ହାଇସ୍କୁଲର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି । ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୯% ରଖି ଚନ୍ଦନ କୁମାର ସାହୁ ସ୍କୁଲର ଟପର ହୋଇଥିବା ବେଳେ ୬ଜଣ ୯୫%ରୁ ଉର୍ଦ୍ଧ୍ୱ, ୧୭ଜଣ ୯୦%ରୁ ଉର୍ଦ୍ଧ୍ୱ, ୧୭ଜଣ ୮୦%ରୁ ଉର୍ଦ୍ଧ୍ୱ, ୧୪ଜଣ ୭୦%ରୁ ଉର୍ଦ୍ଧ୍ୱ ଏବଂ ୧୭ଜଣ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ସ୍କୁଲର ମହାନିର୍ଦ୍ଦେଶକ ଡ. ଜି. ଏସ ପଟନାୟକ ଏବଂ ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି ସମସ୍ତ ଛାତ୍ରଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଉତ୍ତୋରତର କାମନା କରିଛନ୍ତି । ଏହି ଅବସରରେ ସ୍କୁଲର ଟପର ଚନ୍ଦନ ଏହି ସଫଳତାର ସମସ୍ତ ଶ୍ରେୟ ଅଭିଭାବକ, ସ୍କୁଲର ଶିକ୍ଷକ ଶୀକ୍ଷୟତ୍ରୀଙ୍କ ଆଶୀର୍ବାଦ ଓ ନିଜର ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି । ଶେଷରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନର ଗରୁତ୍ୱ ଯେତିକି ରହିଥାଏ ସମପରିମାଣର ସଂସ୍କାରର ମଧ ଆବଶ୍ୟକତା ରହିଥାଏ ବୋଲି ସ୍କୁଲର ଅଧକ୍ଷ ଶାନ୍ତନୁ ଆଦ୍ୟା କହିଛନ୍ତି ।



ଚନ୍ଦନ କୁମାର ସାହୁ (୯୯%)



ଆୟେଶା ତବଶୁମ୍ (୯୭.୨)



ଧ୍ରିତି କ୍ରିସ୍ନା (୯୭%)



ସାଇ ସୋହମ ପଟନାୟକ (୯୬.୮%)



ଆକାଂକ୍ଷା ମିଶ୍ର (୯୫.୪%)



ଶ୍ରେଷ୍ଠା ମହାନ୍ତି (୯୫%)

### କୁଜଙ୍ଗ ଉପ-ମଣ୍ଡଳ ତରଫରୁ ତିର୍ତୋଲ ବ୍ଲକର

## ଡାଇଁଲୋ ପଂଚାୟତ କାର୍ଯ୍ୟାଳୟରେ ଡାକମେଳା ଅନୁଷ୍ଠିତ




ଜଗତସିଂହପୁର, (ନି.ପ୍ର.) : ଡାଇଁଲୋ ପଞ୍ଚାୟତ ଗୃହରେ କଟକ ଦକ୍ଷିଣ ଡାକମଣ୍ଡଳ ଅଧୀନରେ ଥିବା କୁଜଙ୍ଗ ଉପ-ମଣ୍ଡଳ ତରଫରୁ ଏକ ଡାକମେଳାର ଆୟୋଜନ କରାଯାଇଥିଲା । ଶଙ୍ଖେଶ୍ୱର ପୋଷ୍ଟମାଷ୍ଟର ପିକିନିକି ଜେନା ଏହି ମେଳାରେ ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ଡାଇଁଲୋ ପଞ୍ଚାୟତର ପ୍ରତିନିଧି ଶ୍ରୀଯୁକ୍ତ କ୍ଷୀରୋଦ କୁମାର ବାରିକ,ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ଓଚଚଇ ମ୍ୟାନେଜର ଶ୍ରୀଯୁକ୍ତ ଶୁଭଙ୍କର ମହାପାତ୍ର, ସମ୍ମାନନୀୟ ଅତିଥି ଭାବରେ କଟକ ଦକ୍ଷିଣ ଡାକମଣ୍ଡଳର ଡାକ ଅଧିକ୍ଷକ ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ କର,ସମ୍ମାନନୀୟ ବକ୍ତା ଭାବେ ଜଗତସିଂହପୁର ଜିଲ୍ଲାର ସ୍ମଲ ଶେଭିଂସ ଅଫିସର ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ ଓ କୁଜଙ୍ଗ ଉପ ମଣ୍ଡଳର ଡାକ ନିରୀକ୍ଷକ ଶ୍ରୀଯୁକ୍ତ ରଜନୀକାନ୍ତ ବାରିକ ମହୋଦୟ ଯୋଗଦେବା ସହିତ ମେଳାରେ ଉପସ୍ଥିତ ଥିବା ଡାଇଁଲୋ ପଞ୍ଚାୟତର ୫୦ ରୁ ଅଧିକ ୱାର୍ଡମେମ୍ବର, ଅଙ୍ଗନବାଡି କର୍ମଚାରୀ, ଆଶା ଦିଦି, ସ୍ୱୟଂସହାୟକ ଗୋଷ୍ଠୀର କର୍ମଚାରୀମାନଙ୍କ ସହିତ ଡାଇଁଲୋ ଗ୍ରାମର ସମସ୍ତ ଗ୍ରାମବାସୀମାନଙ୍କୁ ଡାକଘରେ ଉପଲବ୍ଧ ହେଉଥିବା ବିଭିନ୍ନ ଯୋଜନା ଯେପରକି ସଞ୍ଚୟ ଜମା,ସୁକନ୍ୟା,ଆର୍ଡି, ଫିକ୍ସ, ସିନିଅର ସିଟୀଜେନ,ନ୍ୟାସନାଲ ଶେଭିଂ ସାର୍ଟିଫିକେଟ, RPLI, PLI, IPPB, ଆଧାର କାର୍ଡ,ପାନ କାର୍ଡ, ଟ୍ରେନ ଟିକଟ, ଫସଲ ବୀମା ଯୋଜନା, ବର୍ଷକୁ ମାତ୍ର ୨୯୯ କିମ୍ବା ୩୯୯ ଟଙ୍କା ଦେଇ ୧୦ ଲକ୍ଷ୍ୟ ସ୍ୱାସ୍ଥ୍ୟ ବୀମା ଆଦି ଯୋଜନାର ସୁଫଳ ବିଷୟରେ ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ମହାପାତ୍ର ଅବଗତ କରାଇଥିଲେ । ପୋଷ୍ଟଅଫିସରେ ଉପଲବ୍ଧ ସମସ୍ତ ଯୋଜନା ସହିତ ନୂତନ ଭାବେ ଆସିଥିବା ଫସଲ ବୀମା ଯୋଜନା ଏବଂ ପ୍ରତେକ ବ୍ୟକ୍ତି ବର୍ଷକୁ ମାତ୍ର ୨୯୯ କିମ୍ବା ୩୯୯ ଟଙ୍କା ଦେଇ ୧୦ ଲକ୍ଷ୍ୟ ଟଙ୍କାର ସ୍ୱାସ୍ଥ୍ୟ ବୀମା ଆଦି କିପରି ପ୍ରତେକ ଗାଁର କୋଣ ଅନୁକୋଣ ତଥା ଘରେ ଘରେ ପ୍ରତେକ ବ୍ୟକ୍ତିମାନଙ୍କ ପାଖରେ ଅତି ସହଜରେ ପହଞ୍ଚି ପାରିବା ସହିତ ଏହାର ସୁବିଧା ଯେପରି ଅତି ସହଜରେ ମିଳିପାରିବ ଏହାହିଁ ଏହି ଡାକମେଳାର ମୂଳ ଉଦେଶ୍ୟ ବୋଲି ସମ୍ମାନିତ ଅତିଥି ଶ୍ରୀଯୁକ୍ତ କର କହିଥିଲେ । ସମ୍ମାନୀୟ ବକ୍ତା ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ ମହୋଦୟ ନିଜ ଅଭିଭାଷଣ ମାଧ୍ୟମରେ ସଞ୍ଚୟ ଖାତା ଖୋଲି ନିଶ୍ଚିତ ରହିବା ସହ ଭାରତ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରି ନିଜ ଅଭିଜ୍ଞତାକୁ ସମସ୍ତଙ୍କ ସମ୍ମୁଖରେ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ । ଏହି ମେଳାରେ ଡାଇଁଲୋ ଶାଖା-ଡାକଘର ସମସ୍ତ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ । କୁଜଙ୍ଗ ଉପମଣ୍ଡଳର ଓଭରସିଅର ଶ୍ରୀଯୁକ୍ତ ଅମରେନ୍ଦ୍ର ପଲେଇ ଓ ସନ୍ତୋଷ ସାହୁ ଏହି ମେଳାକୁ ଆୟୋଜନ କରିଥିଲେ । ଶେଷରେ ଡାଇଁଲୋ ପୋଷ୍ଟ ଅଫିସର ସହକାରୀ ଶାଖା ଡାକପାଳ ସ୍ନେହାଶିଷ ରାଉତ ଧନ୍ୟବାଦ ଅର୍ପଣ କରି ସଭାକୁ ସାଙ୍ଗ କରିଥିଲେ ।

## ମହାନଦୀ ବିହାର ଶିଶୁ ବିଦ୍ୟାମନ୍ଦିରରେ ମେଧାବୀଙ୍କୁ ଅଭିନନ୍ଦନ



କଟକ, (ନି.ପ୍ର.) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମହାନଦୀ ବିହାର, ଶିଖରପୁର,କଟକ ପରିସରରେ ଶିକ୍ଷାବର୍ଷ ୨୦୨୧-୨୨ ରେ ମାଟ୍ରିକ ପରୀକ୍ଷାରେ ୯୦% ରୁ ଅଧିକ ପ୍ରାପ୍ତଙ୍କ ଲାଭ କରିଥିବା ମେଧାବୀ ଶିଶୁ ଭାଇ ଭଉଣୀମାନଙ୍କୁ ଓ ୫ମ ଶ୍ରେଣୀରେ ମେଧାବୃତ୍ତି ପାଇଥିବା ଶିଶୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନୂଆବଜାର ସଂକୁଳର ସଂକୁଳ ପ୍ରମୁଖ ଶ୍ରୀଯୁକ୍ତ ଅକ୍ଷୟ କୁମାର ମହାନ୍ତି ମା' ବାଗଦେବୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଶିଶୁ ମାନଙ୍କର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଆଶିଷ ଭିକ୍ଷା କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ବିଜୟ କୁମାର ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଶିଶୁ ଭାଇ ଭଉଣୀ ମାନଙ୍କୁ ସୁସଂସ୍କୃତ ଭାବେ ଉତ୍ତମ ଶିକ୍ଷାର୍ଜନ କରି ପରବର୍ତୀ ସମୟରେ ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ । ପରିଚାଳନା ସମିତିର ସଭାପତି ସୁଶ୍ରୀ ପ୍ରତିମା ଶତପଥି ଶିଶୁ ଭାଇଭଉଣୀ ତଥା ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କୁ ଆଶିଷ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ସମୀର ମହାନ୍ତି ମେଧାବୀ ଶିଶୁ ତଥା ସେମାନଙ୍କର ମାତାପିତାଙ୍କର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପରିଶେଷରେ ଦିବାପର୍ଯ୍ୟାୟ ପ୍ରମୁଖ ଶ୍ରୀଯୁକ୍ତ ଚକ୍ରଧର ଦାଶ ଧନ୍ୟବାଦ ଅର୍ପଣ କରିଥିବା ସ୍ଥଳେ ଆଚାର୍ଯ୍ୟା ଶ୍ରୀମତୀ ମୋନାଲିସା ସାହୁ ମଞ୍ଚ ସଂଯୋଜନା କରିଥିଲେ । ପରିଚାଳନା ସମିତିର ସଭ୍ୟ ଶ୍ରୀମାନ୍ ଦୁଷ୍ମନ୍ତ କୁମାର ଦଳାଇ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।

## ଧାନ ବିହନ ଗଜା ହେଉନଥିବା ଚାଷୀଙ୍କ ଅଭିଯୋଗ



ନିଶ୍ଚିନ୍ତକୋଇଲି, (ନି.ପ୍ର.) : ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ସରକାରଙ୍କ ବିହନ ନିଗମ ମାଧ୍ୟମରେ ଉନ୍ନତମାନର ଧାନ ବିହନ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଛି । ଚଳିତ ଖରିଫ ଧାନଚାଷ ପାଇଁ ଅସୁରେଶ୍ୱର ସେବା ସମବାୟ ଅଧିନରେ ଥିବା କେତେକ ଚାଷୀ ବିଭିନ୍ନ କିସମର ଧାନ ବିହନ କିଣିଥିଲେ ମଧ୍ୟ କଳାଚମ୍ପା ଧାନ ବିହନ ଆଦୌ ଗଜା ହେଉନଥିବା ଅଭିଯୋଗ ହୋଇଛି । ଏହି ସେବା ସମବାୟ ସମିତି ଅଧିନରେ ଥିବା ଅସୁରେଶ୍ୱର, କଟିକଟା, କେଣ୍ଡାଳ, ବନମାଳୀପୁର ଆଦି ଗ୍ରାମର ବହୁ ଚାଷୀ ଏହି ବର୍ଷ କଳାଚମ୍ପା ଧାନ ବିହନ କିଣି ହୀନସ୍ତା ହେଉଥିବା ବେଳେ ବର୍ତ୍ତମାନ କିଭଳି ଧାନଚାଷ କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି । କଟିକଟା ପଞ୍ଚାୟତର ବିଜୟ କୁମାର ସାମନ୍ତରାୟ, ସୁବାଷ ଚନ୍ଦ୍ର ନାୟକ, ଧରଣୀଧର ଓଝା, ଅସୁରେଶ୍ୱରର ସୁକାନ୍ତ ସାହୁଙ୍କ ସମେତ ବହୁ ଚାଷୀ ଏହି ଧାନ ବିହନ କିଣି ଜମିରେ ବୁଣିଥିଲେ ମଧ୍ୟ ଆଦୌ ଗଛ ଉଠୁନାହିଁ । ଅସୁରେଶ୍ୱର ସମବାୟ ସମିତିରେ ଏହି ଚାଷୀମାନେ ବିହନ କିଣିଥିବାରୁ ଗଜା ହେଉନଥିବା ସଂକ୍ରାନ୍ତରେ ସମିତିର ସଂପାଦକଙ୍କୁ ଅବଗତ କରାଇଥିଲେ । ସଂପାଦକ ଜାଣିବା ପରେ ସେ ରାଜ୍ୟ ସରକାରଙ୍କ ବିହନ ନିଗମରୁ ବିହନ ଆଣି ବିକୁଥିବା ପ୍ରକାଶ କରି ନିରୁପାୟ ହୋଇ ଚାଷୀମାନଙ୍କୁ କୌଣସି ସହଯୋଗ କରିପାରିନଥିବା ଜଣାଯାଇଛି । ଅପରପକ୍ଷରେ କୃଷି ବିଭାଗ ପକ୍ଷରୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

## ରମାଦେବୀଙ୍କର ଶ୍ରଦ୍ଧାଞ୍ଜଳି ସଭା ରମାଦେବୀ ଶିଶୁମନ୍ଦିରରେ

କଟକ, (ନି.ପ୍ର.) : ଗୁଣନିଧି ଭବନସ୍ଥ ରମାଦେବୀ ଶିଶୁମନ୍ଦିର ପରିସରରେ ମାଆ ରମାଦେବୀଙ୍କର ସଇଁତିରିଶତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଶିଶୁମନ୍ଦିରର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଅନ୍ନପୂର୍ଣ୍ଣା ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗଠକ ନରହରି ସେନ କହିଲେ ଯେ, ରମାଦେବୀ ନିଜ ସେବା ଓ ତ୍ୟାଗ ବଳରେ ଓଡିଶାରେ ମାଆରୂପେ ପୂଜିତା । ସ୍ୱାଧୀନତା ଆନ୍ଦୋଳନରେ ମହିଳାମାନେ ଓଡିଶାରେ ସାମିଲ ହେବା ପଛରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ଲବଣ ସତ୍ୟାଗ୍ରହ, ଭାରତ ଛାଡ ଆନ୍ଦୋଳନ, ନିଶା ନିବାରଣ, ହରିଜନ ପଦଯାତ୍ରା, ସାମ୍ପ୍ରଦାୟିକ ସଦଭାବ, ମହିଳା ସଶସ୍ତୀକରଣ, ବାନର ସେନା ପ୍ରଶିକ୍ଷଣ ଆଦି ପ୍ରତି କ୍ଷେତ୍ରରେ ସେ ଓଡିଶାର ନେତୃତ୍ୱ ନେଇଥିଲେ । କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟୀ ଡା ବିଶ୍ୱଜିତ ଏହି ସଭାରେ ଯୋଗଦେଇ କହିଲେ ଯେ, ମାଜିଷ୍ଟ୍ରେଟ ପିତାଙ୍କୁ ଖୁଦୀରାମ ବୋଷଙ୍କୁ ଫାଶୀ ନଦେବାକୁ ପ୍ରେରିତ କରି ରମାଦେବୀ ସାତ ବର୍ଷ ବୟସରୁ ତୁଳସୀ ପରି ବାସିଥିଲେ ।

## ସଂପାଦକୀୟ

# ଇସ୍ପାତ ମାନଚିତ୍ରରେ କେନ୍ଦ୍ରାପଡ଼ା

ଦକ୍ଷିଣ କୋରିଆର ବୃହତ୍ ଇସ୍ପାତ କମ୍ପାନୀ ପୋସ୍କୋ ଓଡ଼ିଶାର ଜଗତସିଂହପୁର ଜିଲ୍ଲାର କୁଜଙ୍ଗ-ପାରାଦ୍ୱୀପ ଅଞ୍ଚଳରେ ଦେଶର ସର୍ବବୃହତ ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବା ପାଇଁ କିଛିବର୍ଷ ପୂର୍ବେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏଥିଲାଗି ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେବା ସଙ୍ଗେ ସଙ୍ଗେ ଆନୁଷଙ୍ଗିକ ପ୍ରସ୍ତୁତି ମଧ୍ୟ ପ୍ରାୟତଃ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା। ମାତ୍ର ସ୍ଥାନୀୟ ଜମିହରା ଲୋକଙ୍କ ପ୍ରବଳ ପ୍ରତିରୋଧ ଏବଂ ଆନ୍ଦୋଳନ ତଥା କେତେକ କ୍ଷେତ୍ରରେ ରାଜ୍ୟର ପ୍ରଶାସନିକ ବଳର ଅସହଯୋଗ ମୂଳକ ମନୋଭାବ ଯୋଗୁଁ ବୀତସ୍ପୃହ ହୋଇ ପୋସ୍କୋ ବାଧ୍ୟବାଧକତାରେ ଓଡ଼ିଶା ପ୍ରକଳ୍ପକୁ ବନ୍ଦ ରଖିଲା। ଏହି ଇସ୍ପାତ ପ୍ରକଳ୍ପ ଭାରତର ସର୍ବବୃହତ ବିଦେଶୀ ପୁଞ୍ଜିନିବେଶ ଭାବରେ ବିବେଚିତ ହେଉଥିବା ସ୍ଥଳେ ଓଡ଼ିଶା ଏତେ ବଡ଼ ସୁଯୋଗରୁ ବଞ୍ଚିତ ହୋଇଥିଲା। ଏବେ ଜଗତସିଂହପୁର ଜିଲ୍ଲାର ପାର୍ଶ୍ୱବର୍ତ୍ତି କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱ ଇସ୍ପାତ ମାନଚିତ୍ରରେ ସ୍ଥାନୀତ ହେବା ପାଇଁ ପୁଣି ଏକ ସୁଯୋଗ ସୃଷ୍ଟି ହୋଇଛି। ଏହି ଜିଲ୍ଲାର ମହାକାଳପଡ଼ା ଅଞ୍ଚଳରେ ଏକ ମେଗା ଇସ୍ପାତ କାରଖାନା ସ୍ଥାପନ କରାଯିବାକୁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଆର୍ସେଲର ମିତ୍ତଲ୍ ଆଣ୍ଡ୍ ନିପନ୍ ଷ୍ଟିଲ୍ କମ୍ପାନୀ ବାର୍ଷିକ ୨୪ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ସମନ୍ୱିତ ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବାକୁ ଯାଉଛି। ୩ ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ଠାରେ ଦେଶର ସର୍ବବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ମେଗା ପ୍ରକଳ୍ପ ଜରିଆରେ ୧୬ ହଜାର ଲୋକଙ୍କୁ ସିଧାସଳଖ ନିଯୁକ୍ତିର ସୁଯୋଗ ମିଳିବ। ଏହାବ୍ୟତୀତ ଆନୁସଙ୍ଗିକ ସହାୟକ ଶିଳ୍ପ ଓ ଅନ୍ୟାନ୍ୟ ସେବା ମାଧ୍ୟମରେ ବହୁ ଲୋକଙ୍କୁ ପରୋକ୍ଷରେ ନିଯୁକ୍ତି ସୁଯୋଗ ମିଳିବ। ଆସନ୍ତା ୭ ବର୍ଷ ମଧ୍ୟରେ ଏହି ଇସ୍ପାତ ମେଗା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାରଖାନାରୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଇସ୍ପାତ ଉତ୍ପାଦିତ ହେବାର ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ପାଇଁ ଆଉ ଏକ ଉତ୍ସାହପ୍ରଦ ଖବର ହେଉଛି ଯେ, ଏହି କାରଖାନାରୁ ବାର୍ଷୀକ ୧୮.୭୫ ନିୟୁତ ଟନ୍ ସିମେଣ୍ଟ ମଧ୍ୟ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରହିଛି। ଏହା ସାରା ଦେଶର ଅନ୍ୟତମ ସର୍ବବୃହତ ସିମେଣ୍ଟ ଉତ୍ପାଦନକାରୀ ଶିଳ୍ପ ଭାବରେ ମଧ୍ୟ ପରିଣତ ହେବ। ମୋଟାମୋଟି ଭାବରେ ଏଭଳି ଏକ ମେଗା ଇସ୍ପାତ ପ୍ରକଳ୍ପ ସ୍ଥାପନ ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହୋଇପାରିବ। ମହାକାଳପଡ଼ା ମେଗା ଇସ୍ପାତ ପ୍ରକଳ୍ପ ନିର୍ମାଣ ବାବଦରେ ଆର୍ସେଲର ମିତ୍ତଲ୍ ଆଣ୍ଡ୍ ନିପନ୍ ଷ୍ଟିଲ୍ କମ୍ପାନୀ ୧ଲକ୍ଷ ୨ ହଜାର ୨୭୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପ ପାଇଁ ଅର୍ନ୍ତଜାତୀୟ ଉପକରଣ ନିର୍ମାତାମାନେ ଅଂଶିଦାର ରହିବେ, ଯଦ୍ୱାରା ଓଡ଼ିଶାରେ ବୃହତ ସଂଖ୍ୟାରେ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ଏହି ନୂଆ ନିବେଶ ଫଳରେ ରାଜ୍ୟ ସରକାର ଉକ୍ତ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିପାରିବେ। କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ଅଞ୍ଚଳ ଏକଦା ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରୀୟ କର୍ମଭୂମୀ ଥିଲା। ବିଜୁ ବାବୁ ଓଡ଼ିଶାରେ ଶିଳ୍ପାୟନର ଅନ୍ୟତମ ଅଗ୍ରଦୂତ ଥିଲେ। ସେ ମାଟିରେ ଆଜି ଏକ ବିଶାଳ ଇସ୍ପାତ ପ୍ରକଳ୍ପ ସ୍ଥାପନ ପାଇଁ ପଦକ୍ଷେପ ନିଆଯିବା ତାଙ୍କ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ପୋସ୍କୋ କମ୍ପାନୀର ପଛଘୁଞ୍ଚାର ତିକ୍ତ ଅନୁଭୂତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦ୍ରାପଡ଼ା ଇସ୍ପାତ କାରଖାନା ନିର୍ମାଣ ଦିଗରେ ଯଥାସମ୍ଭବ ସହଯୋଗ ଓ ସମର୍ଥନର ହାତ ବଢ଼ାଇବାକୁ ହେବ। ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ଏହା ଯେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ଅୟମାରମ୍ଭ ଏଥିରେ ସନ୍ଦେହ ନାହିଁ।

# ହାଡର ହିଡରେ ରକ୍ତର ସିଆର କାଟି ବାଂଲାଦେଶର ଜନ୍ମ

୧୯୭୧ ମସିହା ଡିସେମ୍ବର ୨୧ ତାରିଖରେ ଓଡିଶାରୁ ଏହି ଲେଖକ ଜଣେ ସାମ୍ବାଦିକ ଭାବରେ ବଂଗଳାଦେଶକୁ ଯାଇଥିଲେ । ସେଦିନ ମୋ ଦୃଷ୍ଟିରେ ବିକଳ ଭଗ୍ନସ୍ତୁପ ଓ ଭଗ୍ନାବଶେଷ ମଧ୍ୟରୁ ମୁଣ୍ଡ ଟେକିଥିବା ଏସିଆର ସେହି ନୂତନ ରାଷ୍ଟ୍ର ଯେଉଁ ରୂପରେ ପ୍ରତିଭାତ ହୋଇଥିଲା, ଭସ୍ମର ଭୂମିକା, ପାଉଁଶର ପାଦଟୀକା ଭାବେ ଏକ ସାମାନ୍ୟ କଥନ। ଯୁଦ୍ଧ ନୁହେଁ : ଶାନ୍ତି ଚାହୁଁ! ଈଶ୍ୱର ପ୍ରତ୍ୟେକ ମାନବର କାମ୍ୟ । ଶାନ୍ତି ପାଇଁ ଯୁଦ୍ଧ ଅନିବାର୍ଯ୍ୟ ହୋଇପଡେ ।

ହାଡର ହିଡରେ ରକ୍ତର ସିଆର କାଟି ବାଂଲାଦେଶର ଜନ୍ମ, ନିଆଁର ବହ୍ନି - ଧୂଆଁର ଦଲୀଲରୁ ଯାହା ଦର୍ଶାଯାଏ – ବାଂଲାଦେଶ ମୁକ୍ତି ସଂଗ୍ରାମରେ ଯୁବକଛାତ୍ରମାନେ ଅତ୍ୟନ୍ତ ଭାବପ୍ରବଣ ହୋଇ ରକ୍ତନଦୀର ଉପତ୍ୟକାରେ ବିଚରଣ କରି ଆତ୍ମ ବଳିଦାନ କରିଛନ୍ତି ଯାହା ହୁଏ ତ ସେ ଦେଶର ଇତିହାସରେ ଅମର କାହାଣୀ ଭାବେ ବର୍ଣ୍ଣନା ହୋଇ ନପାରେ । କିନ୍ତୁ ସେମାନଙ୍କ ଜୀବନଦାନ ବ୍ୟର୍ଥ ହୋଇନି, ରକ୍ତାକ୍ତ ରୂପସୀ ବାଂଲା ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି।

୧୯୭୧ ମସିହା ୨୫ ମାର୍ଚ୍ଚ ପୂର୍ବରୁ ପାକିସ୍ଥାନର ସୁଶୃଙ୍ଖଳିତ ସୈନ୍ୟବାହିନୀ ସେହି ଦେଶରେ ନିରୀହ ଜନଗଣଙ୍କ ଉପରେ ଅତ୍ୟାଚାର କରିପାରେ ଏ କଥା ବିଶ୍ୱାସ ନକଲେ ମଧ୍ୟ ପ୍ରମାଣିତ ହୋଇଥିଲା । ପାକିସ୍ଥାନ ସୈନ୍ୟବାହିନୀ କେବଳ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରୁଥିଲେ ଏହା ନୁହେଁ ସୁଧର୍ମୀ ମୁସଲମାନ ମାନଙ୍କ ଉପରେ ମଧ୍ୟ ହତ୍ୟାର ତାଣ୍ଡବଲୀଳା ସୃଷ୍ଟି କରୁଥିଲେ ।

ସ୍ୱାର୍ଥ ଓ କ୍ଷମତା ଦଖଲ ପାଇଁ ଧର୍ମକୁ ବ୍ୟବହାର କରିବା ଇତିହାସରେ ବାରମ୍ବାର ଦେଖାଦେଇଛି । ଦେଖାଯାଏ କେତେକ ହିନ୍ଦୁ ମୁସଲମାନମାନଙ୍କୁ ଶଇତାନ ବୋଲି ଆଖ୍ୟା ଦେଇ ସାମ୍ପ୍ରଦାୟିକ ବିଷମଞ୍ଜି ବୁଣି ସାମାଜିକ ବିଭୀଷିକା ସୃଷ୍ଟି କରନ୍ତି । ହିନ୍ଦୁମାନେ ମଧ୍ୟ ହିନ୍ଦୁଙ୍କୁ ପ୍ରବଳ ଶୋଷଣ କରନ୍ତି ।

ଜାତି ଅଜାତି ପ୍ରଶ୍ନ ନେଇ ହିନ୍ଦୁହିନ୍ଦୁ ମ୍ଭରେ ହଜାର ହଜାର ବର୍ଷ ଧରି ବିଭେଦ ସୃଷ୍ଟି କରି ହିନ୍ଦୁମାନେ ହିନ୍ଦୁଙ୍କୁ ଶୋଷଣ କରିଚାଲିଛନ୍ତି । ମୁସଲମାନ ମାନେ ମଧ୍ୟ ଜାତିଭେଦ ସୃଷ୍ଟି କରି ସିୟା-ସୁନି ଅହମଦିୟ ସୃଷ୍ଟି କରି ସେହି ମୁସଲମାନ ମାନଙ୍କୁ ମଧ୍ୟ ଶୋଷଣ ଅତ୍ୟାଚାର କରନ୍ତି ।

ଅଧ୍ୟାବଧି ଧର୍ମ ଓ ଜାତିକୁ ନେଇ ବିଭିନ୍ନ ଦେଶର ପ୍ରଗତିରେ ପ୍ରଚଣ୍ଡ ବାଧା ସୃଷ୍ଟି କରିଛି । ବାସ୍ତବରେ ସାରା ବିଶ୍ୱରେ ଇତିହାସର ଅମୋଘନିୟମରେ ଦୁଇଟି ଜାତି ଦୁଇଟି ଶ୍ରେଣୀ ଅଛନ୍ତି ଧନୀଗରିବ ଜାତି, ଶ୍ରମିକ ଶ୍ରେଣୀ ଓ ପୁଂଜିପତି ଶ୍ରେଣୀ । ଯୁଗ ଯୁଗ ଧରି ଜାତିଗତ ସଂଘର୍ଷ ଚାଲିଛି । କେବଳ ବଂଧୁକମ୍ଭନରେ ଧର୍ମ ଓ ଜାତିଗତ ବିଭେଦ ସଂଘର୍ଷ ଏଡାଇ ଦେଇ ହେବନାହିଁ ।

ପାକିସ୍ଥାନରେ ପୂର୍ବ ଉପରେ ପଶ୍ଚିମର ଯେଉଁ ନିର୍ମମ ଅତ୍ୟାଚାର ଏହା ଅଛପା ନଥିଲା । ଅର୍ଥନୈତିକ ଶୋଷଣ, ସାମାଜିକ ଅବିଚାର, ରାଜନୈତିକ ପ୍ରତିହିଂସା, ସାଂସ୍କୃତିକ ଓ ଯୁଦ୍ଧ ଭାବେ ଅସମାନତା ଥିବାରୁ ପୂର୍ବ ପାକିସ୍ଥାନ ଆଜିର ବଂଗଳାଦେଶ ଉପରେ ପଶ୍ଚିମ ପାକିସ୍ଥାନ ବର୍ତମାନର ପାକିସ୍ଥାନ ସବୁବେଳେ ଦାଦାଗିରୀ କରିଆସୁଥିଲା ।

ପାକିସ୍ଥାନ ମୁସଲମାନ ବହୁଳ ଦେଶ ହେଲେ ମ୍ଭ ଜାତୀୟଭାଷା ବୋଲି କିଛି ନଥିଲା । ଉର୍ଦ୍ଦୁକୁ ସମସ୍ତଙ୍କ ଉପରେ ଲଦି ଦିଆଯାଇଥିଲା । କିନ୍ତୁ ପୂର୍ବ ପଶ୍ଚିମର ଦୂରତ୍ୱ ହଜାରେ ମାଇଲ । ପୂର୍ବ ପାକିସ୍ଥାନରେ ମୁସଲମାନ ମାନଙ୍କ ମୁଖ୍ୟ ଭାଷା ଥିଲା ବଂଗଳା। ଭାଷା ଓ ଜାତୀୟତାର ପ୍ରଶ୍ନ ନେଇ ଭାଷା ଆନ୍ଦୋଳନ ଆରମ୍ଭରୁ ବିଭିନ୍ନ ପର୍ଯ୍ୟାୟରେ ମଧ୍ୟ ଦେଇ ଆଜି ସ୍ୱାଧୀନ ବଂଗଳାଦେଶ ।

ଭାଷାସାହିତ୍ୟ ମାନେତ – ଜାତିଧର୍ମ ଅଂଚଳ କୁସଂସ୍କାର ପ୍ରତିରୋଧ – ସାରା ବିଶ୍ୱର ଚତୁର୍ଦ୍ଦିଗରେ ତା'ର ବିଚରଣ । ବାଂଲାଦେଶ ଭାଷା ଆନ୍ଦୋଳନ ଐକ୍ୟବଦ୍ଧ କରି ସମସ୍ତ ଜାତିଙ୍କୁ ପ୍ରଗତିଶୀଳ ଭୂମିକାରେ ଅବତୀର୍ଣ୍ଣ କରାଇଛି । ଭାଷା ଆନ୍ଦୋଳନ ଭିତରେ ମୌଳବାଦ ଅସୂର୍ଯ୍ୟ ଇଲାକାରେ ଆତ୍ମଗୋପନ କରିଛି । ଭାଷା ପ୍ରତି ଗଭୀର ଆନୁଗତ୍ୟ ସେମାନଙ୍କୁ ସ୍ୱାଧୀନତାର ସ୍ୱାଦ ଆଡକୁ ଟାଣି ନେଇଛି – ଧର୍ମୀୟ କୁସଂସ୍କାର କୂପମଣ୍ଡୁକତାରୁ ଦୂରେଇ ନେଇ ପ୍ରଗତିଶୀଳ ଧର୍ମ ନିରପେକ୍ଷ ଭୂମିକାରେ ଅବତୀର୍ଣ୍ଣ କରାଇଛି ।

ବାଂଲାଦେଶରେ ବାରମ୍ବାର ରାଜନୈତିକ-ଅର୍ଥନୈତିକ ଅସ୍ଥିରତାରେ ପ୍ରଚଣ୍ଡ ତୋଫାନ ସୃଷ୍ଟି ହୋଇଛି – କିନ୍ତୁ କଳା

**ମାୟାଧର ନାୟକ**

ସାହିତ୍ୟ ଅଗ୍ରଗତୀର ପଥକୁ କେହି ରୋଧକରି ପାରିନାହାନ୍ତି । ଅବଶ୍ୟ ସେହି ସ୍ୱାଧୀନ ବଂଗଳା ଦେଶର ଗଣତନ୍ତ୍ର କେତେବେଳେ ବନ୍ଧା ପଡିଯାଉଛି ତ କେତେବେଳେ କାରଗାର ଅନ୍ଧକାର ମଧ୍ୟରେ ଲୁଚି ରହୁଛି । ପୁଣି କେତେବେଳେ ପଦାକୁ ବାହାରିଲେ ସେହି ଗଣତନ୍ତ୍ର ଉପରେ ଆରମ୍ଭ ହେଉଛି ସ୍ୱେଚ୍ଛାଚାରୀ ଅତ୍ୟାଚାର । ପୁଣି ଗଣତନ୍ତ୍ର ଅଣନିଶ୍ୱାସୀ । ସଂପ୍ରତି ଗଣତନ୍ତ୍ର ପୁନଃର୍ଜୀବନ ପାଇଛି । ଦେଖାଯାଉ କେତେଦିନ ଏ ଜୀବନ ?

ସାମ୍ରାଜ୍ୟବାଦୀ ବ୍ରିଟିଶ ବିରୋଧରେ ଆଜିର ବଂଗଳାଦେଶ, ପାକିସ୍ଥାନ, ଭାରତ ଅଖଣ୍ଡ ଭାରତ ବର୍ଷ ଭାବେ ଲଢୁଥିଲା । ସେତେବେଳେ ଧର୍ମଜାତି ବୋଲି କିଛି ନଥିଲା । କେବଳ ସାମ୍ରାଜ୍ୟବାଦୀ ଶକ୍ତି ଓ ପରାଧୀନ ଜାତି ମ୍ଭରେ ଲଢେଇ । ଭାରତର ସ୍ୱାଧୀନତା ଆନ୍ଦୋଳନ ପରେ ହିନ୍ଦୁ, ମୁସଲମାନ, ଶିଖ, ଜୈନ ବୌଦ୍ଧ, ଖ୍ରୀଷ୍ଟିଆନ ସବୁ ଭାଇଭାଇ ହୋଇ କାନ୍ଧକୁ କାନ୍ଧ ମିଶାଇ ଆତ୍ମତ୍ୟାଗର ବଳିଷ୍ଠ ସ୍ୱାକ୍ଷର କରିଯାଇଛନ୍ତି । ସ୍ୱାଧୀନତାର ସଂଗ୍ରାମ ଅମର କାହାଣୀ ଆଜି ମଧ୍ୟ ପ୍ରାଣବନ୍ତ । ଯେକୌଣସି ଲଢେଇ-ମୁକ୍ତି-ସ୍ୱାଧୀନତାରେ ଲକ୍ଷ୍ୟ-ଉଦ୍ଦେଶ୍ୟ-ରାସ୍ତା-ନେତୃତ୍ୱର ପ୍ରଶ୍ନ ଅତ୍ୟନ୍ତ ଜରୁରୀ । ଯଦି ଦଳେ ନିଜର ସ୍ୱାର୍ଥ ସାଧନ କରିବା ପାଇଁ ଅନ୍ୟମାନଙ୍କୁ ବ୍ୟବହାର କରନ୍ତି – ସେଇଠୁ ଆରମ୍ଭ ହୁଏ ବିଷକ୍ରିୟା ଯାହା ଦିନେ ସମାଜକୁ ମଣିଷଙ୍କୁ ଜାଳି ପୋଡି ପାଉଁଶ କରିଦିଏ । ଯାହାଡ଼ଳରେ ଅଖଣ୍ଡ ଭାରତ ଦ୍ୱିଖଣ୍ଡ ଭାରତ-ପାକିସ୍ଥାନ ପୁଣି ୫୦ବର୍ଷ ପୂର୍ବରୁ ପାକିସ୍ଥାନ ଦ୍ୱିଖଣ୍ଡ ହୋଇ ବଂଗଳାଦେଶର ସୃଷ୍ଟି । ପୁଣି ଏକାଦେଶ ତିନି ଦେଶରେ ପରିଣତ ହୋଇ ଖଣ୍ଡ ଖଣ୍ଡ ହେବା ପାଇଁ ବିଷମଂଜି କାମ ଦେଉଛି । ଦଳେ ଅଖଣ୍ଡ ଅଖଣ୍ଡ କହି କହି ବାରମ୍ବାର ଖଣ୍ଡ ଖଣ୍ଡ କରିବା ଉଦ୍ୟମ ଜାରି ରଖିଛନ୍ତି । ଯାହାଫଳରେ ଦଙ୍ଗା-ହତ୍ୟାର ବିଭିଷିକା ଲାଗି ରହୁଛି । ଏହା ଶୋଷକ ମାନଙ୍କ ବାଁହାତର ଖେଳ ବେଳେ ଶୋଷିତମାନଙ୍କର କାଳ ହୋଇ ଯାଇଛି ।

ଗୋଟିଏ ଦେଶର ଯୁଦ୍ଧ, ଗୃହଯୁଦ୍ଧରେ ଲାଗିଲେ ତା'ର ଭଲମନ୍ଦ ପ୍ରଭାବ ଅନ୍ୟଦେଶରେ ପଡେ । କେଉଁଠି ଭଲ ବି ହୁଏ, କେଉଁଠି ମଧ୍ୟ ଖରାପ ହୁଏ ।

ପାକିସ୍ଥାନ ଗୃହଯୁଦ୍ଧରେ ଭାରିଓଜନ ଭାରତଉପରେ ପଡିଥିଲା । ବହୁ ଶରଣାର୍ଥୀ ପୂର୍ବବଂଗରୁ ପଳାଇ ଆସି ଆସାମ, ମେଘାଳୟ, ତ୍ରିପୁରା, ପଶ୍ଚିମବଂଗ, ଓଡିଶାରେ ଆଶ୍ରୟ ନେଇଥିଲେ । ସେମାନଙ୍କ ଖାଦ୍ୟ ଆଶ୍ରୟ ବାବଦ ଅବଶ୍ୟ ଦେଶବାସୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିଛି ମାନବିକତା ଦୃଷ୍ଟିକୋଣରୁ । ବାମପନ୍ଥୀ, ପ୍ରଗତିଶୀଳ ରାଜନୈତିକ ଦଳ, ସ୍ୱେଚ୍ଛାସେବି ସଂଗଠନ ଦେଶଭିତରୁ ରିଲିଫ୍ ସଂଗ୍ରହକରି ବାଂଲା ଶରଣାର୍ଥୀ ମାନଙ୍କୁ ସାହାଯ୍ୟ ଓ ସେବା ମଧ୍ୟ କରିଥିଲେ ।

ପ୍ରତ୍ୟେକ ଭାରତୀୟଙ୍କ ଧନରେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଶରଣାର୍ଥୀ ମାନଙ୍କ ଖାଦ୍ୟ ଓ ଆଶ୍ରୟରେ । ଶେଷରେ ଭାରତ ସରକାର ସାମରିକ ସାହାଯ୍ୟ ବଂଗଳାଦେଶର ସ୍ୱାଧୀନତାରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ।

ସେଦିନ ଆଜି କେତେ ତଫାତ୍ । ଆଭ୍ୟନ୍ତରୀଣ ଶାନ୍ତି - ନିରାପତା ସମ୍ପୂର୍ଣ୍ଣ ବିପନ୍ନ । ପ୍ରତିମୁହୂର୍ତରେ ବିପଦ ମାଡି ଆସୁଛି । ଜନଗଣ ଅସ୍ତବ୍ୟସ୍ତ-ଛିନ୍ନଛତ୍ର-ଅଭାବଅନାଟନ-ଦାରିଦ୍ର୍ୟର କଷାଘାତରେ ଜର୍ଜରୀତ-ବିବେକ ଉପରେ ପଦାଘାତ – ଶୋଷିତ, ନିର୍ଯ୍ଯାତିତ - ଅତ୍ୟାଚାରୀତ - ଅବହେଳିତ ହେବା ସେମାନଙ୍କର ଚିରସାଥୀ ହୋଇ ରହିଛି ।

ପ୍ରଗତିଶୀଳ ଗୋଷ୍ଠୀ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ବିରୋଧରେ ପ୍ରବଳ ଆନ୍ଦୋଳନ ଚଳାଇଛନ୍ତି । ପ୍ରତିକ୍ରିୟାଶୀଳ ଗୋଷ୍ଠୀଙ୍କ ଦମନ ଅତ୍ୟାଚାର ମଧ୍ୟଯୁଗୀୟ ଅତ୍ୟାଚାର ଠାରୁ ବଳିଯାଇଛି । ବାରମ୍ବାର ରାଜନୈତିକ ଅସ୍ଥିରତା ଲାଗିରହିବ । ମୌଳବାଦୀ ଶକ୍ତିମାନେ ଧର୍ମକୁ ଆଖିଠାର ମାରି କ୍ଷମତା ଦଖଲ ପାଇଁ ବାରମ୍ବାର ଲାଳାୟିତ ହୋଇଛନ୍ତି । ଅଳ୍ପ ସମୟ ପାଇଁ କ୍ଷମତା ଅଂଶିଦାର ହୋଇ ଗଣତନ୍ତ୍ରଙ୍କୁ କବର ଦେଇଛନ୍ତି । ଦାରିଦ୍ର୍ୟ ଓ ଅସ୍ଥିରତାର ସୁଯୋଗ ନେଇ ସାମ୍ରାଜ୍ୟବାଦୀ ପୁଂଜିବାଦୀ ଦେଶ ମାନଙ୍କର ପ୍ରଭାବ ବଂଗଳାଦେଶ ଉପରେ ବୃଦ୍ଧି ପାଇଛି । ଶିକ୍ଷା ସଂପୂର୍ଣ୍ଣ ବିର୍ପଯ୍ୟସ୍ତ ହୋଇଛି । ସାମରିକ ସେନାପତି ମାନେ ବାରମ୍ବାର କ୍ଷମତାର ସ୍ୱାଦ ଚାଖିବାକୁ ହତ୍ୟାକାଣ୍ଡର ଆଶ୍ରୟ ନେଇଛନ୍ତି । ସମଗ୍ର ବାଂଲାର ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ବାରମ୍ବାର ରାଜନୈତିକ ଦେଶ ବିପର୍ଯ୍ୟୟ, ଅର୍ଥନୈତିକ ପତନ, ସାମାଜିକ ଅବ୍ୟବସ୍ଥା, ସାଂସ୍କୃତିକ ଅବକ୍ଷୟ ବଢିଚାଲିଛି – ତା ସତ୍ୱେ ମଧ୍ୟ ଅନ୍ଧାରୀ ଅଧ୍ୟାୟକୁ ଶୋଣିତ ସ୍ମୃତିର ସ୍ୱରଲିପିରେ ଯୁବଛାତ୍ର ସମାଜ ପୋଛି ଦେବାକୁ ବଦ୍ଧପରିକର । ଧର୍ମନିରପେକ୍ଷ ଗଣତନ୍ତ୍ର ବାଂଲାଦେଶ ବୋଲି ଯେତେ କଣ୍ଠ ଫଟାଇ ନେତାମାନେ ଗର୍ଜୁଛନ୍ତି ସେତେ ବିରୁଦ୍ଧାଚରଣ କରୁଛନ୍ତି । ଜନଗଣ ବିଶେଷକରି ଶିକ୍ଷିତ ସଂପ୍ରଦାୟ ଯୁବସମାଜ ମ୍ଭରେ ନୀତିଆଦର୍ଶ କର୍ମ ପ୍ରଗତିଶୀଳ ହେଲେ ପ୍ରଚଳିତ ବ୍ୟବସ୍ଥାର ପରିବର୍ତନ ହେଲେ – ଲୋକେ ସୁଖଦାୟୀ ମୈତ୍ରୀ, ସାମ୍ୟ କ'ଣ ଅନୁଭବ କରିବେ । ୫୦ବର୍ଷ ଗୋଟିଏ ଦେଶ ପକ୍ଷେ କିଛି ନୁହେଁ । ଭୂଲଭ୍ରାନ୍ତିକୁ ସଂଶୋଧନ କରି ବାଂଲାଦେଶ ଏକବିଂଶ ଶତାବ୍ଦୀର ପ୍ରଗତିଶୀଳ ଦେଶ ଭାବେ ବିଶ୍ୱରେ ପ୍ରତିପାଦିତ ହେଉ – ଜୟ ବାଂଲା ।

# ଆଧୁନିକ ଶିକ୍ଷା ନୈତିକ ମୂଲ୍ୟବୋଧର ବିକାଶ ପାଇଁ ଉପଯୁକ୍ତ ନୁହେଁ

**ଅସିତ୍ ମହାନ୍ତି**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ.ଭି ରମନା ସୋମବାର କହିଛନ୍ତି ଯେ ଆଧୁନିକ ଶିକ୍ଷା ପ୍ରକୃତିରେ ଉପଯୋଗୀ ଏବଂ ଛାତ୍ରଙ୍କ ଚରିତ୍ର ଗଢିବାରେ କିମ୍ବା ନୈତିକ ମୂଲ୍ୟବୋଧରେ ସାହାଯ୍ୟ କରିପାରିବ ନାହିଁ। ସେ କହିଛନ୍ତି ଯେ ପ୍ରକୃତ ଶିକ୍ଷା ନୈତିକ ଏବଂ ନୈତିକ ମୂଲ୍ୟବୋଧର ବିକାଶ ସହିତ ବ୍ୟକ୍ତିର ସାମଗ୍ରିକ ବିକାଶକୁ ଅନ୍ତର୍ଭୁକ୍ତ କରିବା ଉଚିତ। ସିଜେଆଇ କହିଛନ୍ତି ଯେ ଆଧୁନିକ ଶିକ୍ଷା ଉପଯୋଗୀ ପ୍ରଣାଳୀ ଉପରେ ଧ୍ୟାନ ଦିଆଯାଇଛି ଏବଂ ଏହା ଛାତ୍ରଙ୍କ ଚରିତ୍ର ଗଠନ ଏବଂ ଛାତ୍ରମାନଙ୍କର ନୈତିକ ମୂଲ୍ୟବୋଧର ବିକାଶ ପାଇଁ ଉପଯୁକ୍ତ ନୁହେଁ । ପ୍ରକୃତ ଶିକ୍ଷା ଧୈର୍ଯ୍ୟ, ପାରସ୍ପରିକ ବୁଝାମଣା ଏବଂ ପାରସ୍ପରିକ ସମ୍ମାନର ବିକାଶ କରେ । ମାନବିକ ମୂଲ୍ୟବୋଧର ପ୍ରକୃତ ମୂଳ ବିକାଶ ପାଇଁ ଶିକ୍ଷାଗତ ଯାତ୍ରାକୁ ଜାରି ରଖ । ପ୍ରଧାନ ବିଚାରପତି କହିଛନ୍ତି ଯେ ବିଶ୍ୱ ନାଗରିକ ଭାବରେ ଛାତ୍ରମାନେ ଏକ ପ୍ରଗତିଶୀଳ ବିଶ୍ୱ ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଉଚିତ୍ ।ଶ୍ରୀ ସତ୍ୟସାଇ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଜୁକେସନର ୪୦ ତମ ସମ୍ମିଳନୀରେ ଯୋଗ ଦେଇ ସିଜେଆଇ ଛାତ୍ରମାନଙ୍କୁ କହିଥିଲେ ଯେ ସେମାନେ ବ୍ୟକ୍ତିଗତ ଆବଶ୍ୟକତା କିମ୍ବା ଇଚ୍ଛାକୁ ଧରିବା ଉଚିତ୍ ନୁହେଁ ଏବଂ ପରିବାର, ପଡ଼ୋଶୀ, ଗ୍ରାମ, ସମ୍ପ୍ରଦାୟ ଇତ୍ୟାଦି ମଧ୍ୟରେ ରହିବା ଉଚିତ୍ । ସେ କହିଛନ୍ତି ଯେ ଯଦି ଆପଣ ଏହାର ଅଭ୍ୟାସ ଆରମ୍ଭ କରନ୍ତି, ତେବେ ଆପଣ ଶୀଘ୍ର ବିବାଦ ଏବଂ ହିଂସା ମୁକ୍ତ ଏକ ଭଲ ଦୁନିଆରେ ବାସ କରିବେ। ଯେଉଁ ବିଷୟଟିକୁ ବ୍ୟବସ୍ଥାକୁ ଚଳାଉଥିବା ରାଜନୈତିକ ଦଳଗୁଡିକୁ ଚିନ୍ତନ କରିବାର ଥିଲା ସେ ବିଷୟରେ ପ୍ରଧାନ ବିଚାରପତିଙ୍କୁ ଚିନ୍ତା କରିବାକୁ ପଡିଲା । ଏହି ବିଷୟରେ ମାନବତାବାଦୀ ଚିନ୍ତନର ବାହକ , ରବିନ୍ଦ୍ରନାଥ ଠାକୁର , ବିବେକାନନ୍ଦ , ପ୍ରେମଚାନ୍ଦ , ନେତାଜୀ ସୁଭାଷଙ୍କ ଭଳି ମନୀଷୀମାନେ ମୂଲ୍ୟବୋଧ ଭିତ୍ତିକ , ଚରିତ୍ର ଗଠନ ଏବଂ ନୈତିକ ଶିକ୍ଷା ଉପରେ ଜୋର ଦେଇଥିଲେ। କିନ୍ତୁ ସେଥିପ୍ରତି ଶାସକ ଗୋଷ୍ଠୀ ଆଜି ପର୍ଯ୍ୟନ୍ତ ଧ୍ୟାନ ଦେଇନାହାନ୍ତି , କାରଣ ସାଶକ ଗୋଷ୍ଠୀକୁ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଆବଶ୍ୟକତା ନାହିଁ । ଏହାହିଁ ହେଉଛି କାରଣ ସିଲାବସ ପାଠ୍ୟ ପୁସ୍ତକରୁ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ସମ୍ବଧୀ ବିଷୟବସ୍ତୁ ଏବଂ ମନୀଷୀ ମାନଙ୍କ ଦ୍ୱାରା ଲେଖାଯାଇଥିବା ଲେଖାଗୁଡିକୁ ଅଲଗା କରାଯାଉଛି । ଚରିତ୍ର ଏବଂ ମୂଲ୍ୟବୋଧ ତ ସଂଘର୍ଷଶୀଳ ବ୍ୟକ୍ତିତ୍ୱ ଏବଂ ସେମାନଙ୍କ ଦ୍ୱାରା ଲେଖାଯାଇଥିବା ପ୍ରଗତିଶୀଳ ଲେଖାଗୁଡ଼ିକରୁ ପ୍ରାପ୍ତ କରାଯାଇ ପାରିବ। ଆପଣମାନେ କିଛି ପୁରୁଣା ଲୋକମାନଙ୍କ ଠାରୁ ଶୁଣିଥିବେ ଯେ ,ବ୍ରିଟିଶ ସରକାର 'ଟମି' ବୋଲି ଗୋଟିଏ ବାହିନୀ ସୃଷ୍ଟି କରିଥିଲା ।'ଟମି' ଗୋଟିଏ ଇଂରେଜ ସନ୍ୟବାହିନୀ। ସେମାନଙ୍କର କୌଣସି ଶିକ୍ଷା ନଥିଲା, ଯେଉଁଠାରେ ଆନ୍ଦୋଳନ ହେଉଥିଲା ଏହି ଟମି ବାହିନୀକୁ ଦମନ କରିବାକୁ ଛାଡି ଦିଆଯାଉଥିଲା ।ଏହି ବାହିନୀର କୌଣସି ଚିନ୍ତା , ଚରିତ୍ର ଏବଂ ମୂଲ୍ୟବୋଧ ନଥିଲା ।ଏମାନଙ୍କର ଆଚରଣ ଥିଲା ଜାନୁଆର ଭଳି। ଏମାନେ ଲୋକମାନଙ୍କ ଉପରେ ଚଳାଉଥିଲେ ଅକଥନୀୟ ଅତ୍ୟାଚାର । ବାସ୍ତବରେ ଏପରି ବାହିନୀ କେଉଁମାନଙ୍କର ଦରକାର ? ଏହା ଦରକାର ଥିଲା ବ୍ରିଟିଶ ସରକାରଙ୍କର । କିନ୍ତୁ ବର୍ତ୍ତମାନ ଇଂରେଜ ନାହାନ୍ତି କିନ୍ତୁ ଏହି ପ୍ରକାର ବାହିନୀ ବର୍ତ୍ତମାନ ସାଶକ ଶ୍ରେଣୀ ପାଇଁ ଦରକାର । ଜନ ସଂଖ୍ୟାର ଏକ ବିରାଟ ଅଂଶକୁ ବୁଦ୍ଧି ବିବେକହିନ ଏହିଭଳି ଏକ ବାହିନୀ ଦରକାର । ଯାହା ଆଜି ଆମ ଦେଶରେ ଦେଖିବାକୁ ମିଳୁଛି । ଯଦି ଜଣେ ଛାତ୍ର ବା ଛାତ୍ରୀ ପାଖରେ ନୈତିକ ମୂଲ୍ୟବୋଧ , ଚରିତ୍ର , ଚିନ୍ତା ଚେତନା ଏବଂ ବିଚାର ଥାଏ, ତାହେଲେ ସେ ଠିକ ଏବଂ ଭୁଲ, ନ୍ୟାୟ ଅନ୍ୟାୟ ମଧ୍ୟରେ ପାର୍ଥକ୍ୟକୁ ବୁଝିପାରିବ। ତା ମାନସରେ ଗଢି ଉଠିବ ସ୍ନେହ,ମମତା,ଦୟା,କ୍ଷମା ଏବଂ ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନ କରିବାର ଅସୀମିତ କ୍ଷମତା । ଯଦି ଏହି ଅମୁଲ୍ୟ ଗୁଣ ଗୁଡିକୁ ନଷ୍ଟ କରିଦିଆଯାଏ ତାହେଲେ ସେ ହେବ ଏକ ଅସାମାଜିକ ପ୍ରାଣୀ । ବାସ୍ତବରେ ଏହାହିଁ ହେଉଛି ଗୋଟିଏ ଚକ୍ରାନ୍ତ ଯାହା ଇଂରେଜମାନେ କରୁଥିଲେ ଏବଂ ବର୍ତ୍ତମାନ ସାଶକ ଗୋଷ୍ଠୀମାନେ କରୁଛନ୍ତି ।ଶିକ୍ଷା ହେଉଛି ଏପରି ଏକ ମାଧ୍ୟମ ଯାହା ମାଧ୍ୟମରେ ଏହି ଚରିତ୍ର ଗୁଡିକୁ ଯୁବ ସମାଜରେ ପହଞ୍ଚାଯାଇପାରିବ, କିନ୍ତୁ ଦୁଃଖର କଥା, ସିଲାବସକୁ ବ୍ୟବସ୍ଥାର ଅନୁରୂପକ ଏପରି ଭାବେ ଡିଜାଇନ କରାଯାଇଛି ଯେଉଁଥିରେ ପ୍ରକୃତ ମନୁଷ୍ୟ ମଧ୍ୟରେ ଯେଉଁ ମାନବିକ ଗୁଣଗୁଡିକ ରହିବା କଥା ସେଗୁଡିକ ଦେଖିବାକୁ ମିଳେନା।

# ଓମିକ୍ରୋନ ପ୍ରତିରୋଧକ ଟିକା ଅପରିହାର୍ଯ୍ୟ

**ଶରତ କୁମାର ରାଉତ**

ଏହି ମାସରେ କରୋନା ମହାମାରୀର ଦ୍ୱିତୀୟ ବାର୍ଷିକୀ ଯଦି ପାଳନ କରାଯାଏ। ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଏବଂ ପଦକ୍ଷେପ ଯୋଗୁଁ ବିଶ୍ୱ ଇତିହାସରେ ଦ୍ରୁତତମ ସମୟରେ ମାରାତ୍ମକ ଏସଏଆରଏସ-ଏ-୨ (SARS-A-2) ଜୀବାଣୁ ବିରୁଦ୍ଧରେ ଏକ ଟିକା ପ୍ରସ୍ତୁତ କରିଥିଲେ । ଖୁବ୍ କମ୍ ସମୟ ମଧ୍ୟରେ, ଅର୍ଥାତ୍ ୨୬ ନଭେମ୍ବରରେ କରୋନା ଭାଇରସ୍ ସଂକ୍ରମଣ କମ୍ ହେବାପରେ ବିଶ୍ୱର ବିଭିନ୍ନ ଦେଶ ଏହି ନାଗରିକମାନଙ୍କୁ ଏହି ଟିକା ପ୍ରଦାନ କରିଥିଲେ । ଏସଏଆରଏସ-ଏ-୨ ଜୀବାଣୁର ଜିନୋମ କ୍ରମରେ ଦୁଇଟିରୁ ଅଧିକ ପରିବର୍ତ୍ତନ ସମସ୍ତଙ୍କୁ ଚିନ୍ତାରେ ପକାଇଥିଲା । କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା' (WHO) ଗ୍ରୁପ୍ ପକ୍ଷରୁ ହୋଇଥିବା 'ଏ' ଷ୍ଟ୍ରେନ୍ କୌଣସି ପ୍ରକାରେ ସୀମା ଅତିକ୍ରମ କରି ଚାଲିଗଲା। କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହା ଆଂଶିକ ଭାବରେ ପ୍ରବେଶ କରିଛି। ଏପରିକି ଏହା ଏତେ ଦ୍ରୁତ ଗତିରେ ବଢୁଥିବା ବିଶ୍ୱର ନେତାମାନେ ନଅଟି ରାଷ୍ଟ୍ର ଓମିକ୍ରୋନ୍‌କୁ ଅଟକାଇବା ପାଇଁ ଚେଷ୍ଟା କରୁଛନ୍ତି। ଏହାର ପ୍ରଭାବ ଏପରି ଏକ 'ରାକ୍ଷସ' ପାଲଟିଛି, ପ୍ରକୃତରେ ତାହା କଳନା କରିବା ଆଦୌ ସମ୍ଭବ ହେଉନାହିଁ ।

ଓମିକ୍ରୋନ୍ ପ୍ରକୃତରେ ଅତ୍ୟଧିକ ଶକ୍ତି ସହିତ ମାନବଜାତି ଉପରେ ପ୍ରଭାବ ପକାଇବ ବୋଲି କେତେକଙ୍କ ମତରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସତ କହିବାକୁ ଗଲେ, କରୋନା ଲାବୋରେଟୋରୀରେ କାର୍ଯ୍ୟ କରୁଥିବା ଗବେଷକ ମାନେ ମତପ୍ରକାଶ କରିଛନ୍ତି ଯେ, ଏହା ଅସହଜ, କିନ୍ତୁ ଭୟଭୀତ ହେବାର ସେଭଳି କିଛି ପ୍ରଶ୍ନ ନାହିଁ। ଓମିକ୍ରନ୍, ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ସଂକ୍ରାମକ ରୋଗ ତାହା ଆଗକୁ ଆସିବ କି ନାହିଁ ସେ ବିଷୟରେ କିଛି ନିର୍ଣ୍ଣୟ କରିବାକୁ ଅଧିକ ସମୟ ଲାଗିଯିବ । ବିଜ୍ଞାନ କେବେ ବିନା ପ୍ରମାଣରେ କିଛି କରିବାକୁ ଚାହେଁ ନାହିଁ । ଏପରିକି ବିଜ୍ଞାନଗାର ଗବେଷଣା କରୁଥିବା ଗବେଷକମାନେ କେବେ ବି ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିବା କିଛି କହିବାକୁ ଇଚ୍ଛା କରନ୍ତି ନାହିଁ। ଗଣମାଧ୍ୟମର ଯାହା ସବୁ ପ୍ରସାରଣ ହେଉଛି ତା'ର ଭୂମିକା ବିଜ୍ଞାନ ଧର୍ମୀ ଭଳି ସମାନ ହେବା ଉଚିତ। ତଥାପି, ଗଣମାଧ୍ୟମର ବିଶ୍ୱାସ ଅନୁସନ୍ଧାନର ଫଳାଫଳ ପୂର୍ବରୁ ଓମିକ୍ରୋନ୍ କିଛି ରାକ୍ଷସ ପରି ଫର୍ମରେ ପ୍ରବେଶ କରିବା ଦେଖାଯାଏ । ଫଳାଫଳ ନିର୍ଣ୍ଣୟ କରିବା ପୂର୍ବରୁ ଏହା ଅତ୍ୟଧିକ ଶକ୍ତିଶାଳୀ ବୋଲି ଜଣାପଡିଛି । ପୂର୍ବରୁ ଏପ୍ରକାର ଭାଇରସ ପରିବର୍ତ୍ତନର ଚିହ୍ନଟ ତଥ୍ୟ ମଧ୍ୟ ମିଳିସାରିଛି । କେତେକ ପ୍ରକାରର ଭାଇରସ୍ ମୂଳ ପ୍ରକାର କିମ୍ବା ତା'ଠାରୁ କମ୍ ବା ସମାନ ବୋଲି ଜଣାପଡିଛି । କେବଳ ଆଲଫା, ବିଟା, ଡେନଷ୍ଟର ଡାପାଟ ଟିକିଏ ଦେଖିବାକୁ ମିଳେ । ଏହି ପ୍ରକାରର ମ୍ୟୁଟେସନ୍ ଜିନୋମ କ୍ରମ ଯାହା ନିର୍ଦ୍ଦିଷ୍ଟ ଆମିନୋ ଏସିଡ୍ ସଂଶୋଧନ କରେ ଆମିଗଡାଲାରେ ସାମାନ୍ୟ ଅଧିକ ପରିବର୍ତ୍ତନ ହୋଇପାରେ । ତଥାପି, ଏହି ପରିବର୍ତ୍ତନ ଗୁଡିକ କେତେ ସଂକ୍ରମିତ ହୋଇପାରେ ତାହା ନିର୍ଣ୍ଣୟ କରିବା ପାଇଁ ଗବେଷଣା ଲ୍ୟାବ ପରୀକ୍ଷାର ଆବଶ୍ୟକ ରହିଛି । ଯାହା ପୂର୍ବରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଘଟୁଛି । ଏହି ଗବେଷଣା ଲ୍ୟାବରୁ ଅନେକ ତଥ୍ୟ ମିଳିଛି, ଯେତେବେଳେ ଅନେକ ଦେଶରେ ଟୀକାକରଣ ଆରମ୍ଭ ହୋଇଥିଲା । କିନ୍ତୁ, ଡେଲଟା ଆକ୍ରୋଶ କିଛି ମାତ୍ରାରେ ରାକ୍ଷସ ସ୍ତରରେ ପହଞ୍ଚିଥିଲା। ବର୍ତ୍ତମାନ ପ୍ରଶ୍ନ ହେଉଛି, ମାନବ ଶରୀରର ପ୍ରତିରକ୍ଷା/ପ୍ରତିରୋଧ ପ୍ରଣାଳୀ ଚରମ ସୀମାରେ ଲଢ଼ିବାକୁ ସମର୍ଥ ହେବ କି ? କେସ୍, ଅମିତ୍ରା ଏକ ଶକ୍ତିଶାଳୀ ଅସ୍ତ୍ର ହୋଇପାରେ କି ?

ଏସମ୍ପର୍କରେ ଉପଯୁକ୍ତ ତଥ୍ୟ ସଂଗ୍ରହ କରିବାର ଆବଶ୍ୟକ ଅଛି । ଯାହା ଦ୍ୱାରା ବହୁ ସଂଖ୍ୟକ ସଂକ୍ରମଣର ପ୍ରମାଣ ଖୋଜିବା ସମ୍ଭବ ହୋଇପାରିବ । ଆଶାକରାଯାଏ ଯେ, ଯେତେବେଳେ ଛ'ଟି ମ୍ୟୁଟେସନ୍ ମୂଳୋତ୍ପାଟନ ଘଟି ସାରିଲାଣି, ବାକି ପରିବର୍ତ୍ତନଗୁଡିକ ଏସିଇ-୨ (ACE-2) ସହିତ ବନ୍ଧୁତାକୁ ହ୍ରାସ କରୁଛି । ଫଳସ୍ୱରୂପ, ଗବେଷଣାରେ ଏହି ପରିବର୍ତ୍ତନଗୁଡ଼ିକର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଛି । ସାଧାରଣରେ ବହୁତ ଆଶାବାଦୀ, ବୋଧହୁଏ ସମସ୍ତେ ଓମିକ୍ରନ୍ ପାଇଁ ଯେତିକି ଚିନ୍ତିତ, ଏହାର ବାସ୍ତବତା କଳନା କରାଯାଇ ନପାରେ । ତଥାପି, ଆରବିଡି (ଜଇଉ) ସାଇଟ ବାହାରେ ଘଟୁଥିବା ଏଛ୭୫୫ଓ୍ୱାଇ ଓ ପି୭୧ଏଛ ପରିବର୍ତ୍ତନଗୁଡ଼ିକ କିଛିଟା ବିପଦପୂର୍ଣ୍ଣ ବୋଲି କୁହାଯାଇଥାଏ ।

ଏହି ପରିବର୍ତ୍ତନ ଗୁଡିକ ଅନ୍ତନଳୀରେ ଅଟୋମ୍ୟୁମ୍ୟୁନ୍ ପ୍ରୋଟିଜ୍ ଦ୍ୱାରା ସ୍ପାଇକ୍ ଖସିପାରେ । ଜଣାଯାଇଛି ଉପରୋକ୍ତ ଆଲୋଚନାରୁ ଅନେକଙ୍କ ପାଇଁ ବୁଝା ପଡେ, ପାଠକମାନେ କେବଳ ଆରମ୍ଭ କରିବାକୁ ଚାହାଁନ୍ତି, ଯେଉଁ ବେଗରେ ଡେଲଟା ପ୍ରକାର ବିସ୍ତାର ହୋଇଛି, ଓମିକ୍ରନ୍ ରେ ଓଡ଼ିଶାରେ ଏପର୍ଯ୍ୟନ୍ତ ଦେଖିନାହିଁ । ଯଦିଓ ନଭେମ୍ବର ୧୧ ରେ ଦକ୍ଷିଣ ଆଫ୍ରିକାର ଧର୍ନାର ଜେନୋଟାଇପ୍ ରେ ପରିବର୍ତ୍ତନ ହୋଇଥିଲା, ସେହି ଦେଶରେ ସଂକ୍ରମଣ ସଂଖ୍ୟା ସାମାନ୍ୟ ବଢିଥିଲା, କିନ୍ତୁ ନଭେମ୍ବର ପୂର୍ବରୁ ବିଭିନ୍ନ ଦେଶରେ ଦୁଇ ତିନି ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଏବେ ଭାରତରେ ୧୫୮ ଜଣଙ୍କ ଠାରେ ଓମିକ୍ରୋନ୍ ଚିହ୍ନଟ କରାଯାଇଛି । ବ୍ରିଟେନ୍ ଓ ଆମେରିକାରେ ଏହାର ପ୍ରକୋପ ପ୍ରବଳ ମାତ୍ରାରେ ବଢ଼ିଚାଲିଛି ଓ ପ୍ରାୟତଃ ସତୁରିଟି ରାଷ୍ଟ୍ରକୁ ଛୁଇଁ ଗଲାଣି । ଓମିକ୍ରୋନ୍ ଦ୍ୱାରା ପ୍ରଥମେ ବ୍ରିଟେନରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିଛି । ଏବେ ଏହି ଖବର ଗଣମାଧ୍ୟମରେ ପହଞ୍ଚି ସାରିଛି। ତଥାପି, ସେହି ସଂଖ୍ୟା ବହୁତ କମ୍ ଅଟେ। ସଂକ୍ରମଣର ହାର କେତେ ଲକ୍ଷ୍ୟ କରାଯାଇନାହିଁ। ଏହାର କାରଣ ହୋଇପାରେ ଯେ ସଂପୃକ୍ତ ନିୟାମକ କମିଟି ମଧ୍ୟରୁ ଗୋଟିଏ ସଂକ୍ରମିତ ଲୋକଙ୍କୁ ଶୀଘ୍ର ପୃଥକ କରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟଟି ଟୀକାକରଣକାରୀଙ୍କ ଉପରେ ଏହା ସେତେ ପ୍ରଭାବଶାଳୀ ହୋଇନପାରେ । ସେ ଯାହା ହେଉନା କାହିଁକି ଓମିକ୍ରୋନ୍ ହଟାଇବାକୁ ହେବ । ଅବଶ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ, ସାରା ବିଶ୍ୱରେ ସଂକ୍ରମଣ ହାରରେ ଅଧିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନାହିଁ। ଏକ ଭଲ ଖବର ସମସ୍ତଙ୍କ ପାଖକୁ ଆସିଥାଇପାରେ । ସମସ୍ତଙ୍କ ଭାଗ୍ୟ ଭବିଷ୍ୟତ କେଉଁ ଠାରେ ଲୁଚି ରହିଛି, ତାହା କେହି ଜାଣିନାହିଁ। କିନ୍ତୁ ଯଦି ଆମେ ଆମ ଶରୀରର ଆଣ୍ଟିବଡି ଗୁଡ଼ିକୁ ଅଣଦେଖା କରୁ, ଏହା ସମସ୍ତଙ୍କ ପାଇଁ କିଛି ଖରାପ ଖବର ହୋଇପାରେ । ପ୍ରାରମ୍ଭରେ, କିଛି ଅଧ୍ୟୟନ ଆସୁଛି । କୁହାଯାଏ, ଯଦି ଓମିକ୍ରନରେ ସଂକ୍ରମିତ ହେବା ପୂର୍ବରୁ ଯଦି କେହି କରୋନାରେ ସଂକ୍ରମିତ ହୁଅନ୍ତି, ତେବେ ପୁନର୍ବାର ସଂକ୍ରମଣ ହେବାର ଆଶଙ୍କା ରହିଛି । ଏହି ପ୍ରସଙ୍ଗଟି ମଧ୍ୟ ବିବାଦ ଘେରରେ ରହିଛି ।

କିନ୍ତୁ, ଦେଖାଯାଉଛି ଯେ ଟିକା ପାଇବା ପରେ ଅନେକ ଲୋକ କରୋନାରେ ସଂକ୍ରମିତ ହୋଇଛନ୍ତି । ଏହାର କାରଣ ହେଉଛି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ବଜାରକୁ ଆସିଥିବା ଟିକା କରୋନା ଷ୍ଟ୍ରେନ୍ ପ୍ରତି ସତର୍କତା ଭାବରେ କାର୍ଯ୍ୟ କରିଛି କିନ୍ତୁ ଏକ ନିର୍ଦ୍ଦିଷ୍ଟ ପ୍ରକାର ପାଇଁ ବିକଶିତ ହୋଇନାହିଁ । ଫଳସ୍ୱରୂପ, କେତେକଙ୍କୁ ଏହାର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଦେଇଛନ୍ତି । କିନ୍ତୁ ଓମିକ୍ରୋନ୍ କ୍ଷେତ୍ରରେ କ'ଣ ଘଟୁଛି ତାହା ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡିବ । ତଥାପି, ଜଣେ ଅନୁସନ୍ଧାନକାରୀ ଭାବରେ, କୁହାଯାଇପାରେ ଯେ ଓମିକ୍ରୋନ୍ ପାଇଁ ଆମକୁ ଆଉ ଏକ ନୂତନ ଟିକା ଦରକାର ନାହିଁ । କାରଣ, ଓମିକ୍ରନ୍ ସଂକ୍ରମଣର ପ୍ରାଦୁର୍ଭାବ ବଢ଼ିଥିବା ବେଳେ ପ୍ରତିରୋଧ ଟିକା ସେହି କ୍ଷେତ୍ରରେ ଭଲ ଭାବରେ କାର୍ଯ୍ୟ କରିବ । ତେଣୁ ଯଦି କେହି ପୁନର୍ବାର ସଂକ୍ରମିତ ହୁଅନ୍ତି , ତେବେ ପୂର୍ବରୁ ନେଇ ଥିବା ଟୀକା ସୁରକ୍ଷା ଯୋଗାଇବ ।

ଏହି ସମୟ ମଧ୍ୟରେ, ଟିକା ଉତ୍ପାଦନକାରୀମାନେ ଟୀକା ବିକଶିତ କରିବା ପାଇଁ ପଦକ୍ଷେପ ନେଉଛନ୍ତି ଯାହା ଆଣ୍ଟିମିକ୍ରୋବିଆଲ୍ ପ୍ରତିରୋଧକ । ଓମିକ୍ରନ୍ ର ପ୍ରଭାବ ଦେଖିବାକୁ ଆଉ କିଛି ସପ୍ତାହ ଅପେକ୍ଷା କରିବାକୁ ପଡିବ । ଓମିକ୍ରୋନ୍ ଆସିବ, ତା'ର ସହଚର ଭାଇଭଉଣୀମାନେ ଆସିବେ । କଥା ହେଉଛି, ଯେପର୍ଯ୍ୟନ୍ତ ବିଶ୍ୱର ପ୍ରତ୍ୟେକ ନାଗରିକ ଟୀକାକରଣ ନକରନ୍ତି, ସେ ପର୍ଯ୍ୟନ୍ତ କେହି ସୁରକ୍ଷିତ ନୁହଁନ୍ତି । ବିଶ୍ୱ ନେତୃବୃନ୍ଦ ସେମାନଙ୍କର ସୀମା ବନ୍ଦ କରନ୍ତୁ କିମ୍ବା ଖୋଲନ୍ତୁ, ଯେପର୍ଯ୍ୟନ୍ତ ସେମାନେ ଗରିବ ରାଷ୍ଟ୍ରମାନଙ୍କୁ ପ୍ରଚୁର ପରିମାଣରେ ଟିକା ଯୋଗାଇ ନାହାଁନ୍ତି । ଆମୀରନ୍ଙ୍କ ପରି ଏହା ନିଶ୍ଚିତ ଆଗକୁ ଆସିବ। ତେଣୁ, ଯଥାଶୀଘ୍ର ସେମାନେ ଟିକାଗୁଡ଼ିକର ସନ୍ତୁଳିତ ବଣ୍ଟନକୁ ନିଶ୍ଚିତ କରିବା ଉଚିତ୍ । ଯଦିଓ ଟୀକାକରଣ କରାଯାଏ, ତଥାପି ସମସ୍ତେ ସ୍ୱଚ୍ଛତାର ଭାବପୂର୍ଣ୍ଣ ସଂସ୍କୃତି ସୃଷ୍ଟି କରିବା ଉଚିତ୍। ମନେରଖନ୍ତୁ, ଟୀକା ଆପଣଙ୍କୁ ୧୦୦% ସୁରକ୍ଷା ଦେବ ନାହିଁ । ତେଣୁ ସଂକ୍ରମଣକୁ ରୋକିବା ପାଇଁ ମାସ୍କ ବ୍ୟବହାର କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ତା' ସତ୍ତ୍ୱେ ସରକାରଙ୍କ ନିର୍ଦ୍ଦେଶ ମାନି ଏକତ୍ରିତ ନହେବା, ଜନଗହଳି ଠାରୁ ଦୂରେଇ ରହିବା, କୌଣସି କାର୍ଯ୍ୟ ନଥାଇ ବାହାରକୁ ନଯିବା ଉଚିତ୍ । ସାମାଜିକ ଅଧିକାରର ସୁରକ୍ଷା ପାଇଁ କୌଣସି ବିକଳ୍ପ ନାହିଁ । ଓମିକ୍ରୋନ୍ ଶକ୍ତିଶାଳୀ କିମ୍ବା ନିଷ୍କ୍ରିୟ ହେଉ, ସମସ୍ତଙ୍କ ପାଇଁ ଟୀକାକରଣ ନିଶ୍ଚିତ ନହେବା ପର୍ଯ୍ୟନ୍ତ ସରକାର ସ୍ୱଚ୍ଛତା ପ୍ରତି କଠୋର ଆଚରଣ କରିବା ଆବଶ୍ୟକ।

# ଭାତ ଖାଇଲେ ମିଳେ ଅନେକ ଲାଭ



**ଚ଼ାଉଳରେ କାର୍ବୋ ହାଇଡ୍ରେଟର ମାତ୍ରା ଅଧିକ ଥାଏ। ଏହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ। ଏଥିରୁ ମିଳୁଥିବା ଶକ୍ତିରୁ ଦୈନନ୍ଦିନ ଜୀବନର କାର୍ଯ୍ୟ କରିବାକୁ ବେଶ ସହାୟକ ହୋଇଥାଏ। ଏହି ଶକ୍ତି କାରଣରୁ କାମ ସହଜରେ କରି ହୋଇଥାଏ।**

ଭାରତ ଦେଶରେ ଭାତ ଏକ ମୁଖ୍ୟ ଭୋଜନ। ଭାତ ପ୍ରସ୍ତୁତ କରିବା କଷ୍ଟକାମ ମଧ୍ୟ ନୁହେଁ। ଏହା ସହଜରେ ପ୍ରସ୍ତୁତ ହୋଇଯାଏ। ଅଧିକାଂଶ ଲୋକଙ୍କୁ ଭାତ ଖାଇବା ବେଶ ପସନ୍ଦ। ଲୋକେ ଭିନ୍ନ ଭିନ୍ନ ଉପାୟରେ ଭାତ ଖାଇ ଥାଆନ୍ତି। କିଛି ଫ୍ରାଏ ରାଇସ, କିଛି ରାଜମା ଚ଼ାଉଳ ଖାଇବା ପସନ୍ଦ କରିଥାଆନ୍ତି। ଚ଼ାଉଳରେ କାର୍ବୋହାଇଡ୍ରେଟ ମିଳିଥାଏ। ଏଥିରେ ପ୍ରୋଟିନ, କ୍ୟାଲସିୟମ, ମାଗ୍ନେସିୟମ, ପୋଟାସିୟମ ଆଦି ରହିଥାଏ।

ଚ଼ାଉଳରେ କାର୍ବୋ ହାଇଡ୍ରେଟର ମାତ୍ରା ଅଧିକ ଥାଏ। ଏହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ। ଏଥିରୁ ମିଳୁଥିବା ଶକ୍ତିରୁ ଦୈନନ୍ଦିନ ଜୀବନର କାର୍ଯ୍ୟ କରିବାକୁ ବେଶ ସହାୟକ ହୋଇଥାଏ। ଏହି ଶକ୍ତି କାରଣରୁ କାମ ସହଜରେ କରି ହୋଇଥାଏ।

ଚ଼ାଉଳ ପେଟ ପାଇଁ ଖୁବ ଲାଭଦାୟକ। ଚ଼ାଉଳ ଭଲ ଭାବେ ଫୁଟିବା ପରେ ଏହାକୁ ସେବନ କରିବା ଦ୍ୱାରା ସହଜରେ ହଜମ ହୋଇଥାଏ। ଫଳରେ ପେଟ ଯନ୍ତ୍ରଣା ଓ ହଜମ ଜନିତ ସମସ୍ୟା ଦୂର ହୋଇଥାଏ। ତେଣୁ ପେଟ ଜନିତ ସମସ୍ୟା ଦୂର ପାଇଁ ଅନେକ ସମୟରେ ଭାତ ସହ ଦହି ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ଚ଼ାଉଳ ହଜମ କ୍ରିୟା ପାଇଁ ଖୁବ ଉତ୍ତମ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ପୋଷକ ତତ୍ତ୍ୱ ପହଞ୍ଚାଇଥାଏ। ଏହା ସୁଚାରୁ ରୂପେ କାର୍ଯ୍ୟ କରିଥାଏ। ଚ଼ାଉଳ ହଜମ କ୍ରିୟା ପାଇଁ ଖୁବ ଲାଭଦାୟକ। ହଜମ କ୍ରିୟା ସହ ଜଡିତ ଅନେକ ସମସ୍ୟା ମଧ୍ୟ ଦୂର କରିଥାଏ।

# ଘନ କେଶ ପାଇଁ ମେଥି



ମେଥି –

ରାତିରେ ମେଥିକୁ ଭିଜାଇ ସକାଳେ ଏହାକୁ ପେଷି (ଗ୍ରାଇଣ୍ଡିଙ୍ଗ ) କରି କେଶରେ ଲଗାଇ ୨ଘଣ୍ଟା ରଖନ୍ତୁ। ଏହା ପରେ ଏହାକୁ ସାସାନ୍ୟ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା କେଶ ଖୁବ ଘନ ହୋଇଥାଏ।

ଅଁଳା ଗୁଣ୍ଡ ଓ ନଡିଆ ତେଲ –

ନଡିଆ ତେଲରେ ଅଁଳାଗୁଣ୍ଡ ମିଶାଇ ଉଷୁମ କରିଦିଅନ୍ତୁ। ଏହାକୁ ସପ୍ତାହକୁ ୨ରୁ ୩ଥର ଲଗାଇଲେ ଏହା କେଶ ପାଇଁ ଖୁବ ଉପକାରୀ।

ନଡିଆ ତେଲ ଓ ମହୁ –

୧ କପ ନଡିଆ ତେଲରେ ଏକ କପ ମହୁ ମିଶାଇ ଏହାକୁ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସପ୍ତାହକୁ ୨ଥର ଏହାକୁ କେଶର ମୂଳରେ ଭଲ ଭାବେ ମାଲିସ କରନ୍ତୁ।ରାତିରେ ଲଗାଇ ସକାଳେ ସାମ୍ପୋରେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା କେଶ ଲମ୍ବା ଓ ଘନ ହେବା ସହ ରେଶମୀ , ଆକର୍ଷିତ ମଧ୍ୟ ହୋଇଥାଏ। ଏହାକୁ ଥରେ ପ୍ରସ୍ତୁତ କରି ୨ରୁ୩ ସପ୍ତାହ ବ୍ୟବହାର କରିପାରିବେ। ଏହା କେଶ ଉପୁଡିବା ବହୁ ପରିମାଣରେ କମ କରିଥାଏ।



ଅଣ୍ଡା –

ଅଣ୍ଡାକୁ ଏକ ପାତ୍ରରେ ଭଲ ଭାବେ ଫେଣ୍ଟି କେଶରେ ଲଗାଇ ଦିଅନ୍ତୁ। ଏହାକୁ ୨ ଘଣ୍ଟା ରଖିବା ପରେ ସାମ୍ପୋରେ ଧୋଇ ଦିଅନ୍ତୁ। ଏହା କେଶ ପାଇଁ ଖୁବ ଲାଭଦାୟକ ଅଟେ।



# ଖାଲି ପେଟରେ ଖାଆନ୍ତୁ ଗୁଜୁରାତି

ସୁସ୍ଥ ରହିବା ପାଇଁ ସଭିଏଁ ଉତ୍ତମ ଜୀବନଶୈଳୀ ସହ ସଠିକ ଖାଦ୍ୟ ଖାଇଥାଆନ୍ତି। ବିଶେଷ କରି ସକାଳେ ଖାଲି ପେଟରେ କିଛି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ବିଶେଷଜ୍ଞ ପରାମର୍ଶ ଦେଇଥାଆନ୍ତି।

ସବୁଜ ଗୁଜୁରାତିକୁ ବିଭିନ୍ନ ପ୍ରକାର ମିଠା ପ୍ରସ୍ତୁତିରେ ଏହାର ସ୍ୱାଦ ବଢାଇବା ପାଇଁ ବ୍ୟବହାର କରାଯାଏ।

ସକାଳେ ଖାଲି ପେଟରେ ଗୁଜୁରାତି ଖାଇବାର ଦ୍ୱାରା ସ୍ୱାସ୍ଥ୍ୟ ପାଇଁ କି କି ଉପକାର ହୋଇଥାଏ।

ଖାଲିପେଟରେ ଗୁଜୁରାତି ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ,ବଦହଜମି ଭଳି ସମସ୍ୟା ଦୂର ହୋଇଥାଏ। ଏଥିରେ ଫାଇବର ଥିବାରୁ କୋଷ୍ଠାକଠିନ୍ୟ ସମସ୍ୟା ହୋଇନଥାଏ।

ଖାଲି ପେଟରେ ଗୁଜୁରାତି ଖାଇବା ଦ୍ୱାରା ଭୋକ ବଢିଥାଏ। ଭୋକ ହେଉନଥିବା ବ୍ୟକ୍ତିଙ୍କ ପାଇଁ ଭୋକ ବଢାଇବାର ଏହାର ଉତ୍ତମ ବିକଳ୍ପ।

ଖାଲି ପେଟରେ ଗୁଜୁରାତି ଖାଇବା ଦ୍ୱାରା ଉଚ୍ଚ ରକ୍ତଚ଼ାପ ନିୟନ୍ତ୍ରଣ ହୋଇ ରହିଥାଏ। ଉଷୁମ ପାଣିରେ ଗୁଜୁରାତି ପକାଇ ଏହାକୁ ପାଣି ପିଇପାରିବେ।

**ଲେମ୍ବୁରେ ଭିଟାମିନ ପ୍ରଚୁର ମାତ୍ରାରେ ଥିବାରୁ ତାହା ଅଣ୍ଡାଜ୍ୱର ସହ ଲଢିବାରେ ସାହାଯ୍ୟ କରିଥାଏ। ଏଥିରେ ପୋଟାସିୟମ୍ ଥିବାରୁ ମସ୍ତିଷ୍କ ଓ ଶିରା ପ୍ରଶିରାକୁ ସୁସ୍ଥ ରଖିଥାଏ। ଏହାସହ ରକ୍ତଚ଼ାପକୁ ନିୟନ୍ତ୍ରିତ କରିଥାଏ।**



# ଲେମ୍ବୁ ରସ ଚ଼ା'

**ଭିଟାମିନ୍ ସି' ଭରପୂର ଲେମ୍ବୁ ରସ ପ୍ରସ୍ତୁତ ଚ଼ା' ନିୟମିତ ପିଇପାରିବେ। ସନ୍ଧ୍ୟାବେଳେ ଖିର ଚ଼ା' ପରିବର୍ତ୍ତେ ଲେମ୍ବୁ ଚ଼ା' ପିଇଲେ ବେଶ୍ ଆରାମ ଲାଗେ। ସାଇଟ୍ରିକ୍ ଏସିଡ୍ ଥିବା ଲେମ୍ବୁ ଚ଼ା' ପିଇବା ଦ୍ୱାରା ଆମ ହଜମ ଭଲଭାବେ ହୁଏ। ଆମିଷ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଭୋଜନ କରି ଅସ୍ତବ୍ୟସ୍ତ, ଅରୁଚ଼ି ଲାଗୁଥିଲେ, ଲେମ୍ବୁ ଚ଼ା' ପିଇଲେ ଆରାମ ମିଳେ।**

- ଫ୍ଲାବୋନଏଡ୍ ତତ୍ତ୍ୱଯୁକ୍ତ ଲେମ୍ବୁ ରସ ମିଶ୍ରିତ ଏହି ଚ଼ା' ପିଇଲେ ହୃଦ୍‌ଘାତର ଆଶଙ୍କା ଯଥେଷ୍ଟ କମ୍। ସପ୍ତାହରେ ୨-୩ଥର ଏଇ ଚ଼ା' ପିଇବା ଭଲ।
- ଶରୀରର ରୋଗପ୍ରତିରୋଧ ଶକ୍ତି ବଢ଼ାଉଥିବା ଲେମ୍ବୁ ଚ଼ା'ରେ କର୍କଟପ୍ରତିରୋଧୀ ଶକ୍ତି ମଧ୍ୟ ରହିଛି। ଓଜନ କମ୍ କରିବାରେ ମଧ୍ୟ ଲେମ୍ବୁ ଚ଼ା'ର ଭୂମିକା ମୁଖ୍ୟ। ଏଣୁ ସକାଳେ ଓ ସନ୍ଧ୍ୟାରେ ନିୟମିତ ଏଇ ଚ଼ା' ପିଇଲେ ଓଜନ ଶୀଘ୍ର କମ୍ ହୁଏ।
- ତ୍ୱଚ଼ା ଓ କେଶ ସମ୍ବନ୍ଧୀୟ ସମସ୍ୟା ଲେମ୍ବୁ ଚ଼ା' ପ୍ରତିଦିନ ପିଇବା ଦ୍ୱାରା ଦୂର ହେଉଥିବାର ବିଶେଷଜ୍ଞଙ୍କ ମତ।
- ସକାଳେ ଉଷୁମ ପାଣିରେ ଲେମ୍ବୁ ଚିପୁଡି ପିଇବା ଦ୍ୱାରା ଶରୀରରୁ ଦୂଷିତ ପଦାର୍ଥ ବାହାରି ଯାଇଥାଏ। ଯାହାଦ୍ୱାରା ପାଚ଼ନ ପ୍ରକ୍ରିୟା ଠିକ୍ ଭାବେ ହୋଇଥାଏ। ଲେମ୍ବୁରେ ମିନେରାଲସ ଓ ଭିଟାମିନ ରହିଛି। ଏହା ପାଚ଼ନ ଶକ୍ତିକୁ ବୃଦ୍ଧି କରିଥାଏ।
- ଲେମ୍ବୁରେ ଭିଟାମିନ ପ୍ରଚୁର ମାତ୍ରାରେ ଥିବାରୁ ତାହା ଅଣ୍ଡାଜ୍ୱର ସହ ଲଢିବାରେ ସାହାଯ୍ୟ କରିଥାଏ। ଏଥିରେ ପୋଟାସିୟମ୍ ଥିବାରୁ ମସ୍ତିଷ୍କ ଓ ଶିରା ପ୍ରଶିରାକୁ ସୁସ୍ଥ ରଖିଥାଏ। ଏହାସହ ରକ୍ତଚ଼ାପକୁ ନିୟନ୍ତ୍ରିତ କରିଥାଏ। ଲେମ୍ବୁ ପାଣି ଶରୀରରୁ ଦୂଷିତ ପଦାର୍ଥ ବାହାର କରି ମୁହଁକୁ ସଫା କରିଥାଏ। ଏହାସହ ଲେମ୍ବୁରେ ଥିବା ଭିଟାମିନ-ସି ମୁହଁକୁ କୋମଳ ଓ ସୁସ୍ଥ କରିଥାଏ। ବିଶେଷଜ୍ଞଙ୍କ ମତରେ, ସକାଳୁ ଲେମ୍ବୁ ପାଣି ପିଇବା ଦ୍ୱାରା ଓଜନ କମ୍ ହୋଇଥାଏ।

# ଆର୍ଥିକ ସମସ୍ୟା ଦୂର କରିଥାଏ ତୁଳସୀ

ତୁଳସୀ ବୃକ୍ଷ ଅଗଣାରେ ଲଗାଇବା ଦ୍ୱାରା ଘରେ ସୁଖସମୃଦ୍ଧି ଓ ଧନସମ୍ପତ୍ତି ବୃଦ୍ଧି ହୋଇଥାଏ। ତୁଳସୀଙ୍କ ସହ ଜଡିତ କିଛି ଉପାୟ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇଥାଏ। ଜାଣନ୍ତୁ..

- √ ଯେକୌଣସି ପ୍ରକାର ରୋଗ ତଥା ଆର୍ଥିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ନିୟମିତ ଭାବେ ତୁଳସୀଙ୍କ ନିକଟରେ ଜଳ ଅର୍ପଣ କରନ୍ତୁ। ଏହାସହ ମନ୍ତ୍ର ମଧ୍ୟ ଜପ କରନ୍ତୁ।
- √ ଏକ ହଳଦିଆ ରେଶମୀ ସୂତାକୁ ବ୍ୟବହାର କରି ଏଥିରେ ୧୦୮ ଗଣ୍ଠି କରି ତୁଳସୀଙ୍କ ନିକଟରେ ବାନ୍ଧନ୍ତୁ। ଏହାଦ୍ୱାରା ଆପଣଙ୍କ ମନସ୍କାମନା ପୂରଣ ହୋଇଥାଏ।
- √ ନକରାତ୍ମକ ଶକ୍ତି ଦୂର ପାଇଁ ରାତିରେ ଶୋଇବା ପୂର୍ବରୁ ୫ଟି ତୁଳସୀ ପତ୍ର ନିଜ ତକିଆ ତଳେ ରଖନ୍ତୁ। ଏହାଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହୋଇଥାଏ।
- √ ଆର୍ଥିକ ସମସ୍ୟା ଦୂର ପାଇଁ ସକାଳ ସମୟରେ ଚ଼ାରଟି ତୁଳସୀପତ୍ରକୁ ତୋଳି ଏହାକୁ ଏହା ଏକ ପିତ୍ତଳର ଏକ ପାତ୍ରରେ ପାଣିରେ ରଖି ୨୪ ଘଣ୍ଟା ରଖନ୍ତୁ। ଏହି ପାଣିକୁ ଘରର କୋଣ ମାନଙ୍କରେ ଛିଞ୍ଚିକରି ପକାନ୍ତୁ। ମୁଖ୍ୟଦ୍ୱାରରେ ମଧ୍ୟ ଛିଞ୍ଚନ୍ତୁ। ମାତ୍ର ପାଦରେ ଯେପରି ନଲାଗେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏହାଦ୍ୱାରା ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇଥାଏ।

**ଅନେକ ଔଷଧୀୟ ଗୁଣରେ ଭରପୁର ତୁଳସୀ। ହିନ୍ଦୁ ଧର୍ମରେ ତୁଳସୀ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ପୂଜନୀୟ। ପ୍ରତ୍ୟେକ ବ୍ୟକ୍ତି ନିଜ ଘରର ଅଗଣାରେ ତୁଳସୀ ବୃକ୍ଷ ନିଶ୍ଚୟ ଲଗାଇବା ଉଚ଼ିତ।**



# ଘାସରେ ଚାଲନ୍ତୁ ଖାଲି ପାଦରେ



ସକାଳୁ କିମ୍ବା ସନ୍ଧ୍ୟାରେ ଖାଲିପାଦରେ ଘାସରେ ଚାଲିଲେ ଅନେକଗୁଡ଼ିଏ ରୋଗ ଦୂର ହୋଇଥାଏ। ଖାଲି ପାଦରେ ଘାସରେ ଚାଲିଲେ ଏହାର କୋଶିକା ସବୁ ସବୁଜ ଘାସ ଓ କାକର ସ୍ପର୍ଶରେ ଆସି ଶରୀରରେ ଏନର୍ଜି ସୃଷ୍ଟି କରିଥାଏ, ଯାହା ମଣିଷକୁ ଶକ୍ତିମାନ୍ କରିଥାଏ। ଏହାକୁ ଗ୍ରୀନ୍ ଥେରାପି କୁହାଯାଏ। ଘାସ ଉପରେ ଧୀରେଧୀରେ ଖାଲିପାଦରେ ଚାଲିଲେ ମାଂସପେଶୀ ନମନୀୟ ହୋଇଥାଏ ଓ ଶରୀର ଚାପମୁକ୍ତ ରହିଥାଏ। ଏହା ମସ୍ତିଷ୍କର ଶକ୍ତିକୁ ମଧ୍ୟ ବୃଦ୍ଧି କରିଥାଏ। ଡାଇବେଟିସ୍ ରୋଗୀ ସବୁଜ ଘାସରେ ଚାଲିବା ବା ବସିବାକୁ ଉପଦେଶ ଦିଆଯାଇଥାଏ। ଏଠାରେ ବସି ଗଭୀର ନିଶ୍ୱାସ ନେଲେ ବା ଚାଲିଲେ ଶରୀରରେ ଅକ୍ସିଜେନ ଅଭାବ ସମସ୍ୟାରୁ ମୁକ୍ତି ମିଳିଥାଏ। ସକାଳୁ ସକାଳୁ କାକର ଭିଜା ଘାସରେ ଖାଲି ପାଦରେ ଚାଲିବା ଦ୍ୱାରା ପାଦ ତଳେ ଥିବା କୋମଳ କୋଶିକା ଦ୍ୱାରା ଯୋଡ଼ି ହୋଇଥିବା ତନ୍ତ୍ରିକା ମସ୍ତିଷ୍କକୁ ଶାନ୍ତି ପହଞ୍ଚାଇଥାଏ। ଏହା ଦ୍ୱାରା ଆଲର୍ଜି, ଛିଙ୍କ ଆଦି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଚକ୍ଷୁର ଶକ୍ତି ମଧ୍ୟ ବୃଦ୍ଧି କରିଥାଏ।

# ପ୍ରତିଦିନ ଗୋଟେ ସେଓ ଖାଆନ୍ତୁ



-ସେଓ ର ସେବନ ଦମା ରୋଗ ରେ ବହୁତ ଲାଭ ଦେବ। ବିଭିନ୍ନ ଗବେଷଣା ରୁ ଜଣାଯାଇଛି ସେଓ ଦମା ର ଆଟାକ୍ କୁ ରୋକିବାରେ ସହାୟକ ହୁଏ। ଏଥିରେ ଥିବା ଫ୍ଲେଭୋନୋଇଡସ୍ ଫୁସଫୁସକୁ ଶକ୍ତିଶାଳୀ କରାଏ। ଏହା ମଧ୍ୟ ଜଣାଯାଇଛି ଯେ ଯେଉଁ ଲୋକ ମାନେ ପ୍ରତିଦିନ ସେଓ ଜୁସ୍ ପିଅନ୍ତି ସେମାନଙ୍କର ଫୁସ୍‌ଫୁସ୍ ଜନିତ ରୋଗ କମ୍ ହୋଇଥାଏ।

- ସେଓରେ ଥିବା ଅଲ୍କାଲିନିଟି ଲିଭର କୁ ଶରୀର ଶୋଧନ ରେ ସହଯୋଗ କରେ। ଏହା ସହିତ ସେଓ ଶରୀର ରେ ଥିବା ପିଏଚ ଲେବଲ କୁ ନିୟନ୍ତ୍ରଣ ରେ ରଖେ। ଫଳରେ ବ୍ୟକ୍ତି ର ପାଚନତନ୍ତ୍ର ମଜବୁତ ହୁଏ। ସେଥିରେ ରୋଗ ସହ ଲଢିବାର କ୍ଷମତା ବଢେ।

- ପରିବର୍ତ୍ତିତ ଜୀବନ ଶୈଳୀରେ କୋଲେଷ୍ଟ୍ରେଲେଜମ୍ ବଢୁଥିବା ଏକ ସାଧାରଣ ସମସ୍ୟା ଅଟେ। ଏହି କାରଣରୁ କମ୍ ବୟସର ପିଲା ବି ହୃଦ୍ ରୋଗ ର ଶିକାର ହୋଇ ଥାଆନ୍ତି ।ସେଓ ଖାଇଲେ ବା ଜୁସ୍ ପିଇଲେ, ତାହା ବଢୁଥିବା କୋଲେଷ୍ଟେରୋଲ ର ମାତ୍ରା କମ୍ କରେ । ସିଝା ସେଓ ର ଜୁସ୍ ବି ହୃଦ୍ ରୋଗୀଙ୍କ ପାଇଁ ଲାଭକାରୀ ଅଟେ।

-ସେଓ ଖାଇଲେ ଆପଣଙ୍କ ଶରୀରରେ ହେଉଥିବା କଳା ଓ ଧଳା ଦାଗ କମ୍ ହୋଇଯାଏ। ଫଳରେ ଚେହେରା ଗ୍ଲୋକରେ। ଏହା ସହିତ ଏହାକୁ ସବୁଦିନ ଖାଇଲେ, ଶରୀରରୁ ଅନାବଶ୍ୟକ ଚର୍ବି ଧିରେ ଧିରେ କମ୍ ହୁଏ। ଫଳରେ ଆପଣ ଆକର୍ଷକ ଲାଗନ୍ତି।

**ସମଗ୍ର ବିଶ୍ୱରେ ଦିନକୁଦିନ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ମଣିଷର ଦୁର୍ବଳ ମେଟାବୋଲିଜିମ୍ କାରଣରୁ ଏହି ରୋଗ ହେଉଥିବାରୁ ଶରୀରରେ ସଠିକ୍ ମାତ୍ରାରେ ଇନ୍‌ସୁଲିନ୍ ପ୍ରସ୍ତୁତ ହୋଇପାରି ନଥାଏ । ଯେଉଁଥିପାଇଁ ମଧୁମେହ ରୋଗୀଙ୍କୁ ବିଶେଷ କରି ଖାଦ୍ୟପେୟ ନେଇ ଅଧିକ ଯତ୍ନବାନ ହେବାକୁ ପଡ଼ିଥାଏ । କାରଣ ଅଧିକାଂଶ ଖାଦ୍ୟର ସିଧାସଳଖ ପ୍ରଭାବ ତାଙ୍କ ଶରୀର ଉପରେ ପଡ଼ିଥାଏ। କିନ୍ତୁ ଏମିତି କିଛି ଫଳ ଅଛି ଯାହାକି ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଉପକାରୀ।**

# ମଧୁମେହ ରୋଗ ପାଇଁ ଏହି ଫଳ ଉପକାରୀ



**ସେଓ-** ସେଓରେ ଭାରି ମାତ୍ରାରେ ସଲ୍ୟୁବଲ ଫାଇବର ରହୁଥିବାରୁ ଏହା ମଧୁମେହ ରୋଗୀଙ୍କୁ ସଂକ୍ରମଣରୁ ରକ୍ଷା କରିଥାଏ । ଏହାସହ ଏଥିରେ ଏକ ପ୍ରକାର ଶ୍ୱେତସାର ଥିବାରୁ ରକ୍ତ ସର୍କରାକୁ ନିୟନ୍ତ୍ରଣ କରିଥାଏ ।

**ତରଭୁଜ** - ଏଥିରେ କୌଣସି ପ୍ରକାର ଫେଟ କିମ୍ବା କୋଲେଷ୍ଟ୍ରୋଲ ନଥାଏ। କିନ୍ତୁ ଭରପୂର ମାତ୍ରାରେ ଭିଟାମିନ୍ ଓ ମିନେରାଲ୍ ରହୁଥିବାରୁ ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ତରଭୁଜରେ ଥିବା ତନ୍ତୁ ପାଚନକ୍ରିୟାକୁ ଠିକ୍ କରିବା ସହ କୋଲେଷ୍ଟ୍ରୋଲ୍ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

**ପାଚିଲା ଅମୃତଭଣ୍ଡା** - ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ଶରୀରର କୋଷିକାକୁ ଦୁର୍ବଳ ହେବାରୁ ରକ୍ଷା କରିବା ସହ ହୃଦୟ ଓ ନର୍ଭସ୍ ସିଷ୍ଟମକୁ ସୁରକ୍ଷିତ ରଖିଥାଏ।

**ପିଜୁଳି** - ପିଜୁଳିରେ ଥିବା ପୋଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରଣ ରଖିବାର କାମ କରିଥାଏ। ଏହାସହ ମଧୁମେହ ଟାଇପ-୨ ବିପଦକୁ ମଧ୍ୟ କମ୍ କରିଥାଏ।

**ବେଦନା** -ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତ ହେବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ସେମାନଙ୍କ ପାଇଁ ବେଦନା ଉପକାରୀ । ଏହା କଲେଷ୍ଟ୍ରୋଲ୍ ମାତ୍ରାକୁ କମ୍ କରି ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟୀ ହୋଇଥାଏ ।

# ଜିଲ୍ଲା ଶିକ୍ଷା ବିଭାଗ ଓ ପ୍ରମେୟ ଖବର କାଗଜ ପକ୍ଷରୁ ମ୍ୟାଟ୍ରିକ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର  ନବରଙ୍ଗପୁର ନୂଆବନ୍ଧ ସାହି ସ୍ଥିତ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ଶିକ୍ଷା ବିଭାଗ ଓ ଦୈନିକ ଖବର କାଗଜ ପ୍ରମେୟ ଅନୁକୁଲ୍ୟରେ ଜିଲ୍ଲାରେ ଟପ୍ପର ହୋଇଥିବା ମ୍ୟାଟ୍ରିକ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି. ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ. କମଲୋଚନ ମିଶ୍ର ଯୋଗ ଦେଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ବିଦ୍ୟାର୍ଥୀ କଲେଜ ର ଅଧ୍ୟକ୍ଷ ସତ୍ୟ




ନାରାୟଣ ନାୟକ ଓ ପ୍ରମେୟ ଖବର କାଗଜ ର ବ୍ୟୁରୋ ଚିଫ ପ୍ରକାଶ ଚନ୍ଦ୍ର ଦାଶ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ.କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କଲେଜ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କର ଯାଇଥିଲା. ଜିଲ୍ଲାପାଳ ଶ୍ରୀ ମିଶ୍ର ଆଦିବାସୀ ପ୍ରବଣ ନବରଙ୍ଗପୁର ଜିଲ୍ଲାରେ ବହୁ ବିଦ୍ୟାଳୟ ଗୁଡ଼ିକରୁ ବହୁ ମେଧାବୀ ଛାତ୍ର ଛାତ୍ରୀ ମାନେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ଜିଲ୍ଲା ର ମାନ ସମ୍ମାନ ରଖି ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ଖୁସି ପ୍ରକଟ କରି ଛାତ୍ର ଛାତ୍ରୀ ମାନେ କିପରି ଜୀବନ ରେ ପ୍ରତ୍ୟକ ସ୍ତରରେ ଅଗ୍ରଗତି କରି ସଫଳ ହୋଇ ପାରିବେ ତାହା ଛାତ୍ର ଛାତ୍ରୀଙ୍କୁ କହିଥିଲେ.ଛାତ୍ର ଛାତ୍ରୀ କିଭଳି ଭାବରେ କାର୍ଯ୍ୟ କରିଲେ ନିଜର ଉନ୍ନତି ସହ ଦେଶ ର ଉନ୍ନତି ହୋଇ ପାରିବ ସେ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ କହିଥିଲେ.ସେହିପରି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାଗ ଛାତ୍ର ଛାତ୍ରୀ ମାନେ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇ ଭବିଷ୍ୟତ ରେ ଭାରତ ବର୍ଷ ର ଜଣେ ଜଣେ ସମାଜସେବକ ହୋଇ କାର୍ଯ୍ୟ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ. ବିଦ୍ୟାର୍ଥୀ କଲେଜ ର ନିର୍ଦ୍ଦେଶକ ସତ୍ୟ ନାରାୟଣ ନାୟକ ମ୍ୟାଟ୍ରିକ ରେ ଉଚ୍ଚ ମାର୍କ ରଖି ଯେଉଁ ମାନେ କୃତ କାର୍ଯ୍ୟ ହୋଇଛନ୍ତି ସେମାନେ ନିଜ କଲେଜ ରେ ଆଡ଼ମିସନ ହୋଇ ପାରିବେ ଏବଂ ଯେଉଁ ଛାତ୍ର ଛାତ୍ରୀ ମାନେ ଶତକଡା ୯୦ ରୁ ୯୫ ଭାଗ ମାର୍କରେ ଉତୀର୍ଣ୍ଣ ହୋଇ ପାରିଛନ୍ତି ସେମାନଙ୍କୁ ୩୦% ଫିସ ଛାଡ ଓ ରହିବା, ଖାଇବା ସହ ମାଗଣା ଅଧ୍ୟୟନ ପାଇଁ ସହଯୋଗ କରାଯିବ ବୋଲି କହିଥିଲେ. ଏହି କାର୍ଯ୍ୟକ୍ରମ କୁ ପ୍ରକାଶ ଚନ୍ଦ୍ର ଦାଶ ପରିଚାଳନା କରିଥିଲେ.ଶେଷରେ ପ୍ରତ୍ୟକ ବିଦ୍ୟାଳୟ ମାନଙ୍କରେ ମ୍ୟାଟ୍ରିକ ଟୋପର ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ମେଡାଲ ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ.ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ରିପୋର୍ଟର ରାମକିରଣ ପଟନାୟକ ସହଯୋଗ କରିଥିଲେ. ଏହି ଉତ୍ସବ ରେ ଛାତ୍ର ଛାତ୍ରୀ ଙ୍କ ସହ ଅବିଭାବକ ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ

# ଘଡ଼େଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ମାଲକାନଗିରି, – ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି । ସେହି ଫଳାଫଳ ଅନୁଯାୟୀ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଘଡ଼େଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଫଳତା ପାଇଛି । ଯୁକ୍ତ ଦୁଇ ଫଳାଫଳର ଇତିହାସକୁ ଦୋହରାଇ ଶହେ ଶତକଡ଼ା ଉତୀର୍ଣ୍ଣ ହାର ହାସଲ କରିଛି ।ପ୍ରାପ୍ତ ସୂଚନା ଅନୁଯାୟୀ, ଉକ୍ତ ଶିକ୍ଷା ଅନୁଷ୍ଠାନର ବିଜ୍ଞାନ ବିଭାଗରେ ସର୍ବମୋଟ ୨୧୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୪ ଜଣ ପ୍ରଥମ ଶ୍ରେଣୀରେ, ୩୭ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ହେମନ୍ତ କୁମାର ପଣ୍ଡା ( ୯୩.୭୦ ପ୍ରତିଶତ ) ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରି କଲେଜ ଟପ୍ପର ହୋଇଛନ୍ତି । ୯୦ ପ୍ରତିଶତରୁ ଉର୍ଦ୍ଧ ମାର୍କ ୫ ଜଣ ଆଣିଥିବା ବେଳେ ୮୦ ପ୍ରତିଶତ ମାର୍କ ୨୯ ଜଣ ଓ ୬୦ ପ୍ରତିଶତ ମାର୍କ ୧୩୦ ଜଣ ଆଣିଛନ୍ତି ।

# ବିଶ୍ୱ ହେପାଟାଇଟିସ ଦିବସ ଓ  ଡେଙ୍ଗୁ ବିରୋଧୀ ମାସ ପାଳିତ



ଯାଜପୁର, ତା ୨୯।୭ :  ବୁଧବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ହେପାଟାଇଟିସ ଦିବସ ଓ ଡେଙ୍ଗୁ ରୋଗ ବିରୋଧୀ ମାସ ୨୦୨୨ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କକ୍ଷରେ ପାଳିତ ହୋଇଯାଇଛି ।  ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଞ୍ଚି ନାରାୟଣ ବାରିକ ଏହି ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ, ଜନସାଧାରଣଙ୍କୁ ମାରାତ୍ମକ ହେପାଟାଇଟିସ୍ ରୋଗରୁ ରକ୍ଷା ତଥା ସଚେତନତା ସୃଷ୍ଟି  ଉଦ୍ଦେଶ୍ୟରେ ପ୍ରତି ବର୍ଷ ୨୮ ଜୁଲାଇରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଇଥାଏ।  ସାରା ବିଶ୍ୱରେ ୩୫୦ ନିୟୁତରୁ ଅଧିକ ଲୋକ କ୍ରନିକ୍ ହେପାଟାଇଟିସ୍ 'ବି' କିମ୍ବା 'ସି' ସହିତ ବାସ କରନ୍ତି, ଯାହା ଆମ ରାଜ୍ୟ ତଥା ଜିଲ୍ଲାରେ ମଧ୍ୟ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ଚିନ୍ତାର ବିଷୟ ପାଲଟିଛି।  ଭାରତରେ ବର୍ଷକୁ ୬ ଲକ୍ଷ ରୁ ଅଧିକ ଲୋକ ଏହି ରୋଗରେ ମୃତ୍ୟୁ ବରଣ କରୁଛନ୍ତି ।  ଅସୁରକ୍ଷିତ ଯୌନ ସଂପର୍କ, ଅସୁରକ୍ଷିତ ଇଂଜେକ୍ସନ ନେବା, ନଖ କଟା ଯନ୍ତ୍ର, ଦାନ୍ତଘସା ବ୍ରସ ଆଦି ଏକାଧିକ ଲୋକ ବ୍ୟବହାର କରିବା ଭଳି ଅନେକ କାର୍ଯ୍ୟକଳାପ ରୁ ଏହି ରୋଗ ସଂକ୍ରମଣ ହୋଇଥାଏ ।  ଏଣୁ ହେପାଟାଇଟିସ୍ ସଂକ୍ରମଣରୁ ରକ୍ଷା ପାଇଁ ଆମକୁ ସଚେତନ ରହିବା ସଂଗେ ସଂଗେ ଅନ୍ୟ ମାନଙ୍କ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଡା. ବାରିକ ପରାମର୍ଶ ଦେଇଥିଲେ ।  ଏହି ରୋଗ ଏଚ୍.ଆଇ.ଭି. ଠାରୁ ମଧ୍ୟ ଭୟାନକ ।  ଏହାର ଭୟାବହତାକୁ ଦୃଷ୍ଟିରେ ରଖି ହେପାଟାଇଟିସ୍ ରୋଗକୁ ଜାତୀୟ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରାଯାଇଛି ।  ଏଣୁ ସୁରକ୍ଷିତ ଜୀବନ ବିତାଇବା ପାଇଁ ପ୍ରତିଷେଧକ ଟୀକା ନେବା ସମସ୍ତଙ୍କ ପାଇଁ ଜରୁରୀ ବୋଲି ସଭାରେ ଉପସ୍ଥିତ ଚିକିତ୍ସାଧିକାରୀ ମାନେ ମତ ବ୍ୟକ୍ତ କରିଥିଲେ ।  ଏହି ଉପଲକ୍ଷେ ପୂର୍ବରୁ ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ଓ  କର୍ମଚାରୀ ଓ.ସି.ଏଚ୍.ଓ. ମାନଙ୍କୁ ନେଇ ଏକ ସଚେତନତା ରାଲି ବାହାର କରାଯାଇଥିଲା ।  ମହା ବିଦ୍ୟାଳୟ ସ୍ତରରେ ହେପାଟାଇଟିସ୍ ରୋଗ ସଚେତନତା ଉପରେ କରାଯାଇଥିବା ରଚନା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବିଭାଗ ତରଫରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।  ପରେ ସେହି ତାଲିମ ଗୃହରେ ଡେଙ୍ଗୁ ବିରୋଧୀ ମାସ-୨୦୨୨ ଉପଲକ୍ଷେ ଆଉ ଏକ ସଭାର ଆୟୋଜନ କରାଯାଇଥିଲା ।  ଡେଙ୍ଗୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ ଏବଂ କୌଣସି ଟୀକା ମଧ୍ୟ ଉପଲବ୍ଧ ନାହିଁ ।  ତେଣୁ, ପ୍ରତିରୋଧ ହେଉଛି ସର୍ବୋତ୍ତମ ପଦ୍ଧତି, ଯେଉଁଥି ପାଇଁ ବାସସ୍ଥାନ ତଥା ଆଖପାଖରେ ଏଡିସ୍ ମଶା ପ୍ରଜନନ ସ୍ଥାନ ବିଲୋପ କରିବା ଜରୁରୀ ।  ଚଳିତ ବର୍ଷା ଋତୁ ଜୁନ୍ ମାସ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ଡେଙ୍ଗୁ ସଂକ୍ରମଣର ଭୟ ଅଧିକ ।  ଲୋକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ହେତୁ ଡେଙ୍ଗୁ ହେବାର ଆଶଙ୍କା ବୃଦ୍ଧି ପାଇଛି।  ଏହାକୁ ଆଖି ଆଗରେ ରଖି ନିଜେ ସଚେତନ ରହି ଅନ୍ୟ ମାନଙ୍କୁ ସଚେତନ କରାଇବା ସହ ସମସ୍ତ କ୍ଷେତ୍ରାଧିକାରୀ ମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।  ଆଜିର ଏହି ଉଭୟ ଦିବସ ପାଳନରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା  ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଶିବାଶିଷ ମହାରଣା, ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡା. ପ୍ରଦୀପ କୁମାର ସାହୁ, ଡା. ଦେବରାଜ ହାଁସଦା, ଏପିଡୋମୋଲୋଜିଷ୍ଟ ପାର୍ଥସାରଥୀ ମିଶ୍ର, ଏ.ଡି.ପି.ଏଚ୍.ସି.ଓ. ରୁକ୍ମିଣୀ ବେହେରା, କମ୍ୟୁନିଟି ହେଲ୍ଥ ଅଫିସର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# କୋରୁକୋଣ୍ଡା ମଙ୍ଗଳା ମନ୍ଦିର ନିକଟ ନାଳରୁ ଶବ ଉଦ୍ଧାର

ମାଲକାନଗିରି,  – ମାଲକାନଗିରି ଥାନା ଅନ୍ତର୍ଗତ କୋରୁକୋଣ୍ଡା ସଦର ମହକୁମାରେ ଗତକାଲି ଏକ ବିଭିସ୍ଥ ହତ୍ୟାକାଣ୍ଡ ଘଟିଛି । ଯାହାକୁ ନେଇ ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଛି ।ସୂଚନା ଅନୁଯାୟୀ, କୋରୁକୋଣ୍ଡା ଗ୍ରାମର ଭୀମ ଦାସ ( ୫୫ ) ଗତକାଲି ଅପରାହ୍ନରେ ଘରୁ ମଙ୍ଗଳା ମନ୍ଦିର ନିକଟରେ ଥିବା ନିଜ ଜମିକୁ ବାଉଁଶ ଆଣିବା ପାଇଁ ଯାଇଥିଲେ । ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜମିକୁ ଯାଇ ଖୋଜାଖୋଜି କରିଥିଲେ । ତେବେ ବାଉଁଶ ବୁଦା ମୂଳେ ରକ୍ତ ପଡିଥିବା ଦେଖି ପରିବାର ଲୋକେ ଚିନ୍ତିତ ହୋଇ ଆଖପାଖ ସ୍ଥାନରେ ଖୋଜାଖୋଜି କରିଥିଲେ । ତେବେ ବାଉଁଶ ବୁଦା ମୂଳରୁ ରକ୍ତ ଛିଟା ପଡ଼ି ଘୋଷାରି ହୋଇଯାଇଥିବା ଚିହ୍ନ ଦେଖି ସେହି ଚିହ୍ନ ଅନୁଯାୟୀ ପରିବାର ଲୋକେ ନିକଟରେ ଥିବା ନଦୀ ସହ ସଂଯୋଗ ହୋଇଥିବା ନାଳ ନିକଟରେ ଭୀମଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖିବାକୁ ପାଇଥିଲେ । ତେବେ ଭୀମଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଥିବା ଦେଖିବାକୁ ମିଳିଥିବା ବେଳେ ଭୀମ ବାଉଁଶ କାଟିବା ନିମନ୍ତେ ନେଇଥବା ଟାଙ୍ଗିଆଟିର ପତା ମିଳି ନ ଥିଲା ।

# କାର୍ଯ୍ୟ ଦକ୍ଷତା ପାଇଁ ପୂର୍ବତଟ ରେଳପଥ ୨୮୫ କର୍ମଚାରୀଙ୍କୁ ସମ୍ମାନିତ କରିବ

ପୂର୍ବ ତଟ ରେଳପଥ ଶୁକ୍ରବାର ଦିନ ଅପରାହ୍ନରେ ୨୮୫ ରେଳ କର୍ମଚାରୀଙ୍କୁ ସେମାନଙ୍କର ଅସର୍ଜ୍ଜିତ ସେବା, ପ୍ରଗତିଶୀଳ ମନୋଭାବ ସହ ସେମାନଙ୍କ କର୍ତ୍ତବ୍ୟ ପ୍ରତି ନିଷ୍ଠା ଏବଂ କାର୍ଯ୍ୟ ଦକ୍ଷତା ପାଇଁ ଭୁବନେଶ୍ୱରର ରେଳ ଅଡିଟୋରିୟମରେ ଆୟୋଜିତ ହେବାକୁ ଥିବା ୬୭ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ କରିବ ।ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ ଏହି ଉତ୍ସବରେ ଯୋଗଦେଇ ଦକ୍ଷ କର୍ମଚାରୀମାନଙ୍କୁ ସମ୍ମାନିତ କରିବେ । ବ୍ୟକ୍ତିଗତ ପୁରସ୍କାର ବ୍ୟତୀତ, ଶ୍ରେଷ୍ଠ ମେଜର୍ କ୍ଲିନ୍ ଷ୍ଟେସନ୍, ଶ୍ରେଷ୍ଠ ମାଇନର୍ କ୍ଲିନ୍ ଷ୍ଟେସନ୍, ସାମଗ୍ରିକ ଦକ୍ଷତା, ବୈଦ୍ୟୁତିକ ଅଣ ଟ୍ରାକ୍ସନ୍ ଶକ୍ତି ପରିଚାଳନା, ପରିବେଶ ଏବଂ ହାଉସ କିପିଙ୍ଗ ପରିଚାଳନା, ସର୍ଭେ ଏବଂ ନିର୍ମାଣ, ସ୍କ୍ରାପ୍ ନିଷ୍କାସନ, ଷ୍ଟୋର ଏବଂ କୋଚିଂ ଡିପୋ, ବାଣିଜ୍ୟିକ, ଅପରେଟିଂ, ସୁରକ୍ଷା, ନିରାପତ୍ତା, ୱାଗନ୍ ରକ୍ଷଣାବେକ୍ଷଣ, ସିଭିଲ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଟ୍ରାକ୍ସନ୍, ଫାଇନାନ୍ସ, ସିଗନାଲ୍ ଆଣ୍ଡ ଟେଲିକମ୍, ରାଜଭାଷା, କ୍ରୀଡା, ମେକାନିକାଲ୍, କାର୍ମିକ ଏବଂ ଆଇନ ସମ୍ବନ୍ଧୀୟ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ପୂର୍ବତଟ ରେଳପଥର ବିଭିନ୍ନ ରେଳବାଇ ୟୁନିଟ ଗୁଡିକୁ ପୁରସ୍କୃତ କରାଯିବ ।ପୂର୍ବତଟ ରେଳପଥର ସମସ୍ତ ତିନିଟି ରେଳମଣ୍ଡଳ ଯଥା ୱାଲଟିୟର, ଖୋର୍ଦ୍ଧା ରୋଡ଼ ଓ ସମ୍ବଲପୁର ସହିତ ସ୍ୱାରୀ ଡବା ମରାମତି କାରଖାନା ଏବଂ ଭୁବନେଶ୍ୱରସ୍ଥ ମୁଖ୍ୟାଳୟର କୃତି କର୍ମଚାରୀ ମାନେ ଏହି ବାର୍ଷିକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

## ଗୁରୁକୁଳ କରୁଣାକର ବେଦ ସଂସ୍କୃତ ମହାବିଦ୍ୟାଳୟରେ ୯୯ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ

ଦଶରଥପୁର, ୨୯/୦୭(ନି.ପ୍ର) : ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଉପଶାସ୍ତ୍ରୀ ପରୀକ୍ଷା ଫଳ ପ୍ରକାଶ ପାଇଛି ।ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଅଧୀନସ୍ଥ ଗୁରୁକୁଳ କରୁଣାକର ବେଦ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି ।ମହାବିଦ୍ୟାଳୟ ଅଧ୍ୟକ୍ଷ ରତିକାନ୍ତ ପତିଙ୍କ ଠାରୁ ପ୍ରକାଶ ଯେ ଚଳିତ ବର୍ଷ ଗୁରୁକୁଳରେ ୫୮ ଜଣ ଛାତ୍ରଛାତ୍ରୀ ଫର୍ମ ପୁରଣ କରିଥିଲେ ।ତନ୍ମଧ୍ୟରୁ ୫୧ ଜଣ ପରୀକ୍ଷା ଦେଇଥିଲେ ।ସେମାନଙ୍କ ମଧ୍ୟରୁ ଅନୀଲ ମଲ୍ଲିକ ଓ ଅପରାଜିତା ମଲ୍ଲିକ ଯଥାକ୍ରମେ ୪୬୦ ଓ ୪୨୪ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।ସେହିଭଳି ୪୦ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୮ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।ଆଶାନୁରୂପ ସଫଳତା ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ,ଡକ୍ଟର ଶୁଶାନ୍ତ ତ୍ରିପାଠୀ, ପ୍ରୀତିଛନ୍ଦା ମଲ୍ଲିକ,ସସ୍ମିତା ବଳ ,ଉପେନ୍ଦ୍ର ମଲ୍ଲିକ,ଧୀରେନ୍ଦ୍ର ମହାପାତ୍ର ପ୍ରଫୁଲ୍ଲ କୁମାର ରାଉତ,ଅଶୋକ କୁମାର ଦାସଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ ।

# ୧୩ ଜଣ ବିଶ୍ୱବିଦ୍ୟାଳୟ ଟପର ସମ୍ବର୍ଦ୍ଧିତ ଓ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡା ୨୯/୦୭/୨୨ ବୁଗୁଡା ପିପୁଲସ କଲେଜର ଆଇ.ଆର.ପି.ଏମ. ସମ୍ମାନ ବିଭାଗ ପକ୍ଷରୁ ଜୁଲାଇ ୨୭ ତାରିଖ ଦିନ ବୁଦ୍ଧଖୋଲର ପର୍ଯ୍ୟଟନ ବିଭାଗ ପାନ୍ଥନିବାସରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଜନୀକାନ୍ତ ଦାଶ ଏହି ସମ୍ବର୍ଦ୍ଧନା ସଭାରେ ଅଧକ୍ଷତା କରିଥିଲେ। ଅତିଥିଭାବେ ଆଇଆରପିଏମ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଭଞ୍ଜନ ମୁନି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ସଞ୍ଜୟ କୁମାର ପ୍ରଧାନ, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଆତ୍ମପ୍ରକାଶ ନାୟକ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ଜୟରାମ ବିଷୋୟୀ,ଆଇଆରପିଏମ ବିଭାଗ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀ ଏବଂ ଅଧ୍ୟାପିକା ଅନିତା ଦେବୀ ଓ ସୁରାଜିତା ସାହୁ ଯୋଗଦେଇଥିଲେ। ଅତିଥି ବୃନ୍ଦ ୨୦୧୮, ୨୦୧୯, ୨୦୨୦ ଓ ୨୦୨୧ ବର୍ଷର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆଇ.ଆର.ପି.ଏମ. ସମ୍ମାନ ବିଭାଗ ପରୀକ୍ଷାରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ପିପୁଲସ କଲେଜର ୧୩ ଜଣ ଛାତ୍ରଛାତ୍ରୀ ସ୍ଥାନ ପାଇଥିବା ବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ହେଲେ, ୨୦୧୮ ମସିହାରେ ଗୋଲଖ ଚନ୍ଦ୍ର ସ୍ୱାଇଁ(ପ୍ରଥମ), ପପୀନା ପାଣିଗ୍ରାହୀ(୨ୟ) ଓ ସୁଧୀର କୁମାର ସାହୁ(୮ମ), ୨୦୧୯ ମସିହାରେ ସନ୍ତୋଷି କୁମାରୀ ସାହି(୩ୟ), ସୋନାଲି ଖଟୁଆ(୪ର୍ଥ), ଚିନ୍ମୟୀ ପାତ୍ର(୭ମ), ଲକ୍ଷ୍ମୀ ନାହାକ (୮ମ), ଓ ମିଲ୍ଲୀ ଗୌଡ଼(୯ମ), ୨୦୨୦ ମସିହାରେ ସନ୍ଧ୍ୟାରାଣୀ ମହାନ୍ତି ଓ ସ୍ୱର୍ଣ୍ଣଲତା ଭୂୟାଁ( ଯୁଗ୍ମ ୮ମ) ଏବଂ ବନିତା ବିଷୋୟୀ(୯ମ), ୨୦୨୧ ମସିହାରେ ପିଙ୍କି ଦଳାଇ(ପ୍ରଥମ) ଓ ଅନୁରାଧା ମହାପାତ୍ର(୭ମ) । ସେହିପରି ଆଇ.ଆର.ପି.ଏମ. ବିଭାଗର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଅତିଥି ବୃନ୍ଦ ଆଇ.ଆର.ପି.ଏମ. ବିଭାଗ ଛାତ୍ରଛାତ୍ରୀଙ୍କ ଗୁରୁ ଦାୟିତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ସେମାନଙ୍କ ଭବିଷ୍ୟତ ଜୀବନ ଉଜ୍ଜଳମୟ ହେବାପାଇଁ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୮୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ନବରଙ୍ଗପୁ,୨୯/୭ (ନିପ୍ର):  ନବରଙ୍ଗପୁର ଜିଲ୍ଲା ଟିର୍ଲୀଅମ୍ବାଗୁଡା ଠାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାରେ ବିଶ୍ୱହେପାଟାଇ ଟିସ୍ ଦିବସ ପାଳନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବରଂଗପୁର ଏବଂ ଜାତୀୟ ସେବା ଯୋଜନା ତରଫରୁ ଆୟୋଜିତ କାର୍ଯ୍ୟକ୍ରମର ସଭାପତିତ୍ୱ, ମହାବିଦ୍ୟାଳୟର ଅଧକ୍ଷ ଡ଼ ରଞ୍ଜନ କୁମାର ବେହେରା ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଥିଲା। ସହକାରୀ ପ୍ରଫେସର ମନ୍ମଥ କୁମାର ମାଝୀ ଅତିଥି ପରିଚୟ ପ୍ରଦାନ କରିଥଲେ ।ମୁଖ୍ୟ ବକ୍ତା ଭାବେ ଡ ମଳୟ କୁମାର ତ୍ରିପାଠୀ ଡି ପିଏଚଓ ନବରଂଗପୁର ଯୋଗଦେଇ ଛାତ୍ର ଛାତ୍ରୀ ଙ୍କୁ ହେପଟାଇଟିସ ରୋଗ ର




ବିଭିନ୍ନ ଦିଗ ସମ୍ପର୍କ ରେ ଆଲୋଚନା କରିଥିଲେ। ଅନ୍ୟାନ୍ୟ ବକ୍ତା ଭାବେ ହନୁମନ୍ତ ମାଝୀ ଏଡିପିଏଚସିଓ ଯୋଗଦେଇ ଛାତ୍ର ଛାତ୍ରୀ ଙ୍କୁ କିଭଳି ସତର୍କତା ଅବଲମ୍ବନ କରିବେ, ସେବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏପିଡମିଓଲୋଜିଷ୍ଟ ଡ ଶିଳ୍ପୀ ଦାସ ଏଂ ମାଇକ୍ରୋ ବାୟୋଲୋଜିଷ୍ଟ ଅର୍ଦ୍ଧେନ୍ଦୁ ଭୂଷଣ ପ୍ରଧାନ କାର୍ଯ୍ୟକ୍ରମ ର ସମ୍ମାନିତ ଅତିଥି ଭାବେ ନିଜର ବକ୍ତବ୍ୟ ପରିବେଷଣ କରିଥିଲେ । ଅନ୍ତିମ ପର୍ଯ୍ୟାୟ ରେ ଛାତ୍ର ଛାତ୍ରୀ ଙ୍କ ବିଭିନ୍ନ ପ୍ରଶ୍ନ ର ଉତ୍ତର ବିଶେଷଜ୍ଞ ଙ୍କ ଦ୍ୱାରା ଦିଆଯାଇ ଥିଲା। ଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ଶିକ୍ଷକ ଶ୍ରବଣ କୁମାର ପୁଝାରୀ, ସୁଲୋଚନା ନାୟକ ଓ ରବୀନ୍ଦ୍ର ମାଳି ଯୋଗଦେଇ ଥିଲେ। ମହାବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।

# ଜ୍ଞାନ,ଅନୁଭବ, ସାମର୍ଥ୍ୟ ଏବଂ କଳାତ୍ମକ କୌଶଳ ଅନୁବାଦକୁ ପଭାବଶାଳୀ କରେ

ଭାରତର ବିଭିନ୍ନ ପ୍ରାନ୍ତର ଅନୁବାଦକଙ୍କୁ ଏକାଠି କରିବା ସହ ଅନୁବାଦ ସାହିତ୍ୟର ବ୍ୟାପକତା ଦିଗରେ ନିରନ୍ତର ପ୍ରୟାସ କରିଆସୁଥିବା ଭାରତୀୟ ଅନୁବାଦ ସାହିତ୍ୟ ଅନୁଷ୍ଠାନ ବିଭିନ୍ନ ସମୟରେ ଅନୁବାଦ ସାହିତ୍ୟ ଆଧାରିତ ଆଲୋଚନାଚକ୍ର, ଅନୁବାଦକଙ୍କ ଅନୁଭବ,ଅନୂଦିତ କାବ୍ୟପାଠ ଆଦି ଆୟୋଜନ କରିଆସୁଅଛି। ଏହି କ୍ରମରେ ଅନୁଷ୍ଠାନ ତରଫରୁ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଯାଇଛି ବହୁଭାଷୀ ଅନୂଦିତ କାବ୍ୟପାଠ ଓ କାବ୍ୟ ସମୀକ୍ଷା କାର୍ଯ୍ୟକ୍ରମ। ଭାରତୀୟ ଅନୁବାଦ ସାହିତ୍ୟର ଆବାହକ ଶରତ ଚନ୍ଦ୍ର ଆଚାର୍ଯ୍ୟ ବରେଣ୍ୟ ଅନୁବାଦକମାନଙ୍କୁ ସ୍ୱାଗତ କରିବା ସହ ଭାରତୀୟ ଅନୁବାଦ ସାହିତ୍ୟ ଆସନ୍ତା ସମୟରେ ବିଭିନ୍ନ ରାଜ୍ୟମାନଙ୍କରେ ସମ୍ମିଳନୀ ଆୟୋଜନ ଏବଂ ଅନୁବାଦ କାର୍ଯ୍ୟ କୁ ବ୍ୟାପକ କରିବା ଦିଗରେ ଯତ୍ନଶୀଳ ହେବ ବୋଲି ଦର୍ଶାଇଥିଲେ। ଆକାଶବାଣୀ ଉପସ୍ଥାପିକା ମିତା ପଟ୍ଟନାୟକ ଓ ଯୁବ ଅନୁବାଦିକା ଜୟଶ୍ରୀ ଦୋରାଙ୍କ ସଂଯୋଜନାରେ ୨୦ ରୁ ଅଧିକ ଯୁବ ତଥା ଖ୍ୟାତନାମା ଅନୁବାଦକ ସେମାନଙ୍କ ଦ୍ୱାରା ଅନୂଦିତ କାବ୍ୟପାଠ କରିଥିଲେ। ବିଶେଷ ଭାବେ ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଅନୁବାଦିକା ଶ୍ରଦ୍ଧାଞ୍ଜଳି କାନୁନଗୋ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥବା ଅନୁବାଦକ ହରେକୃଷ୍ଣ ମେହେର ଙ୍କ ସହ ଡ.ଭଗବାନ ତ୍ରିପାଠୀ,ମଂଜୁଳା ଆସ୍ଥାନା ମହାନ୍ତି,ମଂଜୁ ଶର୍ମା ମହାପାତ୍ର, ଶୈଳବାଳା ମହାପାତ୍ର,ନିହାରିକା ମଲ୍ଲିକ,ପାରମିତା ଷଡ଼ଙ୍ଗୀ,ଅନାମିକା ଦାସ,ନମିତା ପାଇକରାୟ,ଉର୍ମିମାଳା ଆଚାର୍ଯ୍ୟ,ବିଦ୍ୟୁତପ୍ରଭା ଗନ୍ତାୟତ,ସଂଗୀତା ରଥ ,ଚନ୍ଦ୍ରମା ମହାପାତ୍ର,ବସିରନ୍ ବିବି,ସନାତନ ମହାକୁଡ଼,ଶୁଭଲକ୍ଷ୍ମୀ ସେନାପତି, ଶ୍ରୀକାନ୍ତ ପଣ୍ଡା, ଜାହ୍ନବୀ ତ୍ରିପାଠୀ ପ୍ରମୁଖ ବିଭିନ୍ନ ଭାଷାର କବିତା ପାଠ କରିଥିଲେ। ଏହି କାବ୍ୟ ପାଠ କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ଆଲିଗଡ ର ହିନ୍ଦୀ ବିଭାଗ ପ୍ରଫେସର ତଥା ଖ୍ୟାତିସମ୍ପନ୍ନ ଅନୁବାଦକ ଡ.ବିଜେନ୍ଦ୍ର ପ୍ରତାପ ସିଂହ କାବ୍ୟ ସମୁହର ସମୀକ୍ଷା କରିବା ସହ ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ଅନୁବାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ , ସାହିତ୍ୟର ଏହି ପ୍ରମୁଖ ବିଭାଗଟି ବିସ୍ତୃତ ଅନୁବାଦ କାର୍ଯ୍ୟ ଦ୍ୱାରା ସମ୍ଭବ ହୋଇପାରିବ ବିଶେଷ ଭାବେ ଅନୁବାଦ ବେଳେ ଅନୁବାଦକ ଙ୍କୁ ବେଶ୍ ସଜାଗ ତଥା ସତର୍କ ହୋଇ କାର୍ଯ୍ୟ କରିବାକୁ ପଡ଼ିଥାଏ ଏବଂ ଜ୍ଞାନ, ଅନୁଭବ, ସାମର୍ଥ୍ୟ ଏବଂ କଳାତ୍ମକ କୌଶଳ ଅନୁବାଦକୁ ପଭାବଶାଳୀ କରିପାରେ ବୋଲି ମତବ୍ୟକ୍ତ କରିଥିଲେ।

# ଜିଲ୍ଲା ପରିଷଦ ସହିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମିଶ୍ରଣ

ଯାଜପୁର, ତା ୨୯।୭ :ରାଜ୍ୟ ସରକାରଙ୍କ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ, ଓଡିଶା, ଭୁବନେଶ୍ୱର "ଅତିରିକ୍ତ ସ୍ୱତନ୍ତ୍ର ଓଡିଶା ଗେଜେଟ" ର ବିଜ୍ଞପ୍ତି ଅନୁଯାୟୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥା (ଡିଆରଡିଏ) କୁ ଉଚ୍ଛେଦ କରାଯାଇଛି।  ଜିଲ୍ଲା ପରିଷଦର ସଶକ୍ତିକରଣ ପାଇଁ ଏହାକୁ ଜିଲ୍ଲା ପରିଷଦ ସହିତ ମିଶ୍ରଣ କରାଯାଇଛି।  ଏହି ମିଶ୍ରଣ ଓଡିଶା ଗେଜେଟରେ ପ୍ରକାଶିତ ଦିନ ତା ୦୯।୦୬।୨୦୨୨ ରିଖରୁ କାର୍ଯ୍ୟକାରୀ ହୋଇଛି।  ତେଣୁ ଡିଆରଡିଏ, ଯାଜପୁର ବର୍ତ୍ତମାନ ଠାରୁ ଜିଲ୍ଲା ପରିଷଦ, ଯାଜପୁର ନାମରେ ପରିଚିତ ହେବ।  ଏହି ମିଶ୍ରଣ ପରେ ଡିଆରଡିଏ ର ସମ୍ପତ୍ତି ଏବଂ ଦାୟିତ୍ୱ ଗୁଡିକ ଜିଲ୍ଲା ପରିଷଦ, ଯାଜପୁର ଅଧୀନରେ ରହିବ।  ଜିଲ୍ଲାପାଳ, ଯାଜପୁର, ଜିଲ୍ଲା ପରିଷଦର ସି.ଇ.ଓ. ଏବଂ ପ୍ରକଳ୍ପ ସଂଯୋଜକ ମୁଖ୍ୟ ବିକାଶ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିବା ସହିତ ମିଶ୍ରଣ ତାରିଖରୁ ଆର୍ଥିକ ଶକ୍ତି ପ୍ରୟୋଗ କରିବେ।  ସେହିଭଳି, ପୂର୍ବ ଡିଆରଡିଏ ର କର୍ମଚାରୀଙ୍କ ବେତନ ଏବଂ ଅଣ-ବେତନ ଉପରେ ପ୍ରାପ୍ତ କେନ୍ଦ୍ରୀୟ ସହାୟତା , ଡିଆରଡିଏ କର୍ମଚାରୀଙ୍କ ବେତନ ଏବଂ ଅଣ-ବେତନ ଉପରେ  ବ୍ୟବହୃତ ହେବ ।  ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ପ୍ରଦାନ ନ ହେବା ପର୍ଯ୍ୟନ୍ତ, ଯାଜପୁର ଅଧୀନରେ ମିଳିଥିବା ସମସ୍ତ ପାଣ୍ଠି ଜିଲ୍ଲା ପରିଷଦ, ଯାଜପୁର ଦ୍ୱାରା ପରିଚାଳିତ ହେବ।  ଏ ବାବଦରେ ବିଭାଗର ଗଚ୍ଛିତ ପାଣ୍ଠି ତଥା ଡିଆରଡିଏ, ଯାଜପୁର ର ବ୍ୟାଙ୍କ ଆକାଉଣ୍ଟ ଯାଜପୁର ଜିଲ୍ଲା ପରିଷଦ ନିୟନ୍ତ୍ରଣରେ ରହିବ।  ସେହିପରି ସ୍ଥାନାନ୍ତରିତ ହେବାକୁ ଥିବା ପାଣ୍ଠି ସମାନ ବ୍ୟାଙ୍କ ଆକାଉଣ୍ଟରେ ରହିବ ଏବଂ ଏହି ପରିପ୍ରେକ୍ଷୀରେ ଅଧିକ ନିଷ୍ପତ୍ତି ନିଆଯିବା ପର୍ଯ୍ୟନ୍ତ ସମାନ ଢଙ୍ଗରେ ପରିଚାଳିତ ହେବ।  ଏହି ପାଣ୍ଠିର ବ୍ୟୟ ପ୍ରକ୍ରିୟା ସମୟ ସମୟରେ ଓଡିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପାଣ୍ଠି ପରିଚାଳନା ନିର୍ଦ୍ଦେଶାବଳୀ ଅନୁଯାୟୀ କରାଯିବ।  ଏହି ପାଣ୍ଠିର କୌଣସି ଅଂଶ ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ଆଦେଶ ବିନା ଜିଲ୍ଲା ପରିଷଦର ଅନ୍ୟ କୌଣସି ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯିବା ଉଚିତ ନୁହେଁ।  ଡିଆରଡିଏ, ଯାଜପୁର ରୁ ଟ୍ରାନ୍ସଫର ହୋଇଥିବା ଫଣ୍ଡ ଅଡିଟ୍ ସୁବିଧା ପାଇଁ ଡିଆରଡିଏ ଜିଲ୍ଲା ପରିଷଦର ଅନ୍ୟ ପାଣ୍ଠିର ଆକାଉଣ୍ଟରୁ ପୃଥକ ଭାବରେ ରକ୍ଷଣାବେକ୍ଷଣ କରାଯିବ।  ଉପରୋକ୍ତ ରିଜୋଲୁସନର ସମସ୍ତ  ବିଷୟବସ୍ତୁ ଜିଲ୍ଲା ପରିଷଦ, ଯାଜପୁର ସହିତ ଡିଆରଡିଏ, ଯାଜପୁର ମିଶ୍ରଣ ହେବା ପରେ ଫଳପ୍ରଦ ହେବ ବୋଲି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି ।

# ଜିଲ୍ଲାସ୍ତରୀୟ ମେଧାବୀ ଅଭିନନ୍ଦନ ସମାରୋହ

ଭଦ୍ରକ,୨୯/୭ (ନିପ୍ର): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଆଜି ଭଦ୍ରକ ଜିଲ୍ଲା ସ୍କୁଲ ସମ୍ମିଳନୀ କକ୍ଷରେ ଗତ ହାଇସ୍କୁଲ ପରୀକ୍ଷାରେ ସଫଳ ବିଦ୍ୟାର୍ଥୀମାନଙ୍କ ପାଇଁ ଜିଲ୍ଲା ସ୍ତରୀୟ ମେଧାବୀ ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ମାନିତ ଅତିଥି ଭାବେ ଏସ୍.ପି. ଚରଣ ସିଂ ମୀନା ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼. ମାୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏ-୧ ସଫଳତା ପ୍ରାପ୍ତ ପ୍ରତି ବ୍ଲକ , ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ରୁ ସମୁଦାୟ ୩୬ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରିପ୍ରେକ୍ଷୀରେ ଜୀବନର ଲକ୍ଷ ପୂରଣ ପର୍ଯ୍ୟନ୍ତ ପରିଶ୍ରମ ଜାରି ରଖିବାକୁ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅତିଥିମାନେ ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ମ୍ୟାଟ୍ରିକ୍ ପରେ ହିଁ ଲକ୍ଷ୍ୟ ବାଛିବାର ବେଳ । ପ୍ରତିଟି ବିଦ୍ୟାର୍ଥୀ ଜୀବନରେ କଣ ହେବ କାହିଁକି ହେବ ଏ କଥାକୁ ଗଭୀରତାର ସହ ସ୍ଥିର ଓ ସମୀକ୍ଷା କରି ଦୃଢ଼ ଆସ୍ଥା ଓ ଆତ୍ମ ବିଶ୍ୱାସର ସହ ଆଗେଇବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ । ଆଜି ଯେଉଁ ସଫଳତା ମିଳିଛି ଆଗକୁ ପୁଣି ସେହି ସଫଳତା ଦୋହରାଇବା ପାଇଁ ପ୍ରୟାସ ଜାରି ରଖିବାକୁ ଅନ୍ୟତମ ଅତିଥି ଏସ୍.ପି ଉତ୍ସାହିତ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଷ୍ଠାନ ପ୍ରଣୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଧୁଷୁରୀ ର ମୁରଲୀଧର ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ପ୍ରଧାନ, ଓଷ୍ଟାର ସଂଘ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମନୋଜ କୁମାର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁଷଙ୍ଗିକ ସହଯୋଗ କରିଥିଲେ

# ପାପଡ଼ାହାଣ୍ଡି ବ୍ଲକକୁ ଶିଶୁ ଶ୍ରମିକ,ବାଲ୍ୟବିବାହ ମୁକ୍ତ ଗଢ଼ିବାକୁ ଆହ୍ୱାନ

ନବରଙ୍ଗପୁର,୨୯/୭(ନିପ୍ର): ନବରଙ୍ଗପୁର ଜିଲ୍ଲାରେ ଶିଶୁଅଧିକାର ଓ ସୁରକ୍ଷା, ବାଲ୍ୟବିବାହ ନିରାକରଣ,ପୋଷ୍ୟ ସନ୍ତାନ ଗ୍ରହଣ ଓ ଯୌନ ନିର୍ଯାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କର ଭୂମିକା ଓ ଦାୟିତ୍ୱ ଉପରେ ପାପଡାହାଣ୍ଡି ବ୍ଲକ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜିତ ଏହି ଏକ ଦିବସିୟ ତାଲିମ ଶିବିରରେ ବ୍ଲକ ଅଧ୍ୟକ୍ଷା ହେମଲତା ମାଝି ଅଧ୍ୟକ୍ଷତା କରି ବ୍ଲକର ଜଣେବି ଶିଶୁ ଯେପରି ସେମାନଙ୍କର ଅଧିକାରରୁ ବଞ୍ଚିତ ନହୁଅନ୍ତି ସେ ଉପରେ ସମସ୍ତ ସରପଞ୍ଚ ମାନେ ଦାୟିତ୍ୱବାନ ହୁଅନ୍ତୁ ବୋଲି ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର



ପଟ୍ଟନାୟକ ଜିଲ୍ଲାରେ ଶିଶୁଅଧିକାର ଓ ସୁରକ୍ଷା ବାଲ୍ୟ ବିବାହ ନିରାକରଣ,ପୋଷ୍ୟ ସନ୍ତାନ ଗ୍ରହଣ ଓ ଯୌନନିର୍ଯାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କର ଭୂମିକା ଓ ଦାୟିତ୍ୱ ବିଶଦ ଭାବରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପାପଡାହାଣ୍ଡି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତା ମଲ୍ଲିକ ନିଜର ବ୍ଲକକୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ମୁକ୍ତ ବ୍ଲକ ଭାବରେ ଗଢି ତୋଳିବା ପାଇଁ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ନିବେଦନ କରିଥିଲେ ।ଅନ୍ୟତମ ଅତିଥି ଭାବରେ ଯୋଗଦେଇ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ନିଜର ବକ୍ତବ୍ୟରେ ସମସ୍ତ ନିର୍ଯାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବାପାଇଁ ଅନୁରୋଧ କରିଥିଲେ । ସାଧନ ବ୍ୟକ୍ତି ଭାବରେ ଯୋଗଦେଇ ମନୋରମା ମାଝୀ ଓ ଆକ୍ସନଏଡ ର ଜିଲ୍ଲା ପରାମର୍ଶଦାତା ଫକିର ଚରଣ ରାଉତ ଶିଶୁ ଜିଲ୍ଲାରେ ଶିଶୁଅଧିକାର ଓ ସୁରକ୍ଷା,ବାଲ୍ୟ ବିବାହ ନିରାକରଣ, ପୋଷ୍ୟ ସନ୍ତାନ ଗ୍ରହଣ ଓ ଯୌନ ନିର୍ଯାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କର ଭୂମିକା ଓ ଦାୟିତ୍ୱ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେର ବ୍ଲକର ସମସ୍ତ ସରପଞ୍ଚ ଓ ସୁପରଭାଇଜରମାନେ ଆଲୋଚନାରେ ଅଂଶଗ୍ରହଣ କରି ଶିଶୁ ଜିଲ୍ଲାରେ ଶିଶୁଧିକାର ଓ ସୁରକ୍ଷା,ବାଲ୍ୟବିବାହ ନିରାକରଣ, ପୋଷ୍ୟ ସନ୍ତାନ ଗ୍ରହଣ ଓ ଯୌନ ନିର୍ଯାତନାରୁ ଶିଶୁ ମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କର ଭୂମିକା ଓ ଦାୟିତ୍ୱ ଉପରେ ନିଜର ମତାମତ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଲିଗାଲ ପ୍ରୋବେଶନ ଅଫିସର କିଶୋର ଚନ୍ଦ୍ର ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ ।

# କାରଗିଲ ଦିବସ ଅବସରରେ ବୃକ୍ଷରୋପଣ

ନବରଙ୍ଗପୁର,୨୯/୭ (ନିପ୍ର): କାରଗିଲ ବିଜୟ ଦିବସ ଅବସରରେ ସ୍ଥାନୀୟ ଡିଆରଡିଏ କାର୍ଯ୍ୟାଳୟ ଠାରେ ସମ୍ଭବ ଫାଉଣ୍ଡେସନ ତରଫରୁ ସହିଦ୍‌ମାନଙ୍କ ସ୍ମୃତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରତ୍ନାକର ସାହୁ ,ସମାଜସେବୀ ସିରାଜୁଦ୍ଦିନ ଅହମ୍ମଦ, ସମାଜସେବୀ ଅଭିଳାଷ ନାୟକ,ଗଣେଶ ନାୟକ ଏବଂ ଜିଲ୍ଲା ଉନ୍ନୟନ ସଂସ୍ଥାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଇଟିଏଲ ବୀମା କମ୍ପାନୀ ପକ୍ଷରୁ ଚାରା ରୋପଣ

କଟକ, ୨୯/୭ (ନିପ୍ର): ଆଜି ସ୍ଥାନୀୟ ମଧୁପାଟଣା ଥାନା ପରିସରରେ ଇଡେଲଓ୍ୱିସ୍ ଟୋକିଓ ଲାଇଫ ଇନସ୍ୟୁରାନ୍ସ(ଇଟିଏଲ) କମ୍ପାନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲିଙ୍କରୋଡସ୍ଥିତ କାର୍ଯ୍ୟାଳୟର କ୍ଲଷ୍ଟର ମୁଖ୍ୟ ସ୍ମୃତିକନ୍ତ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନା ଇନ୍ସପେକ୍ଟର ତୁଷାରକାନ୍ତ ସେଠୀ ଓ ବୀମା କର୍ମଚାରୀମାନେ ଉପସ୍ଥିତ ରହି ଥାନା ପରିସର ମଧ୍ୟରେ ବିଭିନ୍ନ କିସମର ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ କ୍ଲଷ୍ଟର ମୁଖ୍ୟ ଶ୍ରୀ ଦାସ ପରିବେଶର ସୁରକ୍ଷା ପାଇଁ ବୃକ୍ଷ ଆମର ଜୀବନ ବୋଲି କହିବା ସହିତ ବର୍ତ୍ତମାନ ସମାଜର ଜଳବାୟୁର ପରିବର୍ତ୍ତନ ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ବୋଲି କହିଥିଲେ ।

# ମଦ ଦୋକାନ ଉପରକୁ ବୋମା ମାଡ଼ : ଅଭିଯୁକ୍ତ ଗିରଫ

ଟାଙ୍ଗୀ-ଚୌଦ୍ୱାର,୨୯/୭ (ନିପ୍ର):ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ରେଲ୍‌ୱେ କ୍ରସିଂ ନିକଟରେ ଥିବା ଦେଶୀ ମଦ ଦୋକାନ ଉପରେ ଜଣେ ଦୁର୍ବୃତ୍ତ ଦୁଇଟି ବୋମାମାଡ କରି ଫେରାର ହୋଇଯିବାର ଘଟଣା ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା । ସୂଚନାରୁ ପ୍ରକାଶ ଯେ, ମାହାଙ୍ଗା ବରଅଠା ଗ୍ରାମର ସଞ୍ଜୟ ମହାପାତ୍ର (୫୦) ଗତ ୨୪ତାରିଖ ରାତ୍ରି ୧୦ଘଟିକା ସମୟରେ ନିଜ ଦୋକାନ ଉପରେ ବୋମା ମାଡ ହୋଇଥିବାର ଏକ ଲିଖିତ ଅଭିଯୋଗ ଚୌଦ୍ୱାର ଥାନାରେ କରିଥିଲେ । ଶ୍ରୀ ମହାପାତ୍ରଙ୍କ କହିବା ଅନୁଯାୟୀ କିଛିଦିନ ତଳେ ଚୌଦ୍ୱାର କେଦାରେଶ୍ୱରର ଦୀପକ କୁମାର ରାଉତ (ଦିପୁଆ-୩୫) ତାଙ୍କ ଦୋକାନରେ ସେଲ୍‌ସ ମ୍ୟାନ ଭାବେ କାର୍ଯ୍ୟକରୁଥିଲେ । ବହୁ ସମୟରେ ମାଲିକର ଅନୁପସ୍ଥିତିର ସୁଯୋଗ ନେଇ ଦିପୁଆ ଦୋକାନରୁ ଚୋରି କରିବା ଓ ଅନ୍ୟ କର୍ମଚାରୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଭଳି ଘଟଣା କରିଆସୁଥିଲେ । ଦୋକାନର ମାଲିକ ଏହା ଜାଣି ଦିପୁଆକୁ ନିଜ ଦୋକାନରୁ କାଢି ଦେବାପରେ ଅଭିଯୁକ୍ତ ଦିପୁଆ ରାଗରେ ଦୋକାନ କର୍ମଚାରୀଙ୍କୁ ବୋମା ପକାଇ ମାରିଦେବ ବୋଲି ଧମକ ଦେଇ ସେଠାରୁ ପଳାଇଆସିଥିଲେ । ଗତ ରାତ୍ରି ୧୦ଘଟିକା ସମୟରେ ଦିପୁଆ ନିଜର ମଟର ସାଇକେଲରେ ଯାଇ ଦୋକାନ ନିକଟରେ ଏକ ବୋମା ଫିଙ୍ଗିବାପରେ ଅନ୍ୟ ବୋମାଟି ଦୋକାନର ଝରକାକୁ ମାଡ କରିଥିଲେ । ଦୁର୍ଭାଗ୍ୟବସତଃ ଝରକାରେ ବୋମାଟି ମାଡ ହୋଇ ଫୁଟିନଥିବା ଫଳରେ ଦୋକାନରେ ଥିବା ଅନ୍ୟ କର୍ମଚାରୀମାନେ ଏକ ବଡ ବିପଦରୁ ବର୍ତ୍ତି ଯାଇଥିଲେ । ପରେ ଦୋକାନ ମାଲିକଙ୍କର ଅଭିଯୋଗ ପରେ ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ ବିରଂଚି ନାରାୟଣ ପତିଙ୍କ ନିର୍ଦ୍ଦେଶ ଅନୁସାରେ ଡି.କେ.ଏମ୍ ଭୂୟାଁ ଘଟଣାର ଅନୁସନ୍ଧାନ କରି ଆଜି ଅଭିଯୁକ୍ତ ଦିପୁଆକୁ ଧରିବାରେ ସକ୍ଷମ ହୋଇଥିଲେ । ଦିପୁଆ ବ୍ୟବହାର କରୁଥିବା ମଟର ସାଇକେଲ ନଂ.ଓଡି୦୫ଏଏସ୍ ୫୬୦୩ ଗାଡି ସହ ଏକ ଅଫୁଟା ବୋମାକୁ ଜବତ କରି କେସ୍ ନଂ.୩୫୦/୨୨ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ପୂର୍ବରୁ ଦିପୁଆ ନାମରେ ଚୌଦ୍ୱାର ଥାନାରେ ଚୋରୀ, ଡକାୟତ, ରାହାଜାନି ଓ ବୋମାମାଡଭଳି ସଙ୍ଗିନ ଅଭିଯୋଗ ରହିଥିବାର ପୁଲିସ ସୂତ୍ରରୁ ଜଣାପଡିଛି ।

# 'ଚିଲିକା ନୀତି ପ୍ରଣୟନ ନ ହେବା ଯାଏଁ ଚିଲିକାକୁ ଛାଡ଼ିବୁ ନାହିଁ'

କୃଷ୍ଣପ୍ରସାଦ,୨୯/୭ (ନିପ୍ର): ଏସିଆ ମହାଦେଶର ବୃହତ୍ତମ ଲୁଣା ହ୍ରଦ ଚିଲିକା ଉପରେ କୃଷ୍ଣପ୍ରସାଦ ବ୍ଲକର ଅଧିବାସୀମାନେ ଆବାହନ କାଳରୁ ନିର୍ଭର କରି ଚଳୁଛନ୍ତି । ଚିଲିକା ହେଉଛି ସେମାନଙ୍କର ଭାତ ହାଣ୍ଡି । ଚିଲିକାକୁ ନଗଲେ ଘରେ ଚୁଲି ଜଳେନି । ତେବେ ଉଚ୍ଚ ନ୍ୟାୟାଳୟ ଚିଲିକାକୁ ଘେରି ମୁକ୍ତ କରିବା ପାଇଁ ଏକ କଡ଼ା ନିର୍ଦ୍ଦେଶ ନାମା ଜାରି କରିଛନ୍ତି । ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ବାରମ୍ବାର ପ୍ରଶାସନ ଚିଲିକା ଉପରେ ହସ୍ତକ୍ଷେପ କରୁଥିବା ବେଳେ ଏହାର ଶିକାର ହେଉଛନ୍ତି କୃଷ୍ଣପ୍ରସାଦ ବ୍ଲକର ଲକ୍ଷ ଲକ୍ଷ ଜନସାଧାରଣ । ଏହାର ମୁକାବିଲା କରିବା ପାଇଁ ପାରମ୍ପରିକ ପେଷାଦାର ମତ୍ସ୍ୟଜୀବୀ ମହାସଙ୍ଘ ଉଦ୍ୟମ ଆରମ୍ଭ କରିଛି । ଚିଲିକାକୁ କେନ୍ଦ୍ର କରି ଚଳିତ ବିଧାନସଭାରେ ଚିଲିକା ନୀତି ପ୍ରଣୟନ ନିମନ୍ତେ ଏକ ଦାବି ଉଠିଥିଲା । ଏହାକୁ ନେଇ ବିଧାନସଭା ହୁଲୁସ୍ଥୁଲ ହୋଇଥିଲା । ତେବେ ଏହାର କୌଣସି ସମାଧାନ ହାଇପାରି ନଥିବା ବେଳେ ପ୍ରଶାସନ ପୁନର୍ବାର ଚିଲିକା ଘେରି ଉଚ୍ଛେଦ ପାଇଁ ପ୍ରସ୍ତୁତି ହେଉଛି । ଏହାକୁ ମୁକାବିଲା କରିବା ପାଇଁ ସଂପୃକ୍ତ ବ୍ଲକର ଲକ୍ଷ ଲକ୍ଷ ଆବାଳ ବୃଦ୍ଧ ବନିତା ପ୍ରସ୍ତୁତ ହୋଇଛନ୍ତି ବୋଲି ମହାସଙ୍ଘର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ କେଲୁ ଚରଣ ଜେନା କହିଛନ୍ତି । ଚିଲିକା ଘେରି ଉଚ୍ଛେଦକୁ ବିରାଧ କରାଗଲେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଧମକ ଦିଆଯାଉଥିବା ବେଳେ ବଞ୍ଚିବାକୁ ଯାଇ ସଂଘର୍ଷ କରି ଲକ୍ଷ ଲକ୍ଷ ଲୋକ ଜେଲ ଯିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସଭାପତି କେଲୁଚରଣ କହିଛନ୍ତି । ଚିଲିକା ନୀତି ପ୍ରଣୟନ ନହେବା ଯାଏ ପ୍ରଶାସନର କୌଣସି କର୍ମଚାରୀଙ୍କୁ ଚିଲିକାର ପାଣିରେ ପାଦ ବୁଡ଼ାଇବାକୁ ଦେବୁ ନାହିଁ । ଏନେଇ ସଭାପତି କେଲୁ ଚରଣ ଜେନାଙ୍କ ନେତୃତ୍ୱରେ ଦୀନବନ୍ଧୁ ଜେନା, ମନାଜ କୁମାର ସାହୁ, ହେମନ୍ତ କୁମାର ଜେନା, ୩୫ ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳ, ହରମୋହନ ମାନସିଂହ, ଦାମୋଦର ଜେନା, ଶରତ ଚନ୍ଦ୍ର ଜେନା ପ୍ରମୁଖ ଥାନାରେ ପହଞ୍ଚି ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ସହିତ ଆଲୋଚନା କରିବା ସହିତ ନିଜର ଦାବି ଉପସ୍ଥାପନ କରିଥିଲେ ।

# ଜିଲ୍ଲାରେ ପାଳିତ ହେବ 'ବିଦ୍ୟୁତ୍' ମହୋତ୍ସବ

ଯାଜପୁର, ୨୯/୭ (ନିପ୍ର): ଆଜାଦି କା ଅମୃତ୍ ମହୋତ୍ସବ ଅନ୍ତର୍ଗତ ତା ୨୫ ଜୁଲାଇ ୨୦୨୨ ରିଖ ଠାରୁ ତା ୩୦ ଜୁଲାଇ ୨୦୨୨ ରିଖ ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ଜିଲ୍ଲାରେ "ଉଜ୍ୱଳ ଭାରତ ଉଜ୍ୱଳ ଭବିଷ୍ୟତ ପାଓ୍ୱାର ୨୦୪୭" କାର୍ଯ୍ୟକ୍ରମ ବା (ବିଦ୍ୟୁତ ମହୋତ୍ସବ) ପାଳନ କରାଯାଉଅଛି । ପ୍ରତି ଜିଲ୍ଲାରେ ୨ ଗୋଟି ଇଭେଣ୍ଟରେ ଏବଂ ୨ଟି ସ୍ଥାନରେ ଏହି ମହୋତ୍ସବ ପାଳିତ ହେବ । ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଓ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଦ୍ୟୁତ ମହୋତ୍ସବ ଆସନ୍ତା ୨୭।୭।୨୦୨୨ ରିଖରେ ମଙ୍ଗଳପୁରସ୍ଥ ସାଧୁ ଗୌଡେଶ୍ୱର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏବଂ ତା ୨୯।୭।୨୦୨୨ ରିଖ ବରୁଣେଶ୍ୱର ମହାବିଦ୍ୟାଳୟ, ବିଂଝାରପୁର ଠାରେ ଦିବା ୧୦ ଘଟିକା ସମୟରେ ପାଳନ କରାଯିବ । ଏହି ଉତ୍ସବରେ ଆଞ୍ଚଳିକ କ୍ଷୁଦ୍ର ଚଳଚିତ୍ର ବା ଭିଡିଓ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ । ଓ.ପି.ଟି.ସି.ଏଲ୍. ପକ୍ଷରୁ ୭ ଟି ଥିମ୍ ଉପରେ ଭାଷା ପୋଷ୍ଟର ପ୍ରଦର୍ଶନୀ ସହିତ ପ୍ରଦର୍ଶିତ ହେବ । ଉପରୋକ୍ତ ଉତ୍ସବରେ ଯୋଗଦାନ ପୂର୍ବକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଅଧିକ୍ଷଣ ଯନ୍ତ୍ରୀ ଟି.ପି.ଏନ୍.ଓ.ଡି.ଏଲ୍. ପକ୍ଷରୁ ନିବେଦନ କରାଯାଇଛି ।

# ରୋଟାରୀ ମିଡ୍‌ଟାଉନ ପକ୍ଷରୁ କାର୍ଗିଲ ବିଜୟ ଦିବସ

ଭଦ୍ର,୨୯/୭ (ନିପ୍ର): ଭଦ୍ରକ ଟାଉନ ହଲରେ ରୋଟାରୀ କ୍ଲବ୍ ମିଡ ଟାଉନ ଭଦ୍ରକ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି । ସହିଦଙ୍କୁ ସମ୍ମାନ ଜଣାଇ ଦିବସ ପାଳନ କରିବା ସହିତ ରାଷ୍ଟ୍ର ପ୍ରେମରେ ନିଜକୁ ଅନୁପ୍ରାଣୀତ କରି ସବୁଦିନ ନିଜର ଦୈନନ୍ଦିନ କାର୍ଯ୍ୟ ସହିତ ଅନ୍ୟ ପାଇଁ ଏବଂ ସମାଜ ପାଇଁ କିଛି ଜନହିତକର କାର୍ଯ୍ୟ କରିପାରିଲେ ତାହା ହିଁ ସହିଦଙ୍କ ଲାଗି ପ୍ରକୃତ ସମ୍ମାନ ହେବ ବୋଲି ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ମତବ୍ୟକ୍ତ କରିଥିଲେ । ପ୍ରଥମେ କାର୍ଗିଲ ଯୁଦ୍ଧରେ ଭଦ୍ରକ ଜିଲ୍ଲାରୁ ସହିଦ ହୋଇଥିବା ଦିବଂଗତ ନିରଞ୍ଜନ ବେହେରାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କ୍ୟାଣ୍ଡେଲ ଜଳାଇ ସମସ୍ତ କାର୍ଗିଲ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ରୋଟାରିଆନ ପ୍ରୀତିରଞ୍ଜନ ଜେନା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଭାରେ ପୌରୋହିତ୍ୟ କରିଥିଲେ । ରୋଟାରିଆନ ଅତିଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇ ପ୍ରତିଟି ମଣିଷ ଜଣେ ଜଣେ ସୈନିକ ବୋଲି ନିଜକୁ ଭାବି ଦେଶମାତୃକା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

ତତ୍ ସହିତ ମିଡ୍ ଟାଉନ କ୍ଲବର ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ପ୍ରଶଂସା କରି ପ୍ରତିବର୍ଷ ଏହି ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଓ ଦେଶାତ୍ମବୋଧକ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ଏବଂ ସ୍କୁଲମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଚାରକ ଭାବେ ପ୍ରଫେସର ଅଟଳ ବିହାରୀ ନାୟକ, ପ୍ରାଧ୍ୟାପିକା ଡ. ପ୍ରଭାତ ନଳିନୀ ମହାପାତ୍ର, ଶଶଧର ମହନୀ, ନାଟ୍ୟନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଲଲାଟେନ୍ଦୁ ମହାନ୍ତି, ନାଟ୍ୟକାର ସୁଧାଂଶୁ ନାୟକ ଯୋଗ ଦେଇଥିଲେ । ଏଥିରେ ୧୪ଟି ବିଦ୍ୟାଳୟର ୪୬୩ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ଶ୍ୱେତା କିରଣ ପ୍ରଥମ, ଯାଜ୍ଞସେନୀ ପଣ୍ଡା ଦ୍ୱିତୀୟ, ଫିର୍‌ଦୋଶ୍ ଖାନନ୍ କାଦ୍ରୀ ତୃତୀୟ ହୋଇଥିଲେ । ନୃତ୍ୟରେ ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରଥମ, ଏସବିଡ଼ି ଇଣ୍ଟରନ୍ୟାସନାଲ ସ୍କୁଲ ଦ୍ୱିତୀୟ ଏବଂ ମିଶନ ପବ୍ଲିକ ସ୍କୁଲ ତୃତୀୟ ହୋଇଥିବା ବେଳେ ବିଚାରକ ମଣ୍ଡଳୀଙ୍କ ସ୍ୱତନ୍ତ୍ର ପୁରସ୍କାର ସନ୍‌ସାଇନ୍ ମିଶନ ସ୍କୁଲକୁ ପ୍ରଦାନ କରାଯାଇଥିଲା ।

# ତିନୋଟି ପଥର ବୋଝେଇ ଗାଡି ଜବତ

ନିରାକାରପୁର,୨୯/୭ (ନିପ୍ର): ଜଂକିଆ ପାଲିସ ପକ୍ଷରୁ ମୋଟା ଅଞ୍ଚଳରେ ଚାଲିଥିବା ବେଆଇନ ଖଣିରେ ଚଢ଼ାଉ ୩ଟି ମାଙ୍କଡା ପଥର ବୋଝେଇ ଟ୍ରକ ଜବତ ଦୁଇ ଗିରଫ ।ଜଂକିଆ ଅଞ୍ଚଳରେ ଦିନ କୁ ଦିନ ବଢି ଚାଲିଛି ବେଆଇନ ମାଙ୍କଡ଼ା ପଥର ଚାରା ଚାଲାଣ । ମାଫିଆ ମାନେ ବେଆଇନ ଖଣି କରି ଜୋର ଜବରଦସ୍ତ ଦିନ ଦିପହରେ ସହ ସହ ଗାଡି ରେ ମାଙ୍କଡ଼ା ପଥର ବୋଝେଇ କରି ବିଭିନ୍ନ ଅଞ୍ଚଳକୁ କରୁଛନ୍ତି ଚାଲାଣ ।ଲକ୍ଷ ଲକ୍ଷ ଟଙ୍କା ର ରାଜସ୍ୱ ହରାଉଛନ୍ତି ସରକାର ।ପଥର ଚୋରା ଚାଲାଣ ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଜଂକିଆ ମୋଟା ମୁଣ୍ଡାଆମ୍ବ ଅଂଚଳରେ ଚଢ଼ାଉ କରି ୩ ଟି ବେଆଇନ ପଥର ବୋଝେଇ ଟ୍ରକ ଜବତ କରି ଜଣେ ଡ୍ରାଇଭର କୁ ଗିରଫ କରିଛି । ଗିରଫ ଡ୍ରାଇଭର ଜଣଙ୍କ ମଣାଣିଅ ଗ୍ରାମର ଦୁର୍ଯ୍ୟୋଧନ ବେହେରା ।ପୋଲିସ ଥାନାରେ କେସ ନମ୍ବର ୨୬୬/୨୨ ରୁଜୁ କରିକୋର୍ଟ ଚାଲାଣ କରିଥିବା ତଦନ୍ତକାରି ଅଧିକାରୀ ବେଣୁଧର ରାୟ ସୂଚନା ଦେଇଛନ୍ତି ।

# ୯ ଲିଟର ଦେଶୀମଦ ଜବତ, ଜଣେ ଗିରଫ

କଣାସ ,୨୯/୭ (ନିପ୍ର): କଣାସ ପୋଲିସ ପକ୍ଷରୁ ଚୋରାମଦ ବେପାରୀମାନଙ୍କୁ ଧରିବାପାଇଁ ଉଦ୍ୟମ ଚାଲିଥିବା ବେଳେ ଜଙ୍କିଆ ବଜାରରୁ ଜଣେ ବ୍ୟକ୍ତି ଅନାମ ଚନ୍ଦ୍ର ବେହେରା ବ୍ୟାଗରେ ୯ଲିଟର ଦେଶିମଦ ରଖି ବିକ୍ରି କରୁଥିବା ବେଳେ କଣାସ ଥାନା ଏସ.ଆଇ. ତୁଷାରକାନ୍ତ ନାୟକ ପାଟ୍ରୋଲିଂକୁ ଯାଇଥିବା ବେଳେ ଚୋରାମଦ ବିକ୍ରି ହେଉଥିବା ଖବର ପାଇ ୯ଲିଟର ଦେଶୀମଦ ସହିତ ଅନାମ ଚନ୍ଦ୍ର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି ।

# ଢେଙ୍କାନାଳରୁ ଚେନ୍ନାଇକୁ ନୂତନ ଦ୍ରୁତଗାମୀ ରେଳ ଚଳାଚଳ ପ୍ରସଙ୍ଗରେ ସଂସଦରେ ପ୍ରସ୍ତାବ

ଢେଙ୍କାନାଳ ୨୯/୭ (ନିପ୍ର): ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ସାଂସ୍କୃତିକ, କୃଷି ଭିତ୍ତିକ ଜିଲ୍ଲା ଢେଙ୍କାନାଳ, ଶିଳ୍ପନଗରୀ ଅନୁଗୁଳ, କୋଇଲା ନଗରୀ ତାଳଚେର ପ୍ରଭୃତି ଅଂଚଳ ଦେଇ ଯେଉଁସବୁ ଯାତ୍ରୀବାହୀ ରେଳ ଅନ୍ୟ ରାଜ୍ୟକୁ ଚଳାଚଳ କରୁଛି, ସେଥିପାଇଁ ସଂପୃକ୍ତ ଅଂଚଳବାସୀମାନେ ଯେତିକି ଉପକୃତ ହେଉଛନ୍ତି ତନ୍ମଧ୍ୟରୁ ଦକ୍ଷିଣଭାରତକୁ ଯିବା ଆସିବା କରିବା ପାଇଁ ଯାତ୍ରୀମାନଙ୍କୁ ନାନା ପ୍ରକାର ଅର୍ଥନୈତିକ ଅସୁବିଧା ଭୋଗିବାକୁ ପଡୁଛି । ଜନସାଧାରଣଙ୍କ ଅସୁବିଧାକୁ ଉପଲବ୍ଧି କରି ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ "ଆମ ପ୍ରତିଭା ଆମ ସମ୍ମାନ" ଏବଂ ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧାରଣଙ୍କ ନିମନ୍ତେ ଏକ ନୂତନ ଯାତ୍ରୀବାହୀ ଏକ୍ସପ୍ରେସ୍ ଟ୍ରେନ୍ ପଶ୍ଚିମ ଓଡିଶାରୁ ଦକ୍ଷିଣଭାରତର ଚେନ୍ନାଇ ଦେଇ କେରଳ ରାଜ୍ୟର ତ୍ରିଭେନ୍ଦ୍ରମ୍‌କୁ ଚଳାଚଳ କରିବା ପାଇଁ ସ୍ଥାନୀୟ ସାଂସଦ ମହେଶ ସାହୁଙ୍କ ନିକଟରେ ଏକ ଲିଖିତ ଦାବୀ ଉପସ୍ଥାପନା କରାଯାଇଥିଲା । ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ଅନୁଗୁଳ, ତାଳଚେର ଏବଂ ଢେଙ୍କାନାଳ ଜିଲ୍ଲା ଶିଳ୍ପ ବହୁଳ ଅଂଚଳ । ଏଠାରୁ ପର୍ଯ୍ୟାପ୍ତ ପରିମାଣର ରାଜସ୍ୱ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜକୋଷକୁ ଯାଇଥାଏ । ଉଭୟ ଜିଲ୍ଲାରେ ଏହି ଶିଳ୍ପାଂଚଳ ଉପରେ ନିର୍ଭର କରି ଜୀବନଜୀବିକା ନିର୍ବାହ କରୁଥିବା ସମସ୍ତ ଜନସାଧାରଣଙ୍କ ପରିଭ୍ରମଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଉଚ୍ଚଶିକ୍ଷା ନିମନ୍ତେ ଚେନ୍ନାଇ ଯିବା ପାଇଁ ଏକ ନୂତନ ଦ୍ରୁତଗାମୀ ରେଳ ଚଳାଚଳ କରାଇବା ନିମନ୍ତେ ଢେଙ୍କାନାଳ ସାଂସଦ ମହେଶ ସାହୁ ଏ ସଂପର୍କରେ ଗତ ୨୮.୦୬.୨୦୨୨ ତାରିଖରେ ଜିଲ୍ଲା ଦୀଶା ବୈଠକରେ ରେଳଚଳାଚଳ ପ୍ରସଙ୍ଗ ଉପସ୍ଥାପନ କରାଇଥିଲେ ଏବଂ ଏହା ପ୍ରଶାସନିକ ସ୍ତରରେ ମଧ୍ୟ ଅନୁମୋଦିତ ହୋଇଥିଲା । ଆଜି ଏହି ପ୍ରସ୍ତାବକୁ ସଂସଦରେ ଶ୍ରୀ ସାହୁ ଉପସ୍ଥାପନ କରି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଢେଙ୍କାନାଳ ସଂସଦୀୟ କ୍ଷେତ୍ରରୁ ଚେନ୍ନାଇକୁ ନୂତନ ଦ୍ରୁତଗାମୀ ରେଳ ଚଳାଚଳ ପ୍ରସଙ୍ଗ ସଂସଦରେ ଉପସ୍ଥାପନ ହୋଇଥିବା ଖବର ଶୁଣି "ଆମ ପ୍ରତିଭା ଆମ ସମ୍ମାନ" ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁଁନ୍ତ, ଓଡାପଡା ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଧର୍ମାନନ୍ଦ ପରିଡା, ପ୍ରେମାନନ୍ଦ ସାହୁ, ଭୁବନ ବ୍ଲକ୍ ଅଧ୍ୟକ୍ଷା ସିପ୍ରା ବରାଳ, କଙ୍କଡାହାଡ ବ୍ଲକ୍ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ସାଂସଦଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ସଦର ବ୍ଲକ୍ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ସସ୍ମିତାରାଣୀ ନାୟକ, ବରିଷ୍ଠ ଆଇନ୍‌ଜୀବୀ ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ଆମ ପ୍ରତିଭା ଆମ ସମ୍ମାନର କୋଷାଧକ୍ଷ ରୁଦ୍ରାନ୍ତ ଦଳେଇ, ସମାଜସେବୀ ତିଲୋତମା ଚୌଧୁରୀ, ଅନିନ୍ଦିତା ମିଶ୍ର, ସକିନା ନାଥ, ପ୍ରତାପ ଦାସ, କାଉନ୍‌ସିଲର ସାଗିର ମହମ୍ମଦ, ଢେଙ୍କାନାଳ-ଅନୁଗୁଳ ପାସେଞ୍ଜର ଆସୋସିଏସନ୍ ସଭାପତି ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ସାମ୍ବାଦିକ ସଦାଶିବ ମହାପାତ୍ର, ରତନ ନାୟାର,ସରୋଜ କୁମାର କର, ଜିତେନ୍ଦ୍ର ପଟ୍ଟନାୟକ,ବିନୋଦ ମହାନ୍ତି, ବିରଂଚି ସେଠ ଜିଲ୍ଲା ସରପଂଚ ସଂଘ, ଜିଲ୍ଲା ଲରି ସଂଘ, ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ, ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିଙ୍କ ସମେତ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଏହି ନୂତନ ଟ୍ରେନ୍ ଚଳାଚଳ ପ୍ରସଙ୍ଗ ସଂସଦରେ ଉପସ୍ଥାପନା କରାଯାଇଥିବାରୁ ସମସ୍ତେ ସାଂସଦ ଶ୍ରୀ ସାହୁଙ୍କୁ ବିଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# ବେଆଇନ ଖଣି ଖନନ ଏନଜିଟିଙ୍କ ଜବାବ ତଲବ

ରଣପୁର,୨୯/୭ (ନିପ୍ର): ନୟାଗଡ ଜିଲ୍ଲା ଅନ୍ତର୍ଗତ ରଣପୁର ତହସିଲ ଅଧୀନରେ ମୟୂରଝାଳିଆ ଗ୍ରାମ ରେ ଥିବା ଖାତା ନଂ -୪୯୫,ପ୍ଲଟ ନଂ-୧୬୮୯, ଏରିଆ -୧୪୫ ଏକର, ଟି ଗ୍ରାମ୍ୟ ଜଙ୍ଗଲ ପାଇଁ ସଂରକ୍ଷିତ ରହିଅଛି ।ସେହି ୧୪୫ ଏକରରୁ ଗଛ ନ ଥିବା ୪ ଏକର କୁ ପ୍ରଶାସନ ତରଫରୁ ପାଞ୍ଚ ବର୍ଷ ପାଇଁ ନିଲାମ ଦିଆ ଯାଇଥିଲା ।

ନିଲାମଦାର ଏହି ୪ଏକର ଖଣି ଖନନ କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ୧୪୫ ଏକରରେ ଥିବା କାଜୁ ଜଙ୍ଗଲକୁ ଧ୍ୱଂସ କରି ସେଥିରୁ ହଜାର ହଜାର ଟ୍ରିପ ମୋରମ, ମାଙ୍କଡ଼ା ପଥର ଚୋରା ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଥିବା ବେଳେ ରାଜ୍ୟ ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି । ଆଜକୁ ପ୍ରାୟ ୨ ବର୍ଷ ହେଲା



ବେଆଇନ ଭାବେ ଖଣି ମାଫିଆ ମାନେ ଖଣି ଜଙ୍ଗଲ ଜମିକୁ ସମ୍ପୂର୍ଣ୍ଣ ନଷ୍ଟ କରି ସାରିଲେଣି । ଏ ସମ୍ବନ୍ଧରେ ଗ୍ରାମବାସୀ ମାନଙ୍କ ତରଫରୁ ପୋଲିସ୍ ପ୍ରଶାସନ, ତହସିଲଦାରଙ୍କ ଠାରୁ ଆରମ୍ଭ କରି ସମସ୍ତ ଉପରିସ୍ଥ ଅଧିକାରୀ ମାନଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହା ପରେ ସମାଜ ସେବୀ ଦୀପକ କୁମାର ରାଉତରାୟ, ଦିଲ୍ଲୀପ ସାମନ୍ତରାୟଙ୍କ ତରଫରୁ ଏନଜିଟିଙ୍କ ନିକଟରେ ପିଟିସନ ଦାୟର କରିଥିଲେ । ଏହି ପିଟିସନ ର ଶୁଣାଣି କରି ଟ୍ରିବ୍ୟୁନାଲ ସମସ୍ତ ପକ୍ଷ ଙ୍କୁ ଚାରି ସପ୍ତାହ ଭିତରେ ଜବାବ ତଲବ ରିପୋର୍ଟ ସତ୍ୟପାଠ ସହିତ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଟ୍ରିବୁନାଲଙ୍କ ଏହି ଆଦେଶ କୁ ସ୍ଥାନୀୟ ପରିବେଶବିତ୍‌ମାନେ ଖୁସି ମତ ବ୍ୟକ୍ତ କରିଛନ୍ତି ।

# ଜମି ବେଆଇନ ଅବରୋଧକୁ ଗ୍ରାମବାସୀଙ୍କ ବିରୋଧ

ଟାଙ୍ଗୀ-ଚୌଦ୍ୱାର, ୨୯/୭ (ନିପ୍ର): ଟାଙ୍ଗୀ-ଚୌଦ୍ୱାର ତହସିଲ ଅନ୍ତର୍ଗତ ନଖରା ଗ୍ରାମପଞ୍ଚାୟତରେ ସାନରଙ୍ଗଂଚୋ ରାଜସ୍ୱ ଗ୍ରାମର ଗୋଚର ଓ ଗୋଦଣ୍ଡା ଅବରୋଧ କରାଯାଇ ବେଆଇନ ନିର୍ମାଣ କରାଯାଉଥିବାରୁ ଗ୍ରାମବାସୀମାନେ ନାନଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିବାଦରେ ଶତାଧିକ ଗ୍ରାମ ମହିଳା ଓ ପୁରୁଷ ଅବରୋଧ ହୋଇଥିବା ସ୍ଥାନରେ ପହଞ୍ଚି ବେଆଇନ ନିର୍ମାଣକୁ ବିରୋଧ କରିବା ସହିତ ଏହାକୁ ହଟାଇବାକୁ ଦାବି କରିଛନ୍ତି । ଏଠାରେ ସୂଚନାଯୋଗ୍ୟ, ସାନରଙ୍ଗଂଚୋ ମୌଜାର ଖାତା ନଂ.୨୭୬, ପ୍ଲଟ ନଂ୬୩୧, କିସମ-ଗୋଦଣ୍ଡା ଅଟେ । ହେଲେ ଜନୈକ ବ୍ୟକ୍ତି ଏହି ପ୍ଲଟ ନିକଟରେ ଅଟାଳିକା ନିର୍ମାଣ କରି ଗୋଦଣ୍ଡାରେ କଂକ୍ରିଟ ନିର୍ମାଣ କରି ରାସ୍ତା କରିଛନ୍ତି । ଗୋଟିଏ ଛୋଟ ନାଳଟେ ଜଳ ନିଷ୍କାସନ ହେବାକୁ ଛାଡିଛନ୍ତି । ବର୍ଷା ସମୟରେ ଏହି ଗୋଦଣ୍ଡା ଦେଇ ଜଳ ନିଷ୍କାସିତ ହୋଇଥାଏ । ଏହାକୁ ପୋତି ଦିଆଯାଇଥିବାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ । ଚଷ ଜମି ଗୁଡିକରେ ପାଣି ଜମି ରହୁଥିବାରୁ ଗ୍ରାମବାସୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଖରାର ପୂର୍ବତନ ସରପଞ୍ଚ ପବିତ୍ର ଉପାଧ୍ୟାୟ ଏ ସଂକ୍ରାନ୍ତରେ ଟାଙ୍ଗୀ-ଚୌଦ୍ୱାର ବିଡିଓଙ୍କୁ ଲିଖିତ ଭାବେ ଏହି ଗୋଦଣ୍ଡାକୁ ପୁନରୁଦ୍ଧାର କରିବାପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର କରିବାକୁ ଲେଖିଥିଲେ । ବିଡିଓ ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ ତହସିଲଦାର ସନ୍ଦେହଜନକ ଭାବେ ନିରବତା ଅବଲମ୍ବନ କରୁଛନ୍ତି । ଫଳରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ୨୫ଫୁଟର ଗୋଦଣ୍ଡାକୁ ପୋତି ମାତ୍ର ୫ଫୁଟ ଛାଡିଥିବାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନି । ଗ୍ରାମବାସୀମାନେ ଏଠାରେ ବିରୋଧ ପ୍ରଦର୍ଶନ କରିବା ସହିତ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଗୋଦଣ୍ଡାକୁ ଅବରୋଧ ମୁକ୍ତ ନକଲେ ଗ୍ରାମର ମହିଳାମାନେ ଆସି ଏହାକୁ ଅବରୋଧ ମୁକ୍ତ କରିବେ ବୋଲି ପବିତ୍ର ଉପାଧ୍ୟାୟ, ରବିନାରାୟଣ ମହାନ୍ତି, ରମେଶ ବେହେରା, ମନୋରଂଜନ ତିଓ୍ୱାରୀ, ନିରଞ୍ଜନ ସାମଲ, ବିଜୟ କୁମାର ବାରିକ, ପ୍ରିୟମ୍ବଦା ତିଓ୍ୱାରୀ, ସଂଯୁକ୍ତା ତିଓ୍ୱାରୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ-ଚୌଦ୍ୱାର, ୨୯/୭ (ନିପ୍ର): ଚୌଦ୍ୱାର ଗାନ୍ଧିଛକରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଭାପତି ସ୍ୱପ୍ନ ନାୟକଙ୍କ ଅଧ୍ୟକ୍ଷତାରେ ଇମ୍ଫା ଶିଳ୍ପ ସଂସ୍ଥା ଦ୍ୱାରା ନୂତନ ଭାବରେ ନିର୍ମାଣ କରାଯାଇଥିବା ସ୍ୱଚ୍ଛ ପାନୀୟ ଜଳର ଉଦ୍‌ଘାଟନ ସହିତ ଚଳିତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ପାଇଥିବା ୮ଜଣ ଶିଶୁଙ୍କୁ ସମ୍ବର୍ଦ୍ଧନା କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଅଧିକାରୀ ଭାବରେ ଇମ୍ଫାର ମୁଖ୍ୟ ମାନବ ସମ୍ବଳ ଓ ପ୍ରଶାସନିକ ଅଧିକାରୀ ସାରଦା ପ୍ରସାଦ ରାଓ ଏବଂ ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ଏବଂ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ଶିକ୍ଷାଧିକାରୀ ସରୋଜିନୀ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ଅରୁନ୍ଧତୀ ମିଶ୍ର, ଏ.ଆର.ସି ରାଜେଶ ନାୟକ ଏବଂ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ବଂଶୀଧର କାଣ୍ଡି, ସୂର୍ଯ୍ୟନାରାୟଣ ଦାସ, ସୁଜାତା ନାୟକ ଉପସ୍ଥିତ ଥିଲେ । ଶିଶୁମାନଙ୍କର ଭବିଷ୍ୟତ ଗଠନ ନିମନ୍ତେ ଈଶ୍ୱର ବିଶ୍ୱାସ, ଗୁରୁଜନ ଭକ୍ତି ଏବଂ ନିଜର କର୍ତ୍ତବ୍ୟ ସମ୍ପର୍କରେ ଅତିଥିମାନେ ମାର୍ଗଦର୍ଶନ କରି ପ୍ରେରଣା ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଂପାଦକ ଅମର କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଆଚାର୍ଯ୍ୟା ବାଣୀ ଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବିଧାୟକଙ୍କ ପ୍ରତିଶ୍ରୁତି ପାଣିର ଗାର

## ଖଟିଆ, ଭାରରେ ବୁହା ହେଉଛନ୍ତି ରୋଗୀ ଓ ପ୍ରସୂତି



କନ୍ଧମାଳ, ୨୯ ଜୁଲାଇ (ନି.ପ୍ର): ନିର୍ବାଚନ ପୂର୍ବରୁ ପୁଳାପୁଳା ପ୍ରତିଶ୍ରୁତି, ହେଲେ ଭୋଟ ପାଇବା ପରେ ଯଥା ପୂର୍ବଂ ତଥା ପରଂ । ବିଧାୟକ ଭୋଟ ପାଇବା ପୂର୍ବରୁ ସମ୍ପୃକ୍ତ ଅଂଚଳକୁ ଯାଇ କହିଥିଲେ ମୁଁ ଏବେ ଚାଲି ଚାଲି ଆସିଛି ମୋତେ ଭୋଟ ଦିଅ ମୁଁ ତୁମ ଗାଁକୁ ପକ୍କା ରାସ୍ତା କରି କାରରେ ଆସିବି । କିନ୍ତୁ, ଭୋଟ ପାଇବା ପରଠାରୁ ଆଉ ତାଙ୍କର ପାଦ ପଡ଼ିନାହିଁ ସେହି ଅଂଚଳରେ । ଏଭଳି ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିର୍ବାଚନ ମଣ୍ଡଳିର ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ଗ୍ରାମପଚାଂୟତରୁ । ଗାଁ ଠୁ ସହର ସବୁଠି ବିକାଶ କରିବା ପାଇଁ ରାଜ୍ୟ ସରକାର ଜୋରଦାର ଉଦ୍ୟମ ଚଳାଇଛନ୍ତି । ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ବିକାଶ ହୋଇଥିବା କୁହାଯାଉଛି । କିନ୍ତୁ, କନ୍ଧମାଳ ଜିଲ୍ଲାର ବାସ୍ତବ ଚିତ୍ର ଏହାର ସମ୍ପୂର୍ଣ୍ଣ ଓଲଟା । ଦେଶ ସ୍ୱାଧିନତା ହାସଲକୁ ୭୫ ବର୍ଷ ପୂରିଛି ସତ ହେଲେ କନ୍ଧମାଳ ଜିଲ୍ଲାରେ ଏବେ ବି ଏମିତି ଗାଁ ଅଛି ଯେଉଁଠି ଲୋକେ ମୌଳିକ ସମସ୍ୟା ଘେରରେ ଧନ୍ଦି ହେଉଛନ୍ତି ପ୍ରତିଦିନ । ପ୍ରଶାସନିକ ଅବହେଳା ହେଉ ଅବା ସରକାରୀ ବାବୁ ତଥା ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ଇଚ୍ଛାଶକ୍ତି ଅଭାବରୁ ଦୁର୍ଗମ ଅଂଚଳରେ ବସବାସ କରୁଥିବା ଲୋକେ ସରକାରୀ ସୁବିଧାରୁ ବଂଚିତ ରହୁଛନ୍ତି । ଗାଁକୁ ଯିବା ପାଇଁ ଭଲ ରାସ୍ତାଟିଏ ନଥିବା ବେଳେ ୨୦ ବର୍ଷ ପୂର୍ବେ ନିର୍ମିତ ପୋଲର ଉଭୟ ପାର୍ଶ୍ୱ ମାଟି ଧୋଇ ହୋଇଯାଇଥିବାରୁ ଗ୍ରାମବାସୀଙ୍କ ସମେତ କୋମଳମତି ଛାତ୍ରଛାତ୍ରୀମାନେ ବିପଦ ସଂକୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି । ଖାଲି ସେତିକି ନୁହେଁ ବରଂ ଜରୁରୀକାଳୀନ ପରିସ୍ଥିତିରେ ନଦୀ ଭିତରେ ରୋଗୀ ଓ ପ୍ରସୂତି ମହିଳାଙ୍କୁ ଖଟିଆ ଓ ଭାରରେ ବୋହି ଡାକ୍ତରଖାନାକୁ ନେଇଥାନ୍ତି ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ଗ୍ରାମପଚାଂୟତ ବ୍ରହ୍ମପାଙ୍ଗା ଗ୍ରାମର ନିରୀହ ଲୋକେ । ତିଲୋରୀ ପଚାଂୟତର ୧୦ ନମ୍ବର ୱାର୍ଡରେ ରହିଛି ବ୍ରହ୍ମପାଙ୍ଗା, ଅରାକାମ୍ବା ଓ କାଡକୁପା ଗ୍ରାମ । ୮୦ରୁ ଉର୍ଦ୍ଧ୍ୱ ପରିବାରର ୩ ଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି ଏହି ଅଂଚଳରେ । ଗ୍ରାମରୁ ଗ୍ରାମପଚାଂୟତ କାର୍ଯ୍ୟାଳୟର ଦୂରତା ପ୍ରାୟ ୬ କିଲୋମିଟର । ସେଥିମଧ୍ୟରୁ ପ୍ରାୟ ୩ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଗାଁ ମୁଣ୍ଡରେ ୨୦ ବର୍ଷ ତଳେ ପୋଲଟିଏ ନିର୍ମାଣ କରାଯାଇଥିଲା ଯାହାକି ବର୍ତମାନ ସମୟରେ ପୋଲଟିର ଉଭୟ ପାର୍ଶ୍ୱ ମାଟି ବର୍ଷାରେ ଧୋଇ ହୋଇଯାଇଛି । ଯାହାଫଳରେ ଛାତ୍ରଛାତ୍ରୀ ମାନେ ପ୍ରତିଦିନ ବିପଦ ସଂକୁଳ ଅବସ୍ଥାରେ ପାଠ ପଢିବା ପାଇଁ ସ୍କୁଲ କଲେଜକୁ ଯିବା ଆସିବା କରୁଥିବା ବେଳେ ଗ୍ରାମବାସୀ ମାନେ ଦୈନନ୍ଦିନ କାମରେ ଯିବାଆସିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗାଁକୁ ରାସ୍ତା ନଥିବା ଯୋଗୁଁ ଜରୁରୀକାଳୀନ ପରିସ୍ଥିତିରେ ୧୦୨ କିମ୍ବା ୧୦୮ ଆମ୍ବୁଲାନ୍ସ ଗ୍ରାମକୁ ଯାଇପାରେନାହିଁ । ବାର୍ଦ୍ଧକ୍ୟ ତଥା ବିଧବା ଭତା, ରାଶନ କାର୍ଡରେ ମିଳୁଥିବା ଚାଉଳ ଡାଲି ଓ କିରୋସିନ ନେବାପାଇଁ ରାସ୍ତାରେ ଚାଲିଚାଲି ଯିବାକୁ ପଡିଥାଏ । ଅନ୍ୟପକ୍ଷରେ ରାସ୍ତା ନଥିବା କାରଣରୁ ସାମାନ୍ୟ ରୋଗରେ ପିଡ଼ୀତ ରୋଗୀ ହୁଅନ୍ତୁ ଅବା ପ୍ରସୂତି ମହିଳଙ୍କୁ ଖଟିଆ ଓ ଭାରରେ ବୋହି ଡାକ୍ତରଖାନାକୁ ନେବାଆଣିବା କରୁଛନ୍ତି ଗ୍ରାମବାସୀ । ୧୦୨/ ୧୦୮ ଆମ୍ବୁଲାନ୍ସ ଗ୍ରାମକୁ ରାସ୍ତାନଥିବା କାରଣରୁ ଆସିପାରୁନଥିବାରୁ ଜରୁରୀକାଳିନ ପରିସ୍ଥିତିରେ ରୋଗୀକୁ ନଦୀ ନାଳ ଭିତରେ ଭାର କରି କାନ୍ଧରେ ବୋହି ଡାକ୍ତରଖାନାକୁ ଗ୍ରାମବାସୀ ମାନେ ନେଇଥାନ୍ତି । ୨୦୧୯ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଚାର ପ୍ରସାର ପାଇଁ ନେତା ଓ କର୍ମୀ ଗାଁରେ ପହଂଚି ପୁଳାପୁଳା ପ୍ରତିଶ୍ରୁତି ଦେଇ ଜିତିବା ପରେ ସବୁ ସମସ୍ୟାର ସମାଧାନ କରିଦେବୁ କହିଥିଲେ । କିନ୍ତୁ, ଭୋଟ ହାସଲ ପରେ ଆଜି ପର୍ଯ୍ୟନ୍ତ ତାଙ୍କର ଦେଖାମିଳିନାହିଁ ବୋଲି ଗ୍ରାମବାସୀ ମାନେ କହିଛନ୍ତି । ଅନ୍ୟପଟେ ଏନେଇ ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଂଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଏଯାବତ୍ କୌଣସି ସୁଫଳ ମିଳି ପାରିନାହିଁ । ପୋଲ ଓ ଭଲ ରାସ୍ତାଟିଏ ନିର୍ମାଣ ପାଇଁ ଗ୍ରାମବାସୀ ବିଡିଓ ଗଦାଧର ପାତ୍ରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ କେବେ ଗ୍ରାମବାସୀଙ୍କ ଦୁଃଖ ସରକାର ବୁଝିବେ ତାହା ଦେଖିବାକୁ ବାକି ରହିଲା ।

## ମଦ ମାଂସ ଭୋଜିରେ ଜମିଲା ଗଡମା ପୂର୍ତବିଭାଗ କାର୍ଯ୍ୟାଳୟ ବସନ୍ତପୁର -କଂଟୁଆର ରାସ୍ତାର ଗାର୍ଡୱାଲ ପାଇଁ ନୁହେଁ ତ ?




ଜଗତସିଂହପୁର ୨୯ ଜୁଲାଇ (ନି.ପ୍ର): ଜଗତସିଂହପୁର ପୂର୍ତବିଭାଗ ଅଧିନରେ ଥିବା ଗଡମା ସହକରୀଯନ୍ତ୍ରୀଙ୍କ ନିୟନ୍ତ୍ରଣରେ ଥିବା ଗଡମା ପୂର୍ତବିଭାଗ କାର୍ଯ୍ୟାଳୟଟି ଦୀର୍ଘଦିନ ହେବ ଯନ୍ତ୍ରୀ ଓ ଠିକାଦାରଙ୍କ ଭୋଜି ଗୃହଭାବେ ଅଂଚଳରେ ବେସ୍ ପରିଚିତ । ମାତ୍ର କିଛିଦିନ ହେବ ଏହି ସହକାରୀ ପୂର୍ତବିଭାଗ କାର୍ଯ୍ୟାଳୟଟି ରଙ୍ଗ ହେବା ସହିତ ବିଭାଗର ସାଇନବୋର୍ଡ ଲେଖାଯାଇଛି । ତେବେ ଏହି କାର୍ଯ୍ୟାଳୟର ଉନ୍ନତିକରଣ ବା ଏହାର ଅଧିନରେ କାର୍ଯ୍ୟସଂପନ୍ନ ହେଉଥିବା ଆଦର୍ଶ ବିଦ୍ୟାଳୟ ଭଳି କେତେକ ବ୍ୟୟବହୁଳ ଅଟକଳ ପ୍ରକଳ୍ପରେ ହୋଇଥିବା ଦୁର୍ନିତି ସଂର୍ପକରେ ଆମ୍ଭେ ଖୁବ୍ ଶୀଘ୍ର ପର୍ଦ୍ଦାଂାସ୍ କରିବୁ । କିନ୍ତୁ ଗତକାଲି ୨୭.୦୭.୨୨ ବୁଧବାର ଦିନ ଏହି ଗଡମା ପୂର୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦିନତମାମ୍ କବାଟକିଳା ମଦମାଂସର ଭୋଜି ଚାଲିଥିବା କଥା ଅଂଚଳବାସୀଙ୍କୁ ଚକିତ କରିଛି । ସରକାର ଯେଉଁପରି ଠିକା କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ପି.ସି ବନ୍ଦ୍ର ବାରମ୍ବାର ନିର୍ଦ୍ଦେଶ ଦେଉଛନ୍ତି, ସେହି ସରକାରରେ କେତେକ ଦୁର୍ନିତୀଗ୍ରସ୍ତ ଯନ୍ତ୍ରୀ କାମ ପରେ ପି.ସି ଆଶା କରିବା ପରିବର୍ତେ ଆଗୁଆ ପି.ସି ନେଇଯାଉଥିବା କଥା ଚର୍ଚ୍ଚାକୁ ଆସିଛି । ଏ କଥା ଆମ୍ଭେ କହୁ ନାହୁଁ ଏ କଥା ପ୍ରମାଣ କରୁଛି ଗତକାଲି ଗଡମା ପୂର୍ତ କାର୍ଯ୍ୟାଳୟର ମଦମାଂସ ଭୋଜିପରର ଘଟଣା । ଭୋଜି ପରେପରେ ଗଡମା କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଓ 'କୀରପଡା ପୂର୍ତ କାର୍ଯ୍ୟାଳୟର ନିର୍ବାହୀଯନ୍ତ୍ରୀଙ୍କ ସହ ଦୁଇ ଠିକାଦାରଙ୍କ ଗୁପ୍ତ ବୁଝାମଣାକୁ ଲୋକେ ଠିକ୍ ବୁଝିପାରିଥିଲେ । ବିଶେଷ ସୂତ୍ରରୁ ଜଣାପଡିଥିଲା ଯେ ଏହି ଭୋଜି ବ୍ୟବସ୍ଥା ମଧ୍ୟରେ ଜୁଲାଇ ମାସ ଶେଷରେ ବସନ୍ତପୁର-କଂଟୁଆର ରାସ୍ତାର ଗାର୍ଡୱାଲ କାମକୁ ଦୁଇ ଠିକାଦାର ହାତେଇ ନେଇଛନ୍ତି । ଭୋଜିର ଉଦ୍ଦେଶ୍ୟ ଦରାଣ୍ଡୁଥିବା କିଛି କର୍ମଚାରୀ ଏହା ବିଭାଗୀୟ ଯନ୍ତ୍ରୀଙ୍କ କାମବିକ୍ରିର ଦିନ ଥିଲା ବୋଲି ନିଜନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ଗତକାଲିର ଗଡମା କାର୍ଯ୍ୟାଳୟରେ ଭୋଜିର ଆୟୋଜନ କରିଥିବା ରଘୁନାଥପୁର ଅଂଚଳର ଚର୍ଚ୍ଚିତ ଠିକାଦାରଦ୍ୱୟ ଗତ ଦୁଇମାସ ପୂର୍ବେ କଟକ-ପାରାଦ୍ୱୀପ ରାସ୍ତାର(ଗଡମା-ଜଇପୁର)ଉଭୟ ପାର୍ଶ୍ୱରେ ସାମାନ୍ୟ ମାଟି, ନାଳି ମୋହୋରମ୍ ଛିଂଚି ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏହି ବିଭାଗରୁ ଉଠାଇ ନେଇଛନ୍ତି । ଉକ୍ତ ସରକାରୀ କର୍ତୃପକ୍ଷ ସଂପୃକ୍ତ ଯନ୍ତ୍ରୀଙ୍କ କାର୍ଯ୍ୟ ପରିସରକୁ ତଦନ୍ତ କଲେ ବହୁ ଦୁର୍ନୀତିର ପର୍ଦ୍ଦାଫାସ୍ ହୋଇପାରିବ ।

## ୩୧ରେ ରାଜ୍ୟସ୍ତରୀୟ ମହିଳା ପାଇକ ଆଖଡା ସମାବେଶ, ଜନଗର୍ଜନ ଶୋଭାଯାତ୍ରା




ଭୁବନେଶ୍ୱର, ୨୯ ଜୁଲାଇ – ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ଆସନ୍ତା ଜୁଲାଇ ୩୧ ତାରିଖରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ମହିଳା ପାଇକ ସମାବେଶ, ଶୋଭାଯାତ୍ରା, ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସାଧାରଣ ସମ୍ପାଦକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ ଓ ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ପାଇକ ବାହିନୀ, ପାଇକ ଆଖଡ଼ା ଦଳ ତଥା ଦଳପତିମାନେ ଯୋଗଦେବେ । ଉକ୍ତ ଦିନ ମହିଳା ପାଇକ ବାହିନୀ ପାଇକ ଆଖଡ଼ା ପ୍ରଦର୍ଶନ କରି ପୁରୁଣା ବସଷ୍ଟାଣ୍ଡରୁ ବାହାରି ଜୟଦେବ ଭବନରେ ପହଂଚିବା ପରେ ସେଠାରେ ବିଜୟ ଉତ୍ସବ ପାଳନ କରିବା ସହିତ ସମଗ୍ର ରାଜ୍ୟରୁ ଆସିଥିବା ପାଇକ ସର୍ଦ୍ଦାର, ପାଇକ ଗୁରୁ, ପାଇକ ଆଖଡ଼ା ଦଳର ଅଧିନାୟକ ତଥା ସାମରିକ ପରମ୍ପରାର ଗବେଷକ ଓ ଦଳେଇ, ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏଥିସହିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ଦେଶ୍ୟରେ କୃତଜ୍ଞତା ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ ପାଇକ ଆଖଡ଼ା ମହାସଂଘର ସାଧାରଣ ସମ୍ପାଦକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୧୭ ମସିହାର ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତି ଉତ୍ସବ ପାଳନର ଉଦ୍‌ଯାପନ ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇର ପାଦଦେଶରେ ଏକ ବିଶାଳ ସ୍ମୃତିସ୍ତମ୍ଭ ତଥା ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ରାଜ୍ୟ ସରକାର ବରୁଣେଇ ପାଦ ଦେଶରେ ପ୍ରାୟ ୩୨ କୋଟି ଟଙ୍କାର ୧୦ ଏକର ଜାଗାକୁ ବିନା ମୂଲ୍ୟରେ ଯୋଗାଇ ଦେଇଛନ୍ତି । ଅନୁରୂପ ଭାବରେ କେନ୍ଦ୍ର ସରକାର ୧୯୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଯାଇଛି ।

## ମାଓବାଦୀଙ୍କ ଶହୀଦ ସପ୍ତାହ, ଜୟପୁର ଜୋନରୁ ୧୨ଟି ରୁଟରେ ସରକାରୀ ବସ୍ ଚଳାଚଳ ବନ୍ଦ

ଜୟପୁର, ୨୯ ଜୁଲାଇ (ନି.ପ୍ର): ମାଓବାଦୀ ମାନେ ଶହୀଦ ସପ୍ତାହ ପାଳନ କରୁଥିବାରୁ କୋରାପୁଟ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି । ଜୟପୁର- ମାଲକାନଗିରି ବସ୍ ସେବା ସଂପୁର୍ଣ୍ଣ ଠପ୍ ହୋଇଯାଇଛି । ଜୟପୁର ଜୋନର ପାଖା ପାଖି ୧୨ଟି ରୁଟରେ ଓ ବିଜୟନଗରମ ଜୋନରୁ ୩ଟି ରୁଟରେ ବସ ଚଳାଚଳ ସମ୍ପୁର୍ଣ୍ଣ ବନ୍ଦ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ୩୪ ରୁ ଅଧିକ ସରକାରୀ ବସ ଚଳାଚଳକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି । ୨୭ ତାରିଖ ରାତ୍ରରୁ ସରକାରୀ ବସ୍ ଚଳାଚଳ ପ୍ରଭାବିତ ହୋଇଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।୨୮ ତାରିଖ ଠାରୁ ମାଓବାଦୀଙ୍କ ଶହୀଦ ସପ୍ତାହ ଆରମ୍ଭ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ସରକାରୀ ବସ ବନ୍ଦ କରାଯାଇଛି । ମାଲକାନଗିରି ଜିଲା ରୁଟ ରେ ୨୦ଟି ସରକାରୀ ବସ୍ ବନ୍ଦ ରଖାଯାଇ ଥିବା ବେଳେ ପାରଳାଖେମୁଣ୍ଡି- ଫୁଲବାଣି ରୁଟ ରେ ୪ଟି ବସ୍ ବନ୍ଦ କରାଯାଇଛି । କୋଟିଆ ରୁଟରେ ୨ଟି ପାର୍ବତିପୁରମ ଗୋଟିଏ, କାଶିପୁର ଦୁଇଟି, ଭଦ୍ରାଚଳମ ଦୁଇଟି, ଗୁଣୁପୁର ଦୁଇଟି ଓ ଭାୟା ରାୟଗଡା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱରକୁ ଯାଉଥିବା ୮ଟି ବସ କୁ ସଂମ୍ପୁର୍ଣ୍ଣ ବନ୍ଦ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ମାଲକାନଗିରି ଜିଲା ମୋଟୁ ଠାରୁ ବିଶାଖାପାଟଣା ଦୁଇଟି ସେହିପରି ଉକ୍ତ ଜିଲାରୁ ଆନ୍ଧ୍ର ଯାଉଥିବା ୬ଟି ବସ ବନ୍ଦ କରାଯାଇଛି । ବ୍ରହ୍ମପୁର, ଭୁବନେଶ୍ୱର ଠାରୁ କୋରାପୁଟ- ମାଲକାନଗିର ପାଇଁ ଆସୁଥିବା ୧୫ଟି ବସ, ଭବନାପାଟଣାରୁ-ମୋଟୁ ଦୁଇଟି ବସ ବନ୍ଦ ରହିଛି । ଇନ୍ଦ୍ରାବତୀ- ଚିତ୍ରକୋଣ୍ଡା ରୁଟ ରେ ୨ଟି , କାଶିପୁର ଭାୟା ଦଶମନ୍ତପୁର ରୁଟ ରେ ୨ଟି, ଭବାନିପାଟଣା- ମାଲକାନଗିରି, ନିଳାଦ୍ରିନଗର, ଫୁଲବାଣି ରୁଟ ମଧ୍ୟରେ ଏପରି ଭାବେ ୩୫ ରୁଟ ରେ ୪୦ ରୁ ଅଧିକ ସରକାରୀ ଗାଡି ବନ୍ଦ ହୋଇଛି । ଏହି ବସ କୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## ଦାଦନ ଖଟିବାକୁ ଯାଇ ମହାରାଷ୍ଟ୍ରରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ଘରେ ପହଂଚିଲା ପଚାଂୟତ ପ୍ରଶାସନ



ବଲାଙ୍ଗିର, ୨୯ ଜୁଲାଇ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭୁର୍ସାଗୁଡା ପଚାଂୟତ ମୁଖ୍ୟାଳୟର ଅର୍ଜୁନ ସାହୁଙ୍କ ପୁଅ ଗଜାନନ ସାହୁ ଦାଦନ ଖଟିବାକୁ ଯାଇ ମହାରାଷ୍ଟ୍ରରେ ପ୍ରାଣ ହରାଇଥିବା ବେଳେ ସୋମବାର ଭୁର୍ସାଗୁଡା ପଚାଂୟତ ପ୍ରଶାସନ ତରଫରୁ ମୃତକଙ୍କ ପରିବାରବର୍ଗଙ୍କୁ ୫୦ କେଜି ଚାଉଳ, ଶାଢ଼ୀ ଏବଂ ହରିଶ୍ଚନ୍ଦ୍ର ଯୋଜନାର ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଆସନ୍ତା ଦିନରେ ଏହି ପରିବାରକୁ ସରକାରଙ୍କ ନିୟମାନୁଯାୟୀ ଆହୁରି ଯୋଜନାରେ ସାମିଲ କରାଯାଇ ସାହାଯ୍ୟ କରାଯିବ ବୋଲି ଭୁର୍ସାଗୁଡା ସରପଂଚ ପୁଷ୍ପାଞ୍ଜଳୀ ଛୁରା କହିଛନ୍ତି । ପ୍ରକାଶ ଥାଉକି, କିଛିଦିନ ତଳେ ଗଜାନନ ପରିବାର ପ୍ରତିପୋଷଣ ପାଇଁ ଭିଟାମାଟି ଛାଡି ସୁଦୁର ମହାରାଷ୍ଟ୍ର କୁ ଦାଦନ ଖଟି ଯାଇଥିଲେ । କିନ୍ତୁ, କାମ କରୁଥିବା ସମୟରେ ସେ ଦଶ ମହଲା କୋଠା ଉପରୁ ଖସି ପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ମହାରାଷ୍ଟ୍ରର ଏମଜିଏମ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ଗତ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା । ସେ ଦୁଇ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଏକ ଶିଶୁକନ୍ୟା ଅଛି । ଗଜାନନଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ସେଠାକୁ ଯାଇଥିଲେ । ହେଲେ ଅର୍ଥାଭାବ ଯୋଗୁଁ ଶବ ଆଣି ନ ପାରି ସେଠାରେ ହିଁ ଶେଷକୃତ୍ୟ କରିଥିଲେ ।

## ବାଣିଜ୍ୟିକ ଏବଂ ଅଣ ଭଡ଼ା ରାଜସ୍ୱ କଣ୍ଟ୍ରାକ୍ଟ (ଚୁକ୍ତିନାମା) ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେ ଇ-ନିଲାମ ସିଷ୍ଟମ୍

- ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟ କୁ ବୃଦ୍ଧି କରିବା ପାଇଁ ଏକ ପଦକ୍ଷେପ
- ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍ ପାଇଁ ଅଧିକ ବ୍ୟବସାୟ ସୁଯୋଗ
- ଅନଲାଇନ୍ ଏବଂ କାଗଜହୀନ ପ୍ରକ୍ରିୟା

ଖୋର୍ଦ୍ଧା ,୨୯ ଜୁଲାଇ (ନି.ପ୍ର): କ୍ଷୁଦ୍ର ଉଦ୍ୟୋଗୀ ଏବଂ ଷ୍ଟାର୍ଟ ଅପ୍ ମାନଙ୍କର କାର୍ଯ୍ୟକ୍ରମ ରେ ବୃଦ୍ଧି କରିବା ପାଇଁ, ଭାରତୀୟ ରେଳବାଇ ଏହାର ବାଣିଜ୍ୟିକ ରୋଜଗାର ଏବଂ ଭଡା ନଥିବା ରାଜସ୍ୱ ଚୁକ୍ତିନାମା ପାଇଁ ଇ-ନିଲାମ ବ୍ୟବସ୍ଥା ଆରମ୍ଭ କରିଛି । ଟେକ୍ନୋଲୋଜି ବ୍ୟବହାର କରି ସାଧାରଣ ଲୋକଙ୍କ ଅଭିଜ୍ଞତାକୁ ପରିବର୍ତନ କରିବା ଡିଜିଟାଲ୍ ଇଣ୍ଡିଆ ଅଧୀନରେ ଏକ ଅନ୍ତର୍ନିହିତ କାର୍ଯ୍ୟ ଅଟେ । ସ୍ୱଚ୍ଛତା, ଦକ୍ଷତା ଏବଂ ବ୍ୟବସାୟ କରିବାର ସହଜତା ସହିତ ଏହା ଏକ ନୂତନ ନୀତି । ଏହି ଇ-ନିଲାମ ବ୍ୟବସ୍ଥା ସହିତ ଟେଣ୍ଡରର ବିଳମ୍ବିତ ପ୍ରକ୍ରିୟା ସରଳୀକୃତ ହେବ । ଇ-ନିଲାମ ପାଇଁ ରୋଜଗାର କରୁଥିବା ସମ୍ପତ୍ତି ହେଉଛି ପାର୍ସଲ୍ ଭ୍ୟାନ୍, ଦେୟ ସହିତ ଶୌଚାଳୟ ବ୍ୟବହାର, ଷ୍ଟେସନ୍ ପରିସରରେ ବିଜ୍ଞାପନ ଅଧିକାର ଏବଂ କୋଚ୍, ଶୀତତାପ ନିୟନ୍ତ୍ରିତ ପ୍ରତୀକ୍ଷାଳୟ, ପୋଷାକ ପରିଧାନ କୋଠରୀ, ପାର୍କିଂ ସ୍ଥାନ, ପ୍ଲାଷ୍ଟିକ୍ ବୋତଲ କ୍ରସର, ଏଟିଏମ୍, ଷ୍ଟେସନ୍ ଚାହିଦା ବିଷୟବସ୍ତୁ ପାଇଁ ଷ୍ଟେସନ ବ୍ରାଣ୍ଡିଂ, ଭିଡିଓ ସ୍କ୍ରିନ୍ ଇତ୍ୟାଦି ଇ-ନିଲାମ ପ୍ରକ୍ରିୟାରେ ଦେଶର ଯେକୌଣସି ସ୍ଥାନରୁ ଜଣେ ବିଡର ପୋର୍ଟାଲ ମାଧ୍ୟମରେ ଭାରତୀୟ ରେଳବାଇର ଯେକୌଣସି ଫିଲ୍ଡ ୟୁନିଟର ନିଲାମରେ ଅଂଶଗ୍ରହଣ କରିବା ପାଇଁ ଥରେ ଆତ୍ମ-ପଞ୍ଜିକରଣ କରିବା ଆବଶ୍ୟକ । ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଚୁକ୍ତିନାମା ପାଇଁ କୌଣସି ଆର୍ଥିକ କାରବାର ଆବଶ୍ୟକତା ନାହିଁ । ଜଣେ ସଫଳ ବିଡର ଅନଲାଇନ୍ ଏବଂ ଇ-ମେଲ୍ ମାଧ୍ୟମରେ ଖୁବ୍ କମ୍ ସମୟ ମଧ୍ୟରେ ଗ୍ରହଣ କରିବାକୁ ସମର୍ଥ ହେବେ ଏବଂ ଏହିପରି କାଗଜହୀନ ପ୍ରକ୍ରିୟାରେ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରି ପାରିବେ । ଏହି ଇ-ନିଲାମ ପ୍ରକ୍ରିୟା ଯୋଗୁଁ, ଚୁକ୍ତିଗୁଡିକର ଉତ୍ତମ ତଦାରଖ ସହିତ ଟେଣ୍ଡରଗୁଡିକ ତୁରନ୍ତ ଶେଷ ହେବ । ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପକୁ ବଢାଇବା ପାଇଁ ଚୁକ୍ତିନାମା ଡିଜିଟାଲ୍ ସ୍ୱାକ୍ଷରିତ ହେବ । ଇ-ନିଲାମ ସିଷ୍ଟମ ମାଧ୍ୟମରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ କାର୍ଯ୍ୟ ଆରମ୍ଭ କରିସାରିଛି । ଅନେକ ବାଣିଜ୍ୟିକ ଏବଂ ଅଣ ଭଡା ରାଜସ୍ୱ ଚୁକ୍ତିନାମା ପୋର୍ଟାଲରେ ଅପଲୋଡ୍ ହୋଇଛି । ଇ-ନିଲାମ ବ୍ୟବସ୍ଥାର ଲାଭ ଉଠାଇବାକୁ ଡିଭିଜନ୍ ସମ୍ପୃକ୍ତ ସମସ୍ତଙ୍କୁ ନିବେଦନ କରୁଛି । ଆଗ୍ରହୀ ବ୍ୟକ୍ତିମାନେ ଅଧିକ ସୂଚନା ପାଇଁ ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳ ର ଇ-ନିଲାମର ତାରିଖ ପାଇଁ IREPS ୱେବସାଇଟ୍ www.ireps.gov.in କୁ ଦେଖି ପାରନ୍ତି । ଇ-ନିଲାମରେ ଅଂଶଗ୍ରହଣ ବିଷୟରେ କୌଣସି ପ୍ରଶ୍ନ ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ର ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକଙ୍କୁ ଯୋଗାଯୋଗ କରାଯାଇପାରିବ ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା